

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୬ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 06 DECEMBER 2021
Vol.No. 32 ■ No. 311 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର୍ ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଟଳିଲା ବିପଦ : ପଶ୍ଚିମବଙ୍ଗ ମୁହାଁ ହେଲା ବାତ୍ୟା ଜୱାଦ



ଭୁବନେଶ୍ୱର,୦୫/୧୨(ନି.ପ୍ର): ସମୁଦ୍ର ଭିତରେ ବାତ୍ୟା ଜୱାଦ ଦୁର୍ବଳ ହୋଇ ଉପକୂଳ ଜିଲ୍ଲାଗୁଡିକରେ ବର୍ଷା କରି ଶେଷରେ ପଶ୍ଚିମବଙ୍ଗ ଆଡକୁ ମୁହାଁଇଗଲା । ସମୁଦ୍ର ଭିତରେ ବାତ୍ୟାର ରୂପ ନେବା ପରେ ସେହି ଭିତରେ ହିଁ ତୀବ୍ର ଅବପାତ ଓ ପରେ କେବଳ ଅବପାତ ଅର୍ଥାତ ସାଧାରଣ ଡିପ୍ରେସନରେ ପରିଣତ ହୋଇଛି । ତେବେ ଏହି ବାତ୍ୟା ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା, ଯାହାର ସଠିକ୍ ପୂର୍ବାନୁମାନ ସମ୍ଭବ ହୋଇ ପାରିନଥିଲା । ପାଣିପାଗ ବିଜ୍ଞାନୀମାନେ ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ି ଯାଇଥିଲେ । ତେବେ ଉପକୂଳ ଇଲାକାରେ ଲଗାଣ ବର୍ଷା କାରଣରୁ ବ୍ୟାପକ ଫସଲ ନଷ୍ଟ ହୋଇଛି । ତେବେ ଯେଉଁ ପୁରୀରେ ଆଜି ବାତ୍ୟାର ଭୟ ଥିଲା, ସେଠାରେ ଲୋକେ ଅପରାହ୍ନରେ ବାହାରକୁ ବାହାରି ବାତ୍ୟା ପାଗର ମଜା ନେଇଥିଲେ । ରବିବାର ମଧ୍ୟାହ୍ନରେ ପୁରୀ ଅଞ୍ଚଳରେ ବାତ୍ୟା ଜୱାଦ ମାଡ଼ କରିବ ବୋଲି ପୂର୍ବାନୁମାନ କରାଯାଉଥିଲା । କିନ୍ତୁ ଅପରାହ୍ନରେ ପୁରୀ ସମୁଦ୍ର କୂଳର ଦୃଶ୍ୟ ସମ୍ପୂର୍ଣ୍ଣ ଅଲଗା ଥିଲା । ଲୋକେ ସମୁଦ୍ର କୂଳର ମଜା ନେଇଥିଲେ । କାରଣ ବାତ୍ୟା ଭୟ ସମ୍ପୂର୍ଣ୍ଣ ଦୂର ହୋଇ ଯାଇଥିଲା । ତେବେ ସକାଳୁ ପାଗ ଏମିତି ହୋଇଥିଲା, ଯାହା ପୂର୍ବ ବାତ୍ୟାକୁ ମନେ ପକାଇ ଦେଉଥିଲା । ଓଡ଼ିଶାର ସମସ୍ତ ଉପକୂଳ ଜିଲ୍ଲା ଗୁଡିକରେ ବର୍ଷା ଲାଗି ରହିଥିଲା । ତେବେ ପବନର ବେଗ କମ ଥିଲା । ୪୫ରୁ ୫୫ କିଲୋମିଟର ବେଗରେ ପବନ ହେଉଥିବା ବେଳେ କେବେ କେବେ ୬୫ କିଲୋମିଟରର ଝଟକା ଦେଉଥିଲା । ତୀବ୍ର ଅବପାତରେ ପରିଣତ ହୋଇ ବାତ୍ୟା ଯେତିକି ଉପକୂଳର ନିକଟବର୍ତି ହେଉଥିଲା, ସେତିକି ଦୁର୍ବଳ ହେଉଥିଲା । ସମୟ ଗଡିବା ସହ ବର୍ଷା ଓ ପବନ ପରିମାଣ ବି ଧୀରେ ଧୀରେ ହ୍ରାସ ପାଇଥିଲା । ସାଢ଼େ ୨ଟା ବେଳକୁ ଡିପ୍ରେସନ ବା ଅବପାତର ରୂପ ନେଇ ଉତ୍ତର-ଉତରପୂର୍ବ ଦିଗରେ ଗତି କରି ପଶ୍ଚିମବଙ୍ଗ ଉପକୂଳ ମୁହାଁ ହୋଇଥିଲା ଜୱାଦ । ସ୍ଥଳଭାଗ ନଛୁଇଁ ଚାଲିଗଲା ବାତ୍ୟା । ଫସଲ ଉଜାଡ଼ିଦେଲା ଲଗାଣ ବର୍ଷା । ଗତ ୨୪ ଘଣ୍ଟାରେ ପାରାଦୀପରେ ସବୁଠୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଅବପାତର ରୂପ ନେଇ ଓଡ଼ିଶା ଉପକୂଳରୁ ପଶ୍ଚିମବଙ୍ଗ ଉପକୂଳ ଆଡକୁ ମୁହାଁଇଛି ଜୱାଦ । ସୋମବାର ସକାଳ ସୁଦ୍ଧା ଏହା ଆହୁରି ଦୁର୍ବଳ ହୋଇ ଅବପାତରୁ ୱେଲ୍ ମାର୍କ ଲୋ ପ୍ରେସର ବା ସୁଦୃଶ୍ୟ ଲଘୁଚାପରେ ପରିଣତ ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

## ଜର୍ମାନୀକୁ ୪-୨ ଗୋଲରେ ହରାଇ ଜୁନିୟର ହକି ବିଶ୍ୱକପ୍ ଚାମ୍ପିୟନ ହେଲା ଆର୍ଜେଣ୍ଟିନା



ଭୁବନେଶ୍ୱର,୦୫/୧୨(ନି.ପ୍ର): ଜୁନିୟର ହକି ବିଶ୍ୱକପ୍ ଚାମ୍ପିୟନ୍ ହେଲା ଆର୍ଜେଣ୍ଟିନା । ରବିବାର ଜର୍ମାନୀକୁ ୪-୨ ଗୋଲରେ ହରାଇ ଜୁନିୟର ହକି ବିଶ୍ୱକପ୍ ଚାମ୍ପିୟନ ହୋଇଛି ଆର୍ଜେଣ୍ଟିନା । ଆଜି ଦୁଇ ଦଳ ଚାମ୍ପିୟନ ହେବା ପାଇଁ କଳିଙ୍ଗ ଷ୍ଟାଡିୟମରେ ମୁହାଁମୁହିଁ ହୋଇଥିଲେ । ଯେଉଁଥିରେ ବାଜି ମାରିଛି ଆର୍ଜେଣ୍ଟିନା ଦଳ । ଏଥିସହିତ ଶେଷ ହୋଇଛି ଜୁନିୟର ହକି ମହାକୁମ୍ଭ । ନଭେମ୍ବର ୨୪ ତାରିଖରୁ ଆରମ୍ଭ ହେଇଥିବା ଏହି ମହାକୁମ୍ଭର ଆଜି ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା ଅର୍ଜେଣ୍ଟିନା ଓ ଜର୍ମାନୀ ମଧ୍ୟରେ। ତେବେ ଫାଇନାଲ ମ୍ୟାଚ ବେଶ ରୋମାଞ୍ଚକର ଥିଲା । ଖେଳର ପ୍ରଥମ କ୍ୱାଟର୍ ଓ ଦ୍ୱିତୀୟ କ୍ୱାଟରରେ ଗୋଟିଏ ଲେଖାଏଁ ଗୋଲ କରି ଜର୍ମାନୀକୁ ପ୍ରେସରରେ ପକେଇଥିଲା, କିନ୍ତୁ ଜର୍ମାନୀ ଦ୍ୱିତୀୟ ହାଫରେ ଜବରଦସ୍ତ କମ୍ ବ୍ୟାକ୍ କରିଥିଲା। ଉଭୟ ଥାର୍ଡ ଓ ଫୋର୍ଥ କ୍ୱାଟର୍ ରେ ଗୋଟିଏଁ ଲେଖାଏଁ ଗୋଲ କରି ସ୍କୋର ବରାବର କରିଥିଲା। ପରବର୍ତ୍ତୀ ସମୟରେ ଆର୍ଜେଣ୍ଟିନା ଆଉ ଏକ ଗୋଲ ସ୍କୋର କରି ୩-୨ରେ ଲିଡ୍ କରିଥିଲା। ଆର୍ଜେଣ୍ଟିନା ତରଫରୁ ହାଟ୍ରିକ ଗୋଲ କରିଥିଲେ ଲୋଟାରୋ ଡୋମେନ । ଜର୍ମାନୀ ତରଫରୁ ହେନର ଜୁଲିଅସ ଏବଂ ଫାନ୍ଦଟ ମେସି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହା ସହିତ ୧୬ ବର୍ଷର ବ୍ୟବଧାନ ପରେ ଅର୍ଜେଣ୍ଟିନା ଦ୍ୱିତୀୟ ଥର ଟାଇଟଲ ହାତେଇଛି ।

## ଝରକାରେ କବାଟ ନଥିବାରୁ ୱାର୍ଡରେ ପଶିଯାଉଛି ପାଣି

ପୁରୀ, ୦୫/୧୨ (ନି.ପ୍ର): ଝରକାରେ ମାରୁଛି ବର୍ଷା ଛିଟିକା, ଆଉ ଛତା ତଳେ ଚାଲିଛି ରୋଗୀ ସେବା । ଏହି ଘଟଣା କେଉଁ ଉପାନ୍ତ ଅଞ୍ଚଳର ନୁହେଁ, ଏହା ଆସିଛି ଉପକୂଳ ଓଡିଶାରୁ । ପୁରୀ ଜିଲ୍ଲା ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଥିବା ଏହି ଘଟଣା ସ୍ମାର୍ଟ ସ୍ୱାସ୍ଥ୍ୟ ସେବାର କଥା କହୁଛି । ଝରକାରେ କବାଟ ନାହିଁ । ଡାକ୍ତରଖାନା ଭିତରକୁ ବର୍ଷା ପାଣି ଛିଟିକା ମାରୁଛି । ଚଟାଣରେ ପାଣି ପଡୁଥିବା ବେଳେ ପବନ ରୋଗୀଙ୍କୁ ଅସ୍ତବ୍ୟସ୍ତ କରୁଛି । ଜଣେ ମହିଳା ରୋଗୀ ଜ୍ୱରରେ ପୀଡିତ ହୋଇ ଡାକ୍ତରଖାନାକୁ ଆସିଛନ୍ତି । ତାଙ୍କୁ ସାଲାଇନ୍ ଦିଆଯାଉଛି । ଆଉ ତାଙ୍କ ମୁଣ୍ଡ ଉପରେ ଏକ ଛତା ରଖାଯାଇଛି । କାରଣ ଝରକା ପଟୁ ପାଣି ଛିଟିକା ମାରୁଛି, ଥଣ୍ଡା ପବନ ବି ଆସୁଛି । ତେଣୁ ରୋଗୀଙ୍କ ଚିକିତ୍ସା ଏମିତି ଛତା ତଳେ କରାଯାଉଛି । ଏଭଳି ଘଟଣା ଏବେ ରାଜ୍ୟର ସ୍ୱାସ୍ଥ୍ୟସେବା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଆମ ଦଳ ଜିତିଲେ ପ୍ରତି ମହିଳାଙ୍କୁ ମାସକୁ ୧୦୦୦ ଟଙ୍କା ଦିଆଯିବ: କେଜ୍ରିୱାଲ

ପାଣାଜୀ, ୦୫/୧୨ (ନି.ପ୍ର): ଗୋଆରେ ନିର୍ବାଚନୀ ପ୍ରତିଶ୍ରୁତି ଦେଇଛନ୍ତି ଆମ ଆଦମି ପାର୍ଟି ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଗୋଆରେ ଆପ୍ ଜିତିଲେ ପ୍ରତି ମହିଳାଙ୍କୁ ମାସକୁ ୧୦୦୦ ଟଙ୍କା ଦିଆଯିବ ବୋଲି ସେ କହିଛନ୍ତି। ନାଭେଲିମରେ ଏକ ଜନସମାବେଶକୁ ସମ୍ବୋଧିତ କରି କେଜ୍ରିୱାଲ କହିଛନ୍ତି, ମହିଳାମାନଙ୍କ ପାଇଁ ଗୃହ ଆଧାର ଯୋଜନାରେ ମାସକୁ ୧୫୦୦ ରୁ ୨୫୦୦ ଟଙ୍କା ପ୍ରଦାନ କରାଯିବ। ୧୮ବର୍ଷରୁ ଅଧିକ ପ୍ରତ୍ୟେକ ମହିଳାଙ୍କୁ ମାସିକ ୧୦୦୦ଟଙ୍କା ଦିଆଯିବ। ଏହା ସବୁଠାରୁ ପ୍ରଭାବଶାଳୀ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ହେବ ବୋଲି ▶▶ପୃଷ୍ଠା ୭

## ଦିଲ୍ଲୀକୁ ଡେଇଁଲା ଓମିକ୍ରନ



ନୂଆଦିଲ୍ଲୀ,୦୫/୧୨: ଦେଶର ରାଜଧାନୀରେ ଦିଲ୍ଲୀକୁ ଡେଇଁଲା ଓମିକ୍ରନ । ଦିଲ୍ଲୀରେ ଜଣେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆଉ ଏନେଇ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ସ୍ପଷ୍ଟ କରିଛନ୍ତି । ଉକ୍ତ ଆକ୍ରାନ୍ତ ଜଣକ ଏଲଏନଜେପି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ସତ୍ୟେନ୍ଦ୍ର ଜୈନ କହିଛନ୍ତି, ବିଦେଶରୁ ଆସିଥିବା ୧୨ ଜଣ ସନ୍ଦିଗ୍ଧଙ୍କ ସଂକ୍ରମିତଙ୍କ ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଥିଲା । ଯେଉଁମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ସାମାନ୍ୟ କରୋନା ହୋଇଥିବା ବେଳେ ଜଣଙ୍କ ଠାରେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛି । ସଂକ୍ରମିତ ଯୁବକ ଜଣ ଆଫ୍ରିକୀୟ ଦେଶ ତାଞ୍ଜାନିଆରୁ ଭାରତ ଆସିଛନ୍ତି । ଏହାଛଡା ଉକ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କର ମଧ୍ୟ ଜିନୋମ ସିକ୍ୱେନ୍ସିଂ କରାଯାଇଛି । ଏବେ ସୁଦ୍ଧା ଦେଶରେ ୫ ଜଣ ଓମିକ୍ରନ ଭାରିଆଣ୍ଟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯେଉଁମାନଙ୍କ ମଧ୍ୟରେ କର୍ଣ୍ଣାଟକରୁ ୨ ଜଣ, ଗୁଜୁରାଟ ଓ ମହାରାଷ୍ଟ୍ରରୁ ଜଣେ ଲେଖାଏଁ ଏବଂ ଦିଲ୍ଲୀରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ମୁତାବକ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ଚୀନ, ମରିସସ୍, ନ୍ୟୁଜିଲ୍ୟାଣ୍ଡ. ଜିମ୍ବାୱେ, ସିଙ୍ଗାପୁର, ହଂକଂ ଓ ଇସ୍ରାଏଲକୁ କେନ୍ଦ୍ର ସରକାର 'ହାଇ ରିସ୍କ' ତାଲିକା ଅନ୍ତର୍ଭୁକ୍ତ କରିଛନ୍ତି । ଏଠାରୁ ଫେରୁଥିବା ଯାତ୍ରୀଙ୍କୁ ଆରଟିପିସିଆର ଟେଷ୍ଟ କରିବା ଜରୁରୀ । ଟେଷ୍ଟର ରିପୋର୍ଟ ଆସିବା ପରେ ହିଁ ଏମାନଙ୍କୁ ବିମାନବନ୍ଦରରୁ ଯିବାକୁ ଅନୁମତି ମିଳିବ । ଏହା ବ୍ୟତୀତ ବାକି ଦେଶରୁ ଆସୁଥିବା ଯାତ୍ରୀଙ୍କୁ ମଧ୍ୟ ବିମାନବନ୍ଦରରେ ଯାଞ୍ଚ କରି ଛଡାଯାଉଛି ।

## ନାଗାଲାଣ୍ଡରେ ସେନା ଗୁଳିମାଡ଼ରେ ଗ୍ରାମର ୧୩ ଜଣ ଏବଂ ଜଣେ ଯବାନଙ୍କ ମୃତ୍ୟୁ : ୬ ଜଣ ଆହତ



କୋହିମା, ୦୫/୧୨ (ନି.ପ୍ର): ଶନିବାର ରାତି ପ୍ରାୟ ୪ଟା ସମୟରେ ଦେଶର ଉତର-ପୂର୍ବ ରାଜ୍ୟ ନାଗାଲାଣ୍ଡରେ ସେନା ଗୁଳି ଚଳାଇବାରୁ ୧୩ ଜଣ ଗ୍ରାମବାସୀ ଏବଂ ଜଣେ ଯବାନଙ୍କ ମୃତ୍ୟୁ ଘଟିଛି । ମୋନ ଜିଲ୍ଲାର ଓଟିଙ୍ଗର ତିରୁ ଗାଁରେ ଏହି ଘଟଣା ଘଟିଛି । କ୍ରୋଧିତ ଲୋକମାନେ ସୁରକ୍ଷା ବାହିନୀର ଅନେକ ଗାଡ଼ିରେ ନିଆଁ ଲଗାଇବାକୁ ଚେଷ୍ଟା କରିଥିଲେ । ଏହି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନେଫ୍ୟୁ ରିଓ ନିର୍ଦ୍ଦେଶ ଦେଇଛନ୍ତି । ସେ ଅନୁସନ୍ଧାନ ପାଇଁ ଏସଆଇଟି ଗଠନ କରିଛନ୍ତି । କୁହାଯାଇଛି ଯେ, କିଛଇ ଲୋକ ପିକ୍ଅପ୍ (ମିନି ଟ୍ରକ୍) ଦ୍ୱାରା ତିରୁ ଗାଁକୁ ଫେରୁଥିଲେ । ଯେତେବେଳେ ଏହି ଲୋକମାନେ ଗାଁକୁ ଫେରି ନଥିଲେ, ସ୍ୱେଚ୍ଛାସେବୀମାନେ ସେମାନଙ୍କୁ ଖୋଜିବାକୁ ବାହାରକୁ ଯାଇଥିଲେ । ସେତେବେଳେ କିଛି ଗ୍ରାମବସୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଥିଲା । ଏହା ସାମନାକୁ ▶▶ପୃଷ୍ଠା ୭

## ୧୦୦ କୋଟି ଟଙ୍କା ବଟି ଅଦାୟ ମାମଲାରେ ପରମବୀର ସିଂଙ୍କ ବୟାନ ରେକର୍ଡ଼

ମୁମ୍ବାଇ, ୦୫/୧୨ (ନି.ପ୍ର): ମନି ଲଣ୍ଡରିଂ ମାମଲାରେ ମୁମ୍ବାଇର ପୂର୍ବତନ ପୁଲିସ କମିଶନର ପରମବୀର ସିଂଙ୍କ ବୟାନ ରେକର୍ଡ଼ କରିଛି ଇଡି। ମହରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ପରମବୀର ସିଂ ମନିଲଣ୍ଡରିଂ ଅଭିଯୋଗ ଆଣିଥିଲେ । ୩ଥର ସମନ କରାଯିବା ପରେ ଡିସେମ୍ବର ୩ତାରିଖରେ ପରମବୀର ସିଂ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ମୁମ୍ବାଇର ଇଡିର ଡେପୁଟି ଡାଇରେକ୍ଟରଙ୍କ ଉପସ୍ଥିତିରେ ତଦନ୍ତ ଅଧିକାରୀ, ସହକାରୀ-ନିର୍ଦ୍ଦେଶକସ୍ତରର ଅଧିକାରୀ ତାଙ୍କୁ ପଚରାଉଚରା କରିଥିଲେ। ଅନିଲ ଦେଶମୁଖ ଏବେ ବିଚାର ବିଭାଗୀୟ ହେପାଜତରେ ଅଛନ୍ତି। ଗତ ନଭେମ୍ବର ୨ ତାରିଖରେ ସେ ଇଡି ଅଧିକାରୀଙ୍କ ନିକଟରେ ହାଜର ହେବା ପରେ ନଭେମ୍ବର ୩ତାରିଖରେ ତାଙ୍କୁ ଗିରଫ କରାଯାଇଥିଲା। ପୂର୍ବରୁ ତାଙ୍କୁ ୫ ଥର ସମନ କରାଯାଇଥିଲେ ମଧ୍ୟ ସେ ହାଜର ହେଉନଥିଲେ। କିଛି ପୁଲିସ ▶▶ପୃଷ୍ଠା ୭

## ବାତ୍ୟା ଟଳିଲା, ଏବେ ଖାଲି ବର୍ଷା

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ଓଡ଼ିଶା ଉପରେ ଥିବା ବାତ୍ୟା 'ଜୱାଦ' ଆଶଙ୍କା ଟଳିଛି । ବାତ୍ୟା ଏବେ ଗଭୀର ଅବପାତର ରୂପ ନେଇ ଓଡ଼ିଶା ଉପକୂଳ ଆଡ଼େ ମୁହାଁଇଛି ଓ ଆସନ୍ତାକାଲି ମଧ୍ୟାହ୍ନରେ ପୁରୀ ଉପକୂଳ ଛୁଇଁବା ସମୟରେ ତାହା ଅବପାତର ରୂପ ନେଇସାରିଥିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାର ପ୍ରଭାବରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୪ଟି ଜିଲ୍ଲାରେ ପ୍ରବଳ ବର୍ଷାକୁ ପାଣିପାଗ ବିଭାଗ ଜାରି କରିଥିବା ରେଡ୍ ୱାର୍ଣ୍ଣିଂକୁ ହଟାଇ ଦେଇଛି ଓ ଏସବୁ ଜିଲ୍ଲାରେ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ଭୁବନେଶ୍ୱରସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ଦ୍ୱାରା ଜାରି ସର୍ବଶେଷ ସୂଚନା ଅନୁସାରେ, 'ଜୱାଦ' ଏବେ ଦୁର୍ବଳ ହୋଇ ଗଭୀର ଅବପାତର ରୂପ ନେଇସାରିଛି। ତାହା ଏବେ ଗୋପାଳପୁରଠାରୁ ଦକ୍ଷିଣରେ ୨୬୦କିମି, ବିଶାଖାପାଟଣାର ପୂର୍ବ-ଦକ୍ଷିଣ ପୂର୍ବରେ ୧୮୦କିମି ଓ ପୁରୀର ଦକ୍ଷିଣ ଓ ଦକ୍ଷିଣପଶ୍ଚିମ ଦିଗରେ ୩୩୦କିମି ଦୂରରେ ଅବସ୍ଥିତ ଅଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ଦୁର୍ବଳ ହୋଇ ଆସନ୍ତାକାଲି ସକାଳେ ଅବପାତର ରୂପ ନେବ । ଯାହା ପୁରୀ ଉପକୂଳ ନିକଟରେ ▶▶ପୃଷ୍ଠା ୭

### ବାଚସ୍ପତିଙ୍କ ଉପରେ ତାରା ବାହିନୀପତି ଗଙ୍ଗା ଜଳ ଛିଞ୍ଚିବା ପ୍ରସଙ୍ଗ

## ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ଆକ୍ଷେପର ଉତ୍ତର ରଖିଲେ କଂଗ୍ରେସ ବିଧାୟକ

ନୂଆଦିଲ୍ଲୀ,୦୫/୧୨: ବିଧାନସଭାରେ ଗତକାଲିର ହାଇଡ୍ରାମାକୁ ନେଇ କଂଗ୍ରେସକୁ ଆକ୍ଷେପ କରିଥିଲେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ । ଏହି ପ୍ରସଙ୍ଗରେ ଆଜି ପ୍ରତିକ୍ରିୟା ରଖିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି । ରାଜ୍ୟରେ ବିଜେପି-ବିଜେଡି ଏକାଠି ଥିବା କହିଛନ୍ତି ତାରା । କେନ୍ଦ୍ରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଥିବା ଅଜୟ ମିଶ୍ରଙ୍କ ପୁଅ ଚାଷୀଙ୍କ ଉପରେ ଗାଡି ଚଢାଇଦେବା ଘଟଣାରେ ଗିରଫ ହୋଇ ଜେଲରେ ଅଛନ୍ତି । ତାଙ୍କ ଇସ୍ତଫା ନେଇ ଦାବି ଉଠୁଥିବାବେଳେ କୌଣସି ପଦକ୍ଷେପ ନେଉନାହାନ୍ତି ମୋଦୀ ସରକାର । ସମାନ ଢଙ୍ଗରେ ମମିତା ମେହେର ପ୍ରସଙ୍ଗରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ବହିଷ୍କାର ଓ ଗିରଫଦାରି ଦାବି ହେଉଛି । ଅଭିଯୋଗ ସତ୍ତ୍ୱେ ମନ୍ତ୍ରୀ ବିଧାନସଭା ଆସୁଥିବାରୁ ବିଧାନସଭାକୁ ପବିତ୍ର କରିବା ପାଇଁ ସେ ଗୃହରେ ଗଙ୍ଗାଜଳ ଛିଂଚିଥିଲେ ବୋଲି ସଫେଇ ରଖିଛନ୍ତି । କିନ୍ତୁ ଏହି ପ୍ରସଙ୍ଗରେ ବିରୋଧୀ ଦଳ ନେତା ତାଙ୍କୁ ଆକ୍ଷେପ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ତାରା । ବିଜେପି ବିରୋଧରେ ସମାନ ଅଭିଯୋଗ ଥିବାରୁ ବିଧାନସଭାରେ ଦଳର ପ୍ରତିବାଦ କରିବାର ନୈତିକ ଅଧିକାର ନଥିବା କହିଛନ୍ତି କଂଗ୍ରେସ ବିଧାୟକ । ଏପରିକି ଅଜୟ ମିଶ୍ରଙ୍କ ଇସ୍ତଫା କଥା ବିଜେଡି କାହିଁକି ଉଠାଉ ନାହିଁ ବୋଲି ସେ ପ୍ରଶ୍ନ କରି, ବିଜେଡି-ବିଜେପି ସଂପର୍କକୁ ସମାଲୋଚନା କରିଛନ୍ତି ।

## ଚତୁର୍ଥ ଦିନ ବି ବିଧାନସଭା ଅଚଳ



ଭୁବନେଶ୍ୱର,୦୫/୧୨(ନି.ପ୍ର): ମମିତା ମେହେର ହତ୍ୟା ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଆଜି ବି ଚତୁର୍ଥ ଦିନ ପାଇଁ ଗୃହ ଚାଲିପାରିନି। ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବାଦିନଠୁ କ୍ରମାଗତ ଭାବେ ଆଜି ଚତୁର୍ଥ ଦିନ ନିମନ୍ତେ ଗୃହ କାର୍ଯ୍ୟ ଅଚଳ ହୋଇଥିଲେ ମଧ୍ୟ ସମାଧାନର ବାଟ ବାହାରିପାରୁନି କିମ୍ବା ଗୃହକୁ ସୁରୁଖୁରୁରେ ଚଳାଇବା ନିମନ୍ତେ ଶାସକ ଦଳ ପକ୍ଷରୁ ଉଦ୍ୟମ ମଧ୍ୟ ହେଉନଥିବା ଜଣାପଡ଼ୁଛି। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଆଜି ଗୃହରେ କୌଣସି କାର୍ଯ୍ୟ ସମ୍ଭବପର ହୋଇପାରିନି। ଆଜି ପୂର୍ବାହ୍ନରେ ବିଧାନସଭା ଆରମ୍ଭ ହେବାମାତ୍ରେ କଂଗ୍ରେସ ପକ୍ଷରୁ ଗୃହ ଭିତରେ ଅଭିନବ ଉପାୟରେ ପ୍ରତିବାଦ କରାଯାଇଥିଲା। ମମିତା ମେହେର ହତ୍ୟା ମାମଲାରେ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବରଖାସ୍ତ ଦାବିରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ପୂଜାରୀ ବେଶଧାରଣ କରି ଗୃହ ଭିତରେ ଗଙ୍ଗା ଜଳ ଛିଂଚିବା ସହ ଅନ୍ୟ ସଦସ୍ୟମାନେ ଅଭିନବ ଢଙ୍ଗରେ ▶▶ପୃଷ୍ଠା ୭

## 'ଜୱାଦ'ପ୍ରଭାବରେ ଉତ୍ତର ଓଡ଼ିଶାରେ ଲଗାଣ ବର୍ଷା : ୬୨ ପ୍ରତିଶତ ପାଚିଲା ଧାନ ପଡ଼ିଛି ବିଲରେ



ବାଲେଶ୍ୱର,୦୫/୧୨ (ନି.ପ୍ର): ଅବପାତ ପରେ ସାମୁଦ୍ରିକ ଝଡ଼ 'ଜୱାଦ'ଦୁର୍ବଳ ହେବା ସହ ରବିବାର ସଂଧ୍ୟା ସୁଦ୍ଧା ତା'ର ଗତିପଥ ବଦଳାଇଛି। ଏହା ପୁରୀ ଉପକୂଳରୁ ୭୦ କିମି ଦୂରରୁ ଉତ୍ତର-ପୂର୍ବ ଦିଗରେ ପଶ୍ଚିମବଙ୍ଗ ଅଭିମୁଖେ ଗତି ଆରମ୍ଭ କରିଛି। ତେବେ ଓଡ଼ିଶା ଉପରୁ ବାତ୍ୟାର ଭୟ ଟଳିଥିଲେ ବି ଅଦିନିଆ ଲଗାଣ ବର୍ଷା ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ଚାଷୀଙ୍କ ବଇରି ହୋଇଛି। ଶୁକ୍ରବାର ରାତିରୁ ବାଲେଶ୍ୱର ଜିଲାରେ ଆରମ୍ଭ ହୋଇଥିବା ଝିପିଝିପି ବର୍ଷା ଆଜି ରାତିସୁଦ୍ଧା ଜାରି ରହିଥିବା ଲକ୍ଷ୍ୟ କରାଯାଇଛି। ଜିଲା ଜରୁରୀକାଳୀନ ବିଭାଗ ସୂଚନା ଅନୁସାରେ ଶୁକ୍ରବାର ଜିଲାରେ ୨୭ ମିଲିମିଟର ଓ ଶନିବାର ୨୦୩ ମିଲି ମିଟର ବର୍ଷା । ହୋଇଥିବା ବେଳେ ରବିବାର ବର୍ଷା ରେକର୍ଡ଼ ଆସି ନଥିଲେ ବି ଏହା ୩ଶହ ମିଲିମିଟର ଅତିକ୍ରମ କରିବ ବୋଲି ଅନୁମାନ କରାଯାଇଛି। 'ଜୱାଦ'ଆଜି ବିଳମ୍ବିତ ରାତିରେ ବାଲେଶ୍ୱର ସମେତ ଓଡ଼ିଶା ଉପକୂଳ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଅତିକ୍ରମ ସମୟରେ ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାରେ ମଧ୍ୟମରୁ ପ୍ରବଳ ବର୍ଷା ହେବ। ତେବେ ଗତ ୫୫ଘଣ୍ଟା ମଧ୍ୟରେ ହୋଇଥିବା ବର୍ଷାରେ ପାଚିଲା ଧାନରେ ଏବେ ପାଣି ଲହରି ▶▶ପୃଷ୍ଠା ୭

# ବିଜେପି ପକ୍ଷରୁ ୩୬ ନଂ ଜୋନରେ ପଂଚାୟତ ନିର୍ବାଚନ ପ୍ରସ୍ତୁତି ବୈଠକ

ଧର୍ମଶାଳା,୦୫/୧୨ (ନି.ପ୍ର): ପଚାଂୟତ ନିର୍ବାଚନ ସମୟ ପାଖେଇ ଆସୁଛି । ବିଭିନ୍ନ ଦଳ ନିଜ ନିଜର ରଣ କୌଶଳ ପ୍ରସ୍ତୁତ କରିବାରେ ଲାଗିପଡିଛନ୍ତି । ଏନେଇ ଗତକାଲି ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ୩୬ ନଂ ଜୋନର ବିଜେପିର ମୁଖ୍ୟ କର୍ମକର୍ତାମାନଙ୍କୁ ନେଇ ନିର୍ବାଚନୀ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମଣ୍ଡଳ ସଭାପତି ସୌଭାଗ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ବରୀ ବିଜେପି ନେତା ଆଶୁତୋଷ ପରିଡା, ବରିଷ୍ଠ ନେତା ପ୍ରଫୁଲ୍ଲ ଗିରି ଓ ୨୩ ନଂ ଜୋନ୍ ଜିଲା ପରିଷଦ ସଭ୍ୟ ରବିନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଆଗାମୀ ପଂଚାୟତ ନିର୍ବାଚନରେ ବିଜେପିର ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ । ଦଳୀୟ କର୍ମକର୍ତା ଏକତ୍ର ହୋଇ ନିର୍ବାଚନ ଲଢିବା ସହ ଶୃଙ୍ଖଳିତ ହୋଇ ଲୋକଙ୍କ ନିକଟକୁ ଯିବାକୁ କର୍ମକର୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଏଥି ସହିତ ସମସ୍ତ ୱାର୍ଡରେ କମିଟି ଗଠନ ସହ ପ୍ରାର୍ଥୀ ଚୟନ ପାଇଁ ବିଭିନ୍ନ ପଂଚାୟତରେ ବୈଠକ ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଏହି ବୈଠକରେ ପ୍ରଶାନ୍ତ ମହାରଣା, ଅନୀଲ ରାଉତ, ଦେବାଶିଷ ସିଥ, ଆଶୁତୋଷ ବାରିକ, ପବିତ୍ର ଖଣ୍ଡାଇ, ସିଦ୍ଧେଶ୍ୱର ପଣ୍ଡା, ସୁରେନ୍ଦ୍ର ବେହେରା, ମିଥୁନ କୁଣ୍ଡୁ, ଅଚ୍ୟୁତ ମହାଲିକ, ପ୍ରଶାନ୍ତ ମହାନ୍ତି ଓ ବିଚିତ୍ର ଘୋଷାଲ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ୱାର୍ଡରେ ଆଦିବାସୀ ନାହାଁନ୍ତି : ସଂରକ୍ଷଣ ହୋଇଛି ଆଦିବାସୀ ମହିଳା

କେନ୍ଦ୍ରାପଡ଼ା,୦୫/୧୨ (ନି.ପ୍ର) : କେନ୍ଦ୍ରାପଡା ପୌରସଂସ୍ଥାର କେନ୍ଦ୍ରାପଡା ପୌରସଭା ପାଇଁ ନିର୍ବାଚନ କରାଯିବାକୁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ଭୋଟର ତାଲିକା ପ୍ରସ୍ତୁତିକରଣ ସହ ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ କରାଯାଇଛି । ପୌରାଂଚଳର ୨୧ଟି ୱାର୍ଡରେ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ବିଭିନ୍ନ ମହଲରୁ ପ୍ରତିକ୍ରିୟା ଓ ପ୍ରତିବାଦ ଆରମ୍ଭ ହୋଇଯାଇଛି । ୩ନଂ ୱାର୍ଡର ପରିସୀମା ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିର ଠାରୁ ଆରମ୍ଭ ହୋଇ ଭଗବାନପୁର ର ଆଂଶିକ ସମେତ ସୁନ୍ଦରାପାଳ, ଟାଉନ ବଳରାମପୁର ର ଆଂଶିକ, ତଳବାରଙ୍ଗ, ଚକଡା ବାରଙ୍ଗ ଓ ଚକଡାର ଆଂଶିକ ଥିବାବେଳେ ଏଠାରେ ଜଣେହେଲେ ଆଦିବାସୀ ଭୋଟର ନାହାଁନ୍ତି । ମାତ୍ର ପ୍ରଶାସନ ପକ୍ଷରୁ ଏହାକୁ ଅଣଦେଖା କରାଯାଇ ଏହି ୱାର୍ଡକୁ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି । ପୂର୍ବରୁ ଏହି ୱାର୍ଡରେ ରହୁଥିବା ଆଦିବାସୀ ମାନଙ୍କୁ ସରକାର ପଟ୍ଟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଶ୍ୟାମ ଗୁଡିଆ ଠାରେ ଥଇଥାନ କରାଯାଇଛି । ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିରର ସେବକ ବ୍ରାହ୍ମଣ ଓ ଅନ୍ୟ ବର୍ଗର ଲୋକମାନେ ବହୁ ସଂଖ୍ୟାରେ ଏହି ୱାର୍ଡରେ ବାସ କରୁଥିବା ବେଳେ ଚଳିତ ଥର ଏହାକୁ ଆଦିବାସୀ ମାନଙ୍କ ପାଇଁ ସଂରକ୍ଷଣ କରାଯାଇ ଥିବାରୁ କାଉନସିଲ ନିର୍ବାଚନରେ ପ୍ରାର୍ଥୀ ଚୟନକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏହାକୁ ପରିବର୍ତନ କରିବା ପାଇଁ ପୂର୍ବତନ କାଉନସିଲର ଦୁର୍ଗା ପ୍ରସାଦ ପତିଙ୍କ ସମେତ ତପନ ବାରିକ, ଜଗନ୍ନାଥ ପତି, ଜ୍ଞାନ ରଞ୍ଜନ ପଣ୍ଡା, ବଳରାମ ପ୍ରଧାନ, ପ୍ରଫୁଲ୍ଲ କୁମାର ବାଇ ପ୍ରମୁଖ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି ।

# ଭୂସ୍ଖଳନ ଭୟରେ ସୋରଡା-ଦାରିଙ୍ଗବାଡି ଘାଟି ରାସ୍ତା ସିଲ୍

ଗଞ୍ଜାମ,୦୫/୧୨ (ନି.ପ୍ର): ବାତ୍ୟା ଜୱାଦକୁ ଆଖି ଆଗରେ ରଖି ପର୍ଯ୍ୟଟନ ସ୍ଥଳୀ ଦାରିଙ୍ଗବାଡିକୁ ସଂଯୋଗ କରିଥିବା ସୋରଡା ରାସ୍ତାର ଗାଜଲବାଡ଼ି ଠାରେ ଭୂସ୍ଖଳନ ଭୟରେ ରାସ୍ତାକୁ ବନ୍ଦ ରଖାଯାଇଛି । ଭଞ୍ଜନଗର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୋରଡା ତହସିଲଦାର ଗାଜଲବାଡୀ ଅଂଚଳ ବାସୀଙ୍କ ସହାୟତାରେ ୨ ଦିନ ପାଇଁ ଏହି ରାସ୍ତାକୁ ବନ୍ଦ କରିଛନ୍ତି । ଦାରିଙ୍ଗବାଡିକୁ ଡିସେମ୍ବର ମାସରେ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ପୁଣି ଗତକାଲି ରବିବାର ଥିବାରୁ କାଳେ ଏହି ରାସ୍ତା ଦେଇ ଯିବା ସମୟରେ କିଛି ଅଘଟଣ ଘଟିବ, ତାକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ତରଫରୁ ଏଭଳି ନିଷ୍ପତି ନିଆଯାଇଥିବା ସୂଚନା ଦେଇଛନ୍ତି ସୋରଡା ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ।

# ଆବାସ ଯୋଜନା ଦିଗହରା : ଶତ ପ୍ରତିଶତ ଦିବ୍ୟାଙ୍ଗଙ୍କୁ ମିଳୁନି ସୁବିଧା

ଧର୍ମଶାଳା,୦୫/୧୨ (ନି.ପ୍ର): ସରକାରଙ୍କର ମାଳମାଳ ଯୋଜନା । ପ୍ରଚାର ଓ ପ୍ରସାରରେ ଆଗୁଆ । ଗରୀବ ଓ ଦିବ୍ୟାଙ୍ଗମାନଙ୍କୁ ସରକାରୀ ସୁବିଧାରେ ଅଗ୍ରାଧିକାର ଦିଆଯିବ । ହେଲେ ବାସ୍ତବରେ ତାହା କାର୍ଯ୍ୟରେ ଆସୁ ନଥିବା ଦେଖିବାକୁ ମିଳିଛି । କେବଳ ପଂଚାୟତର ଲୋକପ୍ରତିନିଧି ଓ ବ୍ଲକ ସ୍ତରୀୟ ପ୍ରଶାସନ ଯୋଗୁଁ ଏହା ସଫଳ ରୂପାୟନ ହୋଇପାରୁ ନଥିବା ଅଭିଯୋଗ ହୋଇଛି । ଏପରିକି ଜିଲାପାଳଙ୍କ ନିର୍ଦ୍ଦେଶକୁ ଫୁ... କରି ଦେଉଛନ୍ତି ତଳ ସ୍ତରୀୟ ପ୍ରଶାସନ । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତସ୍ଥ ୩ ନମ୍ବର ୱାର୍ଡରେ ବସବାସ କରୁଥିବା ଅବଜଲ ହୋସେନଙ୍କ ପରିବାର କ୍ଷେତ୍ରରେ । ଅବଜଲଙ୍କ ପରିବାର ଦାରିଦ୍ର ସୀମାରେଖା ତଳେ ବସବାସ କରନ୍ତି । ହେଲେ ତାଙ୍କ ଦିବ୍ୟାଙ୍ଗ ପୁଅ ଅଜମଲଙ୍କ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୫ ଜଣ ସଦସ୍ୟଙ୍କୁ ନେଇ ତାଙ୍କ ପରିବାର । ଗ୍ୟାରେଜରେ କାମ କରି ଯାହା ଆଣନ୍ତି ତାହା ପରିବାର ଦୁଃଖ କଷ୍ଟରେ ଚଳେ । ପତ୍ନୀ ସମେତ ୨ ପୁଅ, ଗୋଟିଏ ଝିଅ । ପୁଅ ଅଜମଲ ହେଉଛି ଜନ୍ମରୁ ଦିବ୍ୟାଙ୍ଗ । ବୟସ ପାଖାପାଖି ୧୮ । ସରକାରଙ୍କ ପକ୍ଷରୁ ୯୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣ ପତ୍ର ପାଇଛନ୍ତି । ତାଙ୍କୁ କେବଳ ୭ ଶହ ଟଙ୍କା ଭତା ବାଦଦକୁ ମିଳୁଛି । ପରିବାରକୁ ରାସନ ସାମଗ୍ରୀ ଦିଆଯାଉଛି । ହେଲେ ଏଭଳି ପରିବାରଙ୍କୁ ଆବାସ ଯୋଜନାରେ ସାମିଲ୍ କରାଯାଇ ନାହିଁ । ଯାହାକି ସେମାନେ ଏକ ଛପର ଘରେ ବସବାସ କରୁଥିଲେ । ଏହି ଘଟଣାକୁ ନେଇ ସେମାନେ ୨୦୧୫ ମସିହା ୨୧ ତାରିଖରେ ତତ୍କାଳୀନ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ଜିଲାପାଳ ତୁରନ୍ତ ଏହି ଘଟଣାର ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିବାକୁ ରସୁଲପୁର ବିଡିଓଙ୍କୁ ଅବଗତ କରାଇଥିଲେ । ହେଲେ ଚାହୁଁ ଚାହୁଁ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ସେନେଇ କୌଣସି ସୁଫଳ ମିଳି ପାରିଲା ନାହିଁ । ଯାହାକୁ ନେଇ ଜିଲାପାଳଙ୍କ ପ୍ରତିଶୃତିକୁ ବ୍ଲକ ପ୍ରଶାସନ ଅଣଦେଖା କରିବା ନେଇ ଅଭିଯୋଗ କରିଛନ୍ତି ପରିବାର ଲୋକେ । ତେବେ ସେମାନେ ଦୀର୍ଘ ଦିନ ଅପେକ୍ଷା ପରେ ବିଭିନ୍ନ ଉପାୟରୁ ଧାରକରଜ କରି ଗୋଟିଏ ବଖରା ଘର କରି ୫ ଜଣ ସଦସ୍ୟ ରହୁଛନ୍ତି । ଏହି ଘରେ ଦିବ୍ୟାଙ୍ଗ ଅଜମଲଙ୍କୁ ସମ୍ଭାଳିବା ସେମାନଙ୍କ ପକ୍ଷେ କାଠିକର ପାଠ ହୋଇଛି । ଘରେ ଶୌଚ କରିବାରୁ ଅନ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଏଭଳି ପରିବାରକୁ ଆବାସ ଯୋଜନାରେ ସାମିଲ୍ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସ୍ଥାନୀୟ ସରପଂଚଙ୍କ ସହ ଯୋଗାଯୋଗ କରିବାରୁ ସେ ଏହି ଘଟଣାକୁ ଗୁରୁତ୍ୱ ଦେବାକୁ କହିଛନ୍ତି । ଏଭଳି ଦିବ୍ୟାଙ୍ଗ ପରିବାକୁ ତୁରନ୍ତ କଂକ୍ରିଟ ଘର ଯୋଗାଇବାର ଆବଶ୍ୟକତା ରହିଛି ।

# ସାହାରା ଇଣ୍ଡିଆ ଜମାକାରୀଙ୍କ ବିକ୍ଷୋଭ ପ୍ରଦର୍ଶନ, ଶୋଭାଯାତ୍ରା

ଗଞ୍ଜାମ,୦୫/୧୨ (ନି.ପ୍ର): ଅର୍ଥଲଗାଣକାରୀ ସଂସ୍ଥା ସାହାରା ଇଣ୍ଡିଆ ଜମାକାରୀଙ୍କ ଅର୍ଥ ଫେରସ୍ତ ଦାବି ନେଇ ଶୁକ୍ରବାର ଦିନ ଜମାକାରୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏ ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଥମେ ଜମାକାରୀ ମାନେ ହିଞ୍ଜିଳି ସହରରେ ଏକ ଶୋଭାଯାତ୍ରା କରିଥିଲେ । ଏ ନେଇ ସ୍ଥାନୀୟ ସାହାରା ଜମାକାରୀ ମଂଚ ପକ୍ଷରୁ ସ୍ଥାନୀୟ ଡାକବଙ୍ଗଳା ଛକ ଠାରୁ ଜମାକାରୀ ମାନେ ଏକ ଶୋଭାଯାତ୍ରାରେ ବାହାରି ସାହାରା କମ୍ପାନୀ ବିରୁଦ୍ଧରେ ମାଇକ୍ ଯୋଗେ ନାରାବାଜି କରିବା ସହ ପ୍ରଚାରପତ୍ର ବଂଟନ କରିଥିଲେ । ପରେ ପରେ ହିଞ୍ଜିଳି ତହସିଲ କାର୍ଯ୍ୟାଳୟରେ ପହଂଚି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ହିଞ୍ଜିଳି ତହସିଲଦାରଙ୍କୁ ପ୍ରଦାନ କରିଥିଲେ । ସାହାରା ଅର୍ଥ ଲଗାଣକାରୀ ସଂସ୍ଥାରୁ ଜମାକାରୀ ମାନେ ଏବଂ ଏଜେଂଟ ମାନେ ଜମାଅର୍ଥ ଓ ସୁଧ ପାଇବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି । ସାହାରା ଇଣ୍ଡିଆ କମ୍ପାନି ମିଳିତ ମଂଚ ସଭାପତି କୁମୁଦ ରଞ୍ଜନ ପାଢି, ସମ୍ପାଦକ ଭଗବାନ ନାହାକ, ଉପସଭାପତି ନିଳାଚଂଳ ନାହାକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଓ କାର୍ଯ୍ୟକାରିଣୀ ସଦସ୍ୟ, ଜମାକାରୀ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ ।

# ଡାଲା ଅଟୋରୁ ୩୫ ଖଣ୍ଡ ଶାଗୁଆନ ପଟା ଜବତ : ୩ ଗିରଫ

ଗଞ୍ଜାମ,୦୫/୧୨ (ନି.ପ୍ର): ଉତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇଙ୍କ ନିର୍ଦ୍ଦେଶ କ୍ରମେ ଗତକାଲି ରାତି ୮ଟା ସମୟରେ ଜଗନ୍ନାଥପ୍ରସାଦ ବନାଚଂଳ ଅନ୍ତର୍ଗତ କମସର ନିକଟରେ ଥିବା ସଙ୍ଖପୋଲି ବ୍ରିଜ ଉପରୁ ବନ ବିଭାଗ କର୍ମଚାରୀ ମାନେ ଗୋଟିଏ ଡାଲା ଅଟୋ ଧରିଥିଲେ । ଯାଂଚ ବେଳେ ଗାଡି ଡ଼ାଲାରେ ଶାଗୁଆନ ପଟା ଥିବା ଜଣାପଡିବାରୁ ଗାଡିଟିକୁ ସ୍ଥାନୀୟ ବନାଚଂଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା । ତଦନ୍ତ ପରେ ଉକ୍ତ ଗାଡି ନଂ ଓଆରଏସି-୪୧୭୮ ରେ ୩୫ ଖଣ୍ଡ ଶାଗୁଆନ ପଟା ଥିବା ଜଣାପଡିଥିଲା । ଏହି ବେଆଇନ ଚୋରା ଚାଲାଣରେ ସମ୍ପୃକ୍ତ ଗାଡି ମାଲିକ ତଥା ଚାଳକ ନୟାଗଡ ଜିଲ୍ଲା, ଓଡଗାଁ ଥାନା ଅଧୀନ ସୁନାଭୂଇଁ ଗ୍ରାମର ସନ୍ତୋଷ କୁମାର ସାହୁ, ମାଳିଆଝୋଳା ଗ୍ରାମର ଦାଶରଥି ନାଇକ ଓ ବୁଲୁ ନାୟକଙ୍କୁ ଗିରଫ କରାଯାଇଥିବା ବେଳେ ପରିବହନରେ ବ୍ୟବହୃତ ଗାଡିକୁ ଜବତ କରାଯାଇଛି । ଅଭିଯୁକ୍ତଙ୍କ ନାମରେ କେଶ୍ ନମ୍ବର ୨୫୬/୨୦୨୧-୨୨ ପ୍ରକାରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ବେଆଇନ ପରିବହନ କରୁଥିବା ଗାଡି ଉପରେ ୫୬ ଧାରା ଅନୁସାରେ ମାମଲା ରୁଜୁ କରାଯାଇଥିବା ବନାଚଂଳ ଅଧିକାରୀ ଉମାକାନ୍ତ ଦାସ ପ୍ରକାଶ କରିଛନ୍ତି ଏବଂ ଏହି ଜବତ ଶାଗୁଆନ ପଟାର ମୂଲ୍ୟ ପ୍ରାୟ ବାଇଶି ହଜାରରୁ ଚବିଶି ହଜାର ଟଙ୍କା ହେବ ବୋଲି କହିଛନ୍ତି । ଏହି ଅଂଚଳରୁ ଶାଗୁଆନ କାଠ ବେଆଇନ ଭାବେ ଚାଲାଣ ହେଉଥିବା ବହୁ ପୂର୍ବରୁ ଅଭିଯୋଗ ହେଉଥିଲା, କିନ୍ତୁ ବହୁବାର ଚେଷ୍ଟା କରି ସୁଦ୍ଧା ଏମାନଙ୍କୁ ଧରିବାରେ ବନ ବିଭାଗ ବିଫଳ ହୋଇଥିଲା । ଏହି ଚଢ଼ଉରେ ବନପାଳ ରାଜେନ୍ଦ୍ର ଦଳେଇ, ବନରକ୍ଷୀ ବିଦ୍ୟୁତ ଲତା ତ୍ରିପାଠୀ, କର୍ମଚାରୀ ଲମ୍ବୋଦର ଗୌଡ଼, ସଂଜୀବ ଗନ୍ତାୟତ, ବିଚିତ୍ର ନାୟକ ପ୍ରମୁଖ ସାମିଲ୍ ଥିଲେ ।

# ବର୍ଷାରେ ଅସୁସ୍ଥ ଷଣ୍ଢର ସେବାକଲେ ଯୁବଗୋଷ୍ଠୀ

ପଟ୍ଟାମୁଣ୍ଡାଇ,୦୫/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ଅଂଚଳର ବାହାରେ ପଡିରହିଥିବା ଏକ ଷଣ୍ଢ ବର୍ଷାରେ ଓଦା ହୋଇ ସମ୍ପୂର୍ଣ୍ଣ ଅସୁସ୍ଥ ହୋଇପଡିଥିଲା । ଏମିତି ପରିସ୍ଥିତି ରେ ଷଣ୍ଢଟିର ବଂଚିବା କଷ୍ଟକର ହୋଇପଡିଥିଲା । ସ୍ଥାନୀୟ ଅଂଚଳର ଯୁବକ ମାନଙ୍କ ପ୍ରଚେଷ୍ଟାରେ ଷଣ୍ଢଟି ନୂଆ ଜୀବନ ପାଇଲା ।

ପ୍ରତି ବର୍ଷ ଓଡିଶା କୁ ବାତ୍ୟା ଆସେ । ସରକାର ନିଜ ଭୋଟ ବ୍ୟାଙ୍କ ପାଇଁ ମଣିଷ ମାନେ କେମିତି ଖାଇବେ, କେମିତି ରହିବେ, କେମିତି ବଂଚିବେ ଏଥିପାଇଁ ବହୁତ ବ୍ୟବସ୍ଥା କରିଥାନ୍ତି, କିନ୍ତୁ ସରକାର ଭୁଲିଯାନ୍ତି ଏ ଭଗବାନ ଙ୍କ ସୃଷ୍ଟି ରେ ମଣିଷ ଙ୍କୁ ଛାଡି ଆହୁରି ବି ପ୍ରାଣୀ ଅଛନ୍ତି । ତାଙ୍କ ପାଇଁ ବ୍ୟବସ୍ଥା କରିବାକୁ ଭୁଲିଯାଆନ୍ତି ସମସ୍ତେ ।ପ୍ରତି ବର୍ଷ ବାତ୍ୟା ଆସିଲେ ବି ଲୋକମାନେ ଖାନ୍ତୁ କି ନ ଖାନ୍ତୁ କିନ୍ତୁ ମୁଣ୍ଡ ଜାକିବା ପାଇଁ ଘର ଟିଏ ଥାଏ ।କିନ୍ତୁ ଏ ନିରୀହ ଷଣ୍ଢମାନଙ୍କ ପାଇଁ ନାଥାଏ ଖାଦ୍ୟ ନା ସୁରକ୍ଷିତ ରହିବା ସ୍ଥାନ ।ପ୍ରତି ବର୍ଷ ଯଦି କିଏ ବାତ୍ୟା ଓ ବର୍ଷାରେ ବେଶି ପ୍ରାଣ ହରାନ୍ତି ସିଏ ହେଉଛି ଷଣ୍ଢ । ଯିଏ ରାତି ରାତି ବର୍ଷା ଏବଂ ପବନ ସହିତ ଲଢେଇ କରନ୍ତି ବଂଚିବା ପାଇଁ, ହେଲେ ଶେଷରେ ପ୍ରାଣ ତ୍ୟାଗ କରନ୍ତି , କିନ୍ତୁ ସରକାର ଏ ପ୍ରତି କେବେ ଧ୍ୟାନ ଦିଅନ୍ତି ନାହିଁ ।

# ମମିତା ମେହେର ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବି : ୯ରେ ବିଧାନସଭା ଘେରାଉ କରିବ ବିଜେପି

ଜୟପୁର,୦୫/୧୨ (ନି.ପ୍ର): ବହୁ ଚର୍ଚ୍ଚିତ ମମିତା ହତ୍ୟାକାଣ୍ଡ ମାମଲାରେ ପୀଡ଼ିତାକୁ ନ୍ୟାୟ ପ୍ରଦାନ, ଅଭିଯୁକ୍ତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ଏବଂ ଘଟଣାର ସିବିଆଇ ତଦନ୍ତ ଦାବିରେ ଆସନ୍ତା ୯ତାରିଖରେ ବିଜେପି ପକ୍ଷରୁ ବିଧାନସଭା ଘେରାଉ ହେବ । ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ମମିତା ମେହେର ଅପହରଣ ଓ ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ରାଜ୍ୟ ସରକାର ସଂପୂର୍ଣ୍ଣ ସୁରକ୍ଷା ପ୍ରଦାନ କରୁଛନ୍ତି । ଏପରିକି ଖୋଦ୍ ମୁଖ୍ୟମନ୍ତ୍ରୀ କଳାହାଣ୍ଡିରେ ଅଭିଯୁକ୍ତ ମନ୍ତ୍ରୀଙ୍କ ସହ ଗୋଟିଏ ମଂଚରେ ବସି ରହି ଅପରାଧକୁ ଆହୁରି ଅଧିକ ପ୍ରୋତ୍ସାହିତ କରିଛନ୍ତି । ଘଟଣା ଘଟିବାର ଏତେଦିନ ବିତି ଯାଇଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ବର୍ତମାନ ସୁଦ୍ଧା ପଦୁଟିଏ ବି ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ନକହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଲଜ୍ଜାଜନକ ଓ ନିନ୍ଦନୀୟ । ମମିତା ମେହେର ହତ୍ୟା ଅକ୍ଟୋବର ୮ ତାରିଖରେ ହୋଇଥିଲା ବେଳେ ଦୀର୍ଘ ୨ ମାସ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ନୀରବତା ଓଡ଼ିଶାବାସୀଙ୍କୁ ଦୁଃଖିତ ଓ ବିଚଳିତ କରିଛି । ଏହି ବିଭସ୍ତ ହତ୍ୟାକାଣ୍ଡକୁ ଅଘଟଣ କହି ମୁଖ୍ୟମନ୍ତ୍ରୀ ତାଙ୍କ ଦଳର କର୍ମୀ ଓ ମନ୍ତ୍ରୀଙ୍କ ଦ୍ୱାରା ସୁପରିକଳ୍ପିତ ହତ୍ୟାକାଣ୍ଡକୁ ହାଲ୍କା ଭାବେ ଦର୍ଶାଇବା ପାଇଁ ଅପଚେଷ୍ଟା କରିଛନ୍ତି । ଅନ୍ୟପକ୍ଷରେ ବିଜେଡି ନେତୃବୃନ୍ଦ ଘଟଣାର ତଥ୍ୟ ଓ ପ୍ରମାଣ ଦେବାକୁ ବିଜେପିକୁ କହିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ମୁଖ୍ୟ ଷଡଯନ୍ତ୍ରକାରୀ ତଥା ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ନିଜ ପଦ ଓ କ୍ଷମତାର ଅପ ବ୍ୟବହାର କରି ତଦନ୍ତ ପ୍ରକ୍ରିୟାକୁ ବାଟବଣା କରୁଛନ୍ତି । ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ ଏବଂ ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରିବାକୁ ବିଜେପି ତରଫରୁ ବାରମ୍ବାର ଦାବି କରାଯାଉଥିଲେ ବି ରାଜ୍ୟ ସରକାର ଶୁଣୁନାହାନ୍ତି । ମମିତାଙ୍କୁ ନ୍ୟାୟ ପ୍ରଦାନ, ଦିବ୍ୟଶଙ୍କରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଏବଂ ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରାଇବା ଦାବିରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟବ୍ୟାପୀ ଥାନା ଘେରାଉ,ଏସ୍.ପି କାର୍ଯ୍ୟାଳୟ ଘେରାଉ, ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇ ଆନ୍ଦୋଳନ ହୋଇଥିଲା । ତଥାପି ରାଜ୍ୟ ସରକାର ନିରବଦ୍ରଷ୍ଟା ସାଜିଛନ୍ତି । ଏହି ଆନ୍ଦୋଳନକୁ ଆହୁରି ଅଧିକ ଶାଣିତ କରିବାକୁ ଏବଂ ତୃଣମୂଳ ସ୍ତରକୁ ପହଂଚାଇବା ପାଇଁ ଯୁବମୋର୍ଚ୍ଚା ତରଫରୁ ଆସନ୍ତା ୯ ତାରିଖ ଦିନ ବିଧାନସଭା ଘେରାଉ କରାଯିବ । ଏଥିରେ ହଜାର ହଜାର ସଂଖ୍ୟାରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେବେ । ଯେ ପର୍ଯ୍ୟନ୍ତ ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବେ ସେ ପର୍ଯ୍ୟନ୍ତ ଯୁବମୋର୍ଚ୍ଚା ଏହି ଲଢେଇ ଜାରି ରଖିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ସେହିପରି ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ଗୌତମ ସାମନ୍ତରାୟ କହିଛନ୍ତି ଯେ ଯଦି ମମିତା ଭଳି ପୀଡ଼ିତାଙ୍କ ପାଇଁ ନ୍ୟାୟ ମାଗିବା 'ରାଜନୀତିକରଣ', ତା'ହେଲେ ମୁଖ୍ୟମନ୍ତ୍ରୀଙ୍କର ଅଞ୍ଜନା ଗଣଦୁଷ୍କର୍ମରେ ଜାନକୀ ସରକାର ବିରୋଧରେ ଅଗ୍ରଣୀ ଭୂମିକା ରାଜନୀତିକରଣ ଥିଲା କି ? ୧୯୯୯ ଜାନୁଆରି ୩ ତାରିଖରେ ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ମାମଲାରେ ମୁଖ୍ୟମନ୍ତ୍ରୀ ଏତଲା ଦେବା ପାଇଁ କଟକ ଯାଇଥିଲେ କି ନାହିଁ? ତତ୍କାଧଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଇସ୍ତଫା ଦାବି କରିଥିଲେ କି ନାହିଁ ? ତାହା କ'ଣ ରାଜନୀତି ନ ଥିଲା ? ମୁଖ୍ୟମନ୍ତ୍ରୀଙ୍କ ବିବୃତିରୁ ସ୍ପଷ୍ଟ ଜଣାପଡୁଛି ଯେ, ସିଏ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସୁରକ୍ଷା ଦେବା ପାଇଁ ନିଜେ ବାହାରି ଆସିଛନ୍ତି । ଏବେ ଯାଏଁ ନ୍ୟାୟାଳୟ ଏମିତି କୌଣସି ନିର୍ଦ୍ଦେଶନାମା ଜାରି କରିନାହାନ୍ତି, ଯେଉଁଠାରେ ସେ ତଦନ୍ତର ତଦାରଖ କରିବା ପାଇଁ ଅବସରପ୍ରାପ୍ତ ଜିଲ୍ଲା ଜଜ୍‌ଙ୍କୁ ନିଯୁକ୍ତି ଦେଇଛନ୍ତି । ଆମର ନ୍ୟାୟିକ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି । କିନ୍ତୁ ପ୍ରଥମ ଦିନରୁ ପୁଲିସ ତଦନ୍ତକୁ ବାଟବଣା କରିବା ସହ ତଥ୍ୟପ୍ରମାଣ ନଷ୍ଟ କରିଛି ଓ ଏତଲା ରୁଜୁ କରିବା ପାଇଁ ପୀଡ଼ିତା ପରିବାରକୁ ଚାରି ଚାରିଟି ଥାନା ବୁଲାଇଛି । ସିଡି ନ ମିଳିବା ଓ ଫୋନ୍ କଲ୍ ଆନାଲିସିସ୍ ନ ହେବା ସ୍ପଷ୍ଟ କରୁଛି ଯେ ତଦନ୍ତ ଦିଗହରା କରିବାକୁ ରାଜ୍ୟ ସରକାର ଅପଚେଷ୍ଟା କରିଛନ୍ତି । ଶୁଣାଣିର ପ୍ରକ୍ରିୟା ଫାଷ୍ଟ ଟ୍ରାକ୍ ସେତେବେଳେ ହୋଇପାରିବ ଯେତେବେଳେ ତଦନ୍ତ ବିନା ଚାପରେ ଓ ସମୟସୀମା ଭିତରେ ସମ୍ପନ୍ନ ହେବ । କିନ୍ତୁ ଗୃହ ରାଷ୍ଟ୍ର ମନ୍ତ୍ରୀ ଭାବରେ ଦିବ୍ୟଶଙ୍କର ମିଶ୍ର ତାଙ୍କର ପଦବିରେ ଥିବା ଯାଏ ନିରପେକ୍ଷ ତଦନ୍ତ ହୋଇପାରିବ ନାହିଁ । ତେଣୁ ଗୃହ ରାଷ୍ଟ୍ର ମନ୍ତ୍ରୀ ବହିଷ୍କାରରୁ ତଦନ୍ତ ଆରମ୍ଭ ହେବା ଉଚିତ ।

ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଦନ୍ତକୁ କୌଣସି ସମୟସୀମା ମଧ୍ୟରେ ସରିବାର କଥା ନ କହି କେବଳ ଫାଷ୍ଟଟ୍ରାକ୍ କଥା କହିବା ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଇବା ସଦୃଶ । ପୁଲିସର ପକ୍ଷପାତିତା ଏବଂ ତାଙ୍କ ସରକାର ମହିଳାଙ୍କ ପ୍ରତି ପ୍ରତିବଦ୍ଧତା ଓ ନ୍ୟାୟ ପ୍ରକ୍ରିୟା ଉପରେ ଥିବା ବିଶ୍ୱାସକୁ ଅବିଶ୍ୱାସରେ ପରିଣତ କରିଛି । ଏ ସବୁ କଥା କହି ଅସଲ ଅପରାଧୀ ଓ ଷଡ଼ଯନ୍ତ୍ରକାରୀଙ୍କୁ ମୁଖ୍ୟମନ୍ତ୍ରୀ ଘଣ୍ଟ ଘୋଡ଼ାଉଛନ୍ତି ।

# ସର୍ଭିସ୍ ରାଇଫଲ୍‌ରୁ ଗୁଳି ଫୁଟାଇ ଯବାନଙ୍କ ଆତ୍ମହତ୍ୟା

ମାଲକାନଗିରି,୦୫/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ପଟେରୁ ଫାଣ୍ଡି ପରିସରରେ ଆଜି ସକାଳ ୬ ଟା ସମୟରେ ନିଜର ସର୍ଭିସ୍ ରାଇଫଲ୍ ରୁ ନିଜକୁ ଗୁଳି କରି ଜଣେ ଯବାନ ଆତ୍ମହତ୍ୟା କରିଥିବା ଘଟଣା ଜିଲ୍ଲାରେ ଚାଂଚଲ୍ୟ ଖେଳାଇ ଦେଇଛି । ଘଟଣାରୁ ପ୍ରକାଶ ଯେ, ପଟେରୁ ଫାଣ୍ଡି ପରିସରରେ ଥିବା ଓଏସଏପି ୪ର୍ଥ ଏସଏସବିଏନ ବାଟାଲିଆନରେ କାର୍ଯ୍ୟରତ ଯବାନ ବରଗଡ ଜିଲ୍ଲାର ଗାଇସିଲଟ ଅଂଚଳର ଦୁର୍ଯ୍ୟୋଧନ ମାଝି ଆଜି ସକାଳ ୬ ଟା ସମୟରେ ଡିୟୁଟି ସାରି କ୍ୟାମ୍ପକୁ ଯାଇଥିବା ବେଳେ ସେଠାରେ ନିଜ ସର୍ଭିସ ରାଇଫଲରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଥିଲେ । ସେ ୭ ମାସ ହେଲା ବିବାହ କରିଥିବା ବେଳେ ନିଜର ପତ୍ନୀଙ୍କୁ ସାଙ୍ଗରେ ନେଇ ପଟେରୁ ଠାରେ ଏକ ଘରଭଡ଼ା କରି ରହୁଥିଲେ । ଗୁରୁତର ଯବାନଙ୍କୁ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଯବାନ ଜଣକ କାହିଁକି ନିଜ ସର୍ଭିସ ବନ୍ଧୁକରୁ ଗୁଳି ଚାଳନା କରି ଆତ୍ମହତ୍ୟା କଲେ ତାର କାରଣ ଅସ୍ପଷ୍ଟ ରହିଛି । କାଲିମେଳା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି । ତଦନ୍ତ ପରେ ଯବାନଙ୍କ ଆତ୍ମହତ୍ୟାର କାରଣ ଜଣାପଡିବ ବୋଲି ପୋଲିସ କହିଛି ।

# ବିବାହ ଭୋଜିରେ ଉପୁଜିଥିବା ଗଣ୍ଡଗୋଳକୁ ନେଇ ୨ ଗିରଫ : ବନ୍ଧୁକ ଜବତ

କଣାସ,୦୫/୧୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅର୍ନ୍ତଗତ ବଙ୍କୁ ଗ୍ରାମପଚାଂୟତର ଗୋପାଳପୁର ଗ୍ରାମରେ ଗତକାଲି ଏକ ବିବାହ ଭୋଜିକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ପୋଲିସ ଏକ ବନ୍ଧୁକ ଜବତ କରିଛି । ସୂଚନା ଅନୁଯାୟୀ, ଗୋପାଳପୁର ଗ୍ରାମର ମାନସ ପରିଡାଙ୍କ ଭଉଣୀର ବିବାହ ନିକଟସ୍ଥ ରତ୍ନପୁର ଗ୍ରାମରେ ହେଉଥିଲା । ରତ୍ନପୁରରୁ ଆସିଥିବା ବରଯାତ୍ରୀମାନେ ଭୋଜି ଖାଇବା ସମୟରେ କନ୍ୟାପକ୍ଷର କିଛି ଲୋକଙ୍କ ସହିତ ବଚସା ହୋଇଥିଲା । ବରଯାତ୍ରୀମାନେ ଖାଇପିଇ ଗ୍ରାମକୁ ଫେରିଯାଇଥିଲେ । ବିଳମ୍ବିତ ରାତ୍ରରେ ୪ ଜଣ ଯୁବକ ମାନସ ପରିଡାଙ୍କ ଘରକୁ ଆସି ବନ୍ଧୁକ ଦେଖାଇ ଗଣ୍ଡଗୋଳ କରିବା ସମୟରେ ମାନସଙ୍କ ପରିବାରଲୋକ ଗଣ୍ଡଗୋଳ କରୁଥିବା ଦୁଇଜଣ ହେମନ୍ତ କୁମାର ପରିଡା, ଧିରେଜ କୁମାର ମହାରଥୀଙ୍କୁ କାବୁ କରିବା ସହିତ ବ୍ୟବହାର କରିଥିବା ବନ୍ଧୁକ ଛଡାଇ ନେଇ ଗଡିଶାଗୋଦା ଥାନାକୁ ଖବର ଦେଇଥିଲେ । ଖବର ପାଇ ଗଡିଶାଗୋଦା ଥାନା ଆଇ.ଆଇ.ସି ନାରାୟଣ ଚନ୍ଦ୍ର ଲେଙ୍କା ଘଟଣାସ୍ଥଳରେ ପହଂଚି ହେମନ୍ତ ଓ ଧିରେଜକୁ ଗିରଫ କରିବା ସହିତ ବନ୍ଧୁକ ଜବତ କରି ଗଡିଶାଗୋଦା ଥାନା କେସ୍ ନଂ-୩୦୮/୨୧ରେ ମୋକଦ୍ଦମା ରୁଜୁ କରି ଦଫା ୪୫୭, ୩୪୧, ୪୨୭, ୨୯୪, ୫୦୬, ୩୪ଆଇ.ପି.ସି, ୨୫ ଆର୍ମସ ଆକ୍ଟ ବଳରେ ଅଭିଯୁକ୍ତ ହେମନ୍ତ ଓ ଧିରେଜକୁ ପୁରୀ କୋର୍ଟକୁ ପଠାଇଥିବା ଆଇ.ଆଇ.ସି ଶ୍ରୀ ଲେଙ୍କ ଠାରୁ ପ୍ରକାଶ ।

# ଆଇଏନଏସ ଚିଲିକାରେ ଭାରତୀୟ ନୌସେନା ଦିବସ ପାଳିତ

ଖୋର୍ଦ୍ଧା,୦୫/୧୨ (ନି.ପ୍ର): ଶନିବାର ଆଇଏନ୍ଏସ୍ ଚିଲିକାରେ ନୌସେନା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ନାଭାଲ ଅଫିସର ଇନଚାର୍ଜ(ଓଡ଼ିଶା) ଓ ଆଇଏନ୍ଏସ୍ ଚିଲିକା କମାଣ୍ଡିଂ ଅଫିସର କମ୍ରେଡ଼ ଏନ୍.ପି. ପ୍ରଦୀପ ଷ୍ଟେସନର ଯୁଦ୍ଧ ମେମୋରିଆଲ ଠାରେ ପୁଷ୍ପମାଲ୍ୟ ଅର୍ପଣ କରି କର୍ତବ୍ୟରେ ସର୍ବୋଚ୍ଚ ବଳିଦାନ ଦେଇଥିବା ନାବିକମାନଙ୍କୁ ସମ୍ମାନ ଜଣାଇଥିଲେ ।

# ନିଖୋଜ ବିଦ୍ୟାଳୟ କର୍ମଚାରୀଙ୍କ ଗଳିତ ମୃତଦେହ କୂଅରୁ ଉଦ୍ଧାର : ପୋଲିସ ତଦନ୍ତ ଜାରି

ହରିଚନ୍ଦନପୁର,୦୫/୧୨ (ନି.ପ୍ର): ନିଖୋଜ ଥିବା ବିଦ୍ୟାଳୟର ୪ର୍ଥ ଶ୍ରେଣୀର କର୍ମଚାରୀଙ୍କ ମୃତଦେହ ଏକ ପରିତ୍ୟକ୍ତ କୂଅରୁ ଉଦ୍ଧାର ହୋଇଛି । ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ପଣ୍ଡାପଡା ଥାନା ତେନ୍ତଳାପଶି ପଂଚାୟତ ଧନୁର୍ଯ୍ୟପୁର ହାଇସ୍କୁଲରେ ନିରଞ୍ଜନ ନାଏକ ରାତ୍ରୀ ଯଗୁଆଳି ଭାବେ କାର୍ଯ୍ୟ କରିନ୍ତି । ଗତ ୨୮ ତାରିଖ ରବିବାର ସନ୍ଧ୍ୟାରେ ବଡକମଣ୍ଡରା ଗ୍ରାମ ସ୍ଥିତ ଘରୁ ବାହାରି ସାଇକେଲ ଯୋଗେ ସ୍କୁଲକୁ ଯାଇଥିଲେ । ହେଲେ ସୋମବାର ସକାଳେ ସେ ଘରକୁ ନଫେରିବାରୁ ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ । ନିରଞ୍ଜନଙ୍କ ଫୋନ୍ ସୁଇଚ ଅଫ୍ ରହିଥିବା ବେଳେ ଅନେକ ଖୋଜା ଖୋଜି ପରେ ବି ତାଙ୍କର କୌଣସି ପତା ମିଳିନଥିଲା । ଘଟଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜଣେଇବା ପରେ ବିଦ୍ୟାଳୟ ପରିସରରେ ତାଙ୍କ ସାଇକେଲ ଦେଖିବାକୁ ମିଳିଥିଲା । ଏଥିସହ ତାଙ୍କ ବିଶ୍ରାମ ଗୃହଟିର କବାଟ ଖୋଲାଥିବା ଦେଖିବାକୁ ମିଳିଥିଲା । ଏନେଇ ପରିବାର ପକ୍ଷରୁ ପଣ୍ଡାପଡା ଥାନାରେ ଲିଖିତ ଅଭିଯୋଗ ପରେ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଅନ୍ୟ ଶ୍ରେଣୀ ଗୃହର ତାଲା ଖୋଲାଯାଇ ଛାତ୍ରଛାତ୍ରୀ ପରିକ୍ଷା ଦେଇଥିଲେ । ପଣ୍ଡାପଡା ଥାନାର ଏକ ଟିମ୍ ନିଖୋଜ ନିରଞ୍ଜନଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରଖିଥିବା ସହ ଗତ ବୁଧବାର ୩ଜଣ ଓ ପରେ ଜଣଙ୍କୁ କଟକରୁ ଆଣି ଅଟକ ରଖି ତଦନ୍ତ ଚଳାଇଥିଲା । ଆଜି ଗୋପିନାଥପୁର ଗାଁର ଲଳିତ ମହାନ୍ତଙ୍କ ଅବ୍ୟବହୃତ କୂଅରୁ ମୃତ ଦେହ ଉଦ୍ଧାର ହୋଇଛି । ପୋଲିସ ନିରଞ୍ଜନଙ୍କ ମୃତଦେହ ଉଦ୍ଧାର ପରେ ଜବତ୍ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ହେଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ସହ ପୋଲିସର ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ ।

# ଦେଓଗାଁ ଚିନି କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରାଯିବାକୁ ଦାବି

ବଲାଙ୍ଗିର,୦୫/୧୨ (ନି.ପ୍ର): ଦେଓଗାଁ ଠାରେ ୨୦୧୩ ରୁ ବନ୍ଦ ହୋଇ ପଡ଼ିଥିବା ବିଜୟା ନନ୍ଦ ଚିନି କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରାଯିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଆଲୋଚନା କରାଯାଇ ଏହାର ବିଭିନ୍ନ ଦିଗକୁ ବିଚାର କରାଯାଇ ପୁନର୍ବାର କାର୍ଯ୍ୟକ୍ଷମ କରାଯିବାକୁ ସମଗ୍ର ଓଡିଶା କୃଷିଭିତିକ ଶିଳ୍ପ କାର୍ଯ୍ୟକ୍ଷମ ଆନ୍ଦୋଳନ ପକ୍ଷରୁ ଦାବି କରାଯାଇଛି । ପଶ୍ଚିମ ଓଡିଶାର ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା, ସୋନପୁର, ବୌଦ୍ଧ, ଫୁଲବାଣୀ, କନ୍ଧମାଳ, ବରଗଡ ଜିଲ୍ଲାର ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଆଖୁଚାଷ କରୁଥିବା ଚାଷୀ ୫୦୦୦ କର୍ମଚାରୀ ଓ ଶ୍ରମିକ ତାଙ୍କର ଜୀବିକା ହରାଇଛନ୍ତି । ଏହା ପୂର୍ବରୁ ଅନେକ ଆନ୍ଦୋଳନ ହୋଇଥିଲେ ମଧ୍ୟ କେହି ଏ ଦିଗରେ ପଦକ୍ଷେପ ନେଇ ନ ଥିବାରୁ ଯାଦବ ଭବନ ଠାରେ ବୈଠକରେ ବିଭିନ୍ନ ସଂଗଠନର ନେତୃବୃନ୍ଦ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ଦେଇଥିଲେ । ବିଭିନ୍ନ ଦିଗରୁ ବିଶ୍ଳେଷଣ କରାଯାଇଛି ଏବଂ ଏହି ଅଂଚଳରେ ଅନ୍ୟାନ୍ୟ କାରଖାନା ଅପେକ୍ଷା କୃଷିଭିତିକ କାରଖାନା ଦ୍ୱାରା ଅଂଚଳର ବିକାଶ ହୋଇ ଅନେକ କର୍ମ ସଂସ୍ଥାନ ବ୍ୟବସ୍ଥା ହୋଇପାରିବ ବୋଲି ମତ ପ୍ରକାଶ ପାଇଛି ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ସୋମବାର, ଡିସେମ୍ବର ୦୬, ୨୦୨୧


## ଇଡ୍‌ଲି ଚିଲ୍ଲୀ

**ସାମଗ୍ରୀ:**
-ଇଡ୍‌ଲି ୧୨ ପିସ୍
-କଞ୍ଚାଲଙ୍କା: ୫-୬ଟା
-ରସୁଣ: ୨ଟା
-କ୍ୟାପ୍‌ସିକମ୍: ୧ ଟା
-ଭୃର୍ସୁଙ୍ଗା ପତ୍ର: ୧ ଡେମ୍ଫ
-ଧନିଆ ପତ୍ର: ଅଳ୍ପ
-ପିଆଜ: ୪-୫ଟା
-ଚିଲ୍ଲୀସସ୍: ସ୍ୱାଦ ଅନୁଯାୟୀ
-ଟମାଟୋ ସସ୍: ସ୍ୱାଦ ଅନୁଯାୟୀ
-ସୋୟାସସ୍: ୧-୨ ଚାମଚ
-ଗୋଲମରିଚ ଗୁଣ୍ଡ: ୧-୨ ଚାମଚ
-ଲୁଣ: ସ୍ୱାଦ ଅନୁସାରେ
-ପ୍ରୟୋଜନ ଅନୁଯାୟୀ ତେଲ




**ପ୍ରଣାଳୀ:**
ପ୍ରଥମେ ଇଡ୍‌ଲିଗୁଡ଼ିକୁ ଛୋଟ ଛୋଟ ଖଣ୍ଡ ଆକାରରେ କାଟି ଦିଅନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ତେଲଦିଅନ୍ତୁ । ତେଲ ଗରମ ହେଲା ପରେ ସେହି ଇଡ୍‌ଲି ଖଣ୍ଡଗୁଡ଼ିକୁ ପକାଇ ହାଲ୍‌କା ଭାଜନ୍ତୁ । ଏପଟସେପଟ ଲେଉଟାଇ ବ୍ରାଉନ୍ ରଙ୍ଗ ହୋଇଗଲେ ସେଗୁଡ଼ିକୁ ଗୋଟିଏ ପାତ୍ରରେ କାଢ଼ି ଦିଅନ୍ତୁ । ତା' ପରେ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲା ପରେ ପିଆଜ, ରସୁଣ ଓ କଞ୍ଚାଲଙ୍କାକୁ କାଟି ପକାଇ ଭାଜନ୍ତୁ । ତା' ପରେ ସେଥିରେ ଭୃର୍ସୁଙ୍ଗ ପତ୍ରକୁ ପକାଇ ଭାଜନ୍ତୁ । ସେଗୁଡ଼ିକ ଭାଜି ହୋଇଗଲା ପରେ କ୍ୟାପ୍‌ସିକମ୍‌କୁ ଧୋଇ ଛୋଟ ଛୋଟ ଖଣ୍ଡ କାଟି ସେଥିରେ ପକାଇ ଭାଜନ୍ତୁ । କ୍ୟାପ୍‌ସିକମ୍ ହୋଇଗଲା ପରେ ଟମାଟୋ ସସ୍, ଚିଲ୍ଲୀସସ୍, ସୋୟାସସ୍ ପକାଇ ଗୋଳାଇ ଦିଅନ୍ତୁ । ଅଳ୍ପ ସମୟ ପରେ ଭଜା ହୋଇଥିବା ଇଡ୍‌ଲି, ଗୋଲମରିଚ ଗୁଣ୍ଡ, ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ । ଗୋଳେଇ ସାରିଲା ପରେ ତଳକୁ ଓହ୍ଲାଇ ଦିଅନ୍ତୁ । ଗରମ ଗରମ ନିଜେ ଖାଇଇବା ସହିତ ଅନ୍ୟମାନଙ୍କୁ ଖାଇବାକୁ ପରଷି ଦିଅନ୍ତୁ ।

## ରହସ୍ୟମୟ ମାରିଆନା ଟ୍ରେଞ୍ଚ

ସ୍ପେନର ରାଜା ଚତୁର୍ଥ ଫିଲିପ୍‌ଙ୍କ ପତ୍ନୀ ଥିଲେ ରାଣୀ ମାରିଆନା । ତାଙ୍କରରି ନାମ ଅନୁସାରେ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର ନାମକରଣ କରାଯାଇଥିଲା ମାରିଆନା ଟ୍ରେଞ୍ଚ । ଷୋଡ଼ଶ ଶତାବ୍ଦୀରେ ସେଗୁଡ଼ିକ ଥିଲା ସ୍ପେନୀୟ ଉପନିବେଶ । ଉତ୍ତର ପ୍ରଶାନ୍ତ ମହାସାଗରର ପଶ୍ଚିମ ଅଂଶରେ ଏହି ଦ୍ୱୀପଗୁଡ଼ିକ ପ୍ରକୃତରେ ବୁଡ଼ି ରହିଥିବା ସୁପ୍ତ ଆଗ୍ନେୟଗିରିର ଚୂଡ଼ା । ଏହି ଦ୍ୱୀପପୁଞ୍ଜର ୨୦୦ କିମି ପୂର୍ବରେ ବିସ୍ତୃତ ବିଶ୍ୱର ଗଭୀରତମ ମହାସାଗରୀୟ ଖାଇ । ୨୫୫୦ କିମି ଦୀର୍ଘ ଏବଂ ୬୯ କିମି ଚଉଡ଼ା ଏହି ସାମୁଦ୍ରିକ ଖାଇର ନାମକରଣ ହୋଇଛି ନିକଟବର୍ତ୍ତୀ ଦ୍ୱୀପପୁଞ୍ଜର ନାଁ ଅନୁସାରେ । ଫଳରେ ଗଭୀରତମ ଖାଇ 'ମାରିଆନା ଟ୍ରେଞ୍ଚ'ର ପରିଚୟ ସହିତ ଯୋଡ଼ି ହୋଇ ଯାଇଛି ସ୍ପେନ୍‌ର ରାଣୀଙ୍କ ନାମ । ସମୁଦ୍ରବିଜ୍ଞାନୀମାନଙ୍କ ଅନୁସାରେ ଏହି ଗଭୀର ଖାଇର ଗଭୀରତମ ଅଂଶର ମାପ ୧୦,୯୮୪ ମିଟର । ମାରିଆନା ଟ୍ରେଞ୍ଚର ଗଭୀରତମ ଏହି ଅଞ୍ଚଳର ନାଁ ଦିଆଯାଇଛି ଚାଲେଞ୍ଜର ଡିପ୍ । ଏହାର ଗଭୀରତା ବୁଝାଇବା ପାଇଁ କୁହାଯାଏ ଯେ ଯଦି ମାଉଣ୍ଟ ଏଭରେଷ୍ଟ ଏହା ମଧ୍ୟରେ ବୁଡ଼ାଇ ଦିଆଯାଏ ତେବେ ତାହା ମଧ୍ୟ ସଂପୂର୍ଣ୍ଣ ଭାବେ ବୁଡ଼ିଯିବ । ଅର୍ଥାତ ପୃଥିବୀର ଉଚ୍ଚତମ ଶୃଙ୍ଗ ଠାରୁ ମଧ୍ୟ ଆହୁରି ବଡ଼ ଏବଂ ଗଭୀର ଏହି





ଗଭୀରତମ ଖାଇ । ମାରିମାନା ଟ୍ରେଞ୍ଚର ଶେଷ ସୀମାରେ ତାପମାତ୍ରା ୧ ଡିଗ୍ରୀରୁ ୪ ଡିଗ୍ରୀ ସେଲିସିୟମ ମଧ୍ୟରେ ଥାଏ । ଏହି ଅଂଶରେ ଜଳସ୍ତର ଚାପ ସ୍ୱାଭାବିକ ତୁଳନାରେ ଖୁବ୍ ତୀବ୍ର । ପ୍ରତି ବର୍ଗ ଇଞ୍ଚରେ ଏହି ଚାପର ପରିମାଣ ପ୍ରାୟ ୮ ଟନ୍ । ସମୁଦ୍ର ଗଭୀରରେ ସ୍ୱାଭାବିକ ବାୟୁମଣ୍ଡଳୀୟ ଚାପ ତୁଳନାରେ ଏହି ପରିମାଣ ପ୍ରାୟ ହଜାର ଗୁଣ ଅଧିକ । ମାରିମାନା ଟ୍ରେଞ୍ଚରେ ଗଭୀରତା ସହିତ ବୃଦ୍ଧି ପାଇଥାଏ ଜଳସ୍ତରର ଚାପ । ଆଜି ପର୍ଯ୍ୟନ୍ତ ମାଉଣ୍ଟ ଏଭରେଷ୍ଟ ଶୀର୍ଷରେ ଅସଂଖ୍ୟ ପର୍ବତରୋହୀଙ୍କ ପାଦ ପଡ଼ିଛି । କିନ୍ତୁ ମାରିଆନା ଟ୍ରେଞ୍ଚର ଗଭୀର ଖାଇ ମଧ୍ୟରେ ପହଞ୍ଚିଛନ୍ତି ଅଳ୍ପ କେତେଜଣ ଅଭିଯାତ୍ରୀ । ମାରିଆନା ଟ୍ରେଞ୍ଚର ଗଭୀର ଖାଇ ମଧ୍ୟରେର ଅଳ୍ପ କିଛି ସାମୁଦ୍ରିକ ଜୀବର ଅସ୍ତିତ୍ୱ ଥିବାର ପ୍ରମାଣ ମିଳିଛି । ମାରିଆନା ଟ୍ରେଞ୍ଚ ଭିତର ଅଂଶ ସଂପୂର୍ଣ୍ଣ ଅନ୍ଧାର । ସୂର୍ଯ୍ୟ ସଂପୂର୍ଣ୍ଣ ଶେଷ ପର୍ଯ୍ୟନ୍ତ ପହଞ୍ଚି ପାରୁ ନଥିବାରୁ ଗଭୀର ଖାଇ ମଧ୍ୟରେ ଜୀବସତ୍ତାର ଅସ୍ତିତ୍ୱ ନାହିଁ ।


## ସାମାଜିକ ପରିବ୍ୟାପ୍ତି ମସ୍ତିଷ୍କର ଆକାର ସହିତ ସମାନ

ଆପଣ କେବେ କଳନା କରିଛନ୍ତି କି ଆପଣଙ୍କର ମସ୍ତିଷ୍କର ଆକାର କେତେ ହୋଇଥିବ କିମ୍ବା ଏହା ଭିତରେ ତେତେ ଡାଟା ଷ୍ଟୋର ହୋଇ ରହିପାରିବ । ଆପଣ ବୋଧେ ଏହା ଜାଣି ନଥିବେ ଯେ ଜଣଙ୍କ ମସ୍ତିଷ୍କର ଆକାର ତାହାର ସାମାଜିକ ସମ୍ପର୍କ ଓ ପରିବ୍ୟାପ୍ତି ସହିତ ସମାନ । ସିଏ ଯେତେ ସାମାଜିକ ସମ୍ପର୍କରେ ବନ୍ଧା, ତାହାର ମସ୍ତିଷ୍କ ସେତେ ଉନ୍ନତ ବା ଆକାର ଅନୁସାରେ ସେତେ ବଡ଼ । ସେଥିପାଇଁ କୁହାଯାଏ, ଯେଉଁମାନେ ସାମାଜିକ କ୍ଷେତ୍ରରେ ଅନେକ ଲୋକଙ୍କ ସହିତ ଜଡ଼ିତ, ସେମାନଙ୍କର ଆଇକ୍ୟୁ ସେତେ ଅଧିକ । କାରଣ ସାମାଜିକ କ୍ଷେତ୍ରରେ ଅନେକ ଲୋକଙ୍କ ସହିତ ମିଶିବା ବା ସେମାନଙ୍କ ସହିତ ସମ୍ପର୍କ ସୃଷ୍ଟି କରିବା ଦ୍ୱାରା ମସ୍ତିଷ୍କ ଉନ୍ନତି ହେବା ସହିତ ସେତେ ପରିପକ୍ୱ ବି ହୋଇ ପାରିବ ।



## ଗୁରୁ-ଚେଲା ଆପ୍

ଶାଶୁ ବୋହୂଙ୍କ ଯୋଡ଼ିକୁ ସାଧାରଣତଃ ସମସ୍ତେ ନକାରାତ୍ମକ ଦୃଷ୍ଟିରେ ଦେଖନ୍ତି । କିନ୍ତୁ ଝାଡ଼ଖଣ୍ଡ ଧାନ୍‌ବାଦର ଏକ ଶାଶୁ ବୋହୂ ଯୋଡ଼ି ଏବେ ତିଆରି କରିଛନ୍ତି ଗୁରୁ ଚେଲା ଆପ୍, ଯେଉଁଥି ପାଇଁ ଜୋରଦାର ଚର୍ଚ୍ଚା ହେଉଛି । ଧାନ୍‌ବାଦର ଘୋୟା ନିବାସୀ ୭୦ ବର୍ଷୀୟା ମନୋରମା ସିଂହ ଓ ୩୨ ବର୍ଷୀୟା ଶ୍ୱାତୀ କୁମାର ମିଳିତଭାବେ ତିଆରି କରିଛନ୍ତି ଗୁରୁ ଚେଲା ଆପ୍ । ଏହି ଆପ୍ ମାଧ୍ୟମରେ ଶିକ୍ଷକଙ୍କ ସହିତ ଛାତ୍ରଛାତ୍ରୀମାନେ ଯୋଗାଯୋଗ ରକ୍ଷା କରିପାରିବେ । ଉଭୟ ଏହି ଆପରେ ରେଜିଷ୍ଟର କରି ଆବଶ୍ୟକ ଅନୁସାରେ ଅନ୍‌ଲାଇନ୍ କ୍ଲାସ୍ କରିବାର ସୁଯୋଗ ପାଇଥାନ୍ତି । ବିଭିନ୍ନ ପ୍ରକାରର ସ୍କୁଲ ଶିକ୍ଷାଠାରୁ ଆରମ୍ଭ କରି ଇଞ୍ଜିନିୟରିଂ, ୟୁପିଏସ୍‌ସି, ଗୀତ, ସଙ୍ଗୀତ, ଗୋଗ ଆର୍ଟ ଆଦି ବିଭିନ୍ନ ବିଭାଗର ଶିକ୍ଷକ ସହଜରେ ମିଳି ଯାଇଥାନ୍ତି । ତେଣୁ ଏହି ଆପ୍ ମାଧ୍ୟମରେ ଏବେ



ବହୁ ଲୋକ ନିଯୁକ୍ତି ପାଇ ରୋଜଗାର କରିପାରୁଛନ୍ତି । ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ବିଭାଗର ଛାତ୍ର ଏହି ଆପ୍ ମାଧ୍ୟମରେ ପାଠ ପଢ଼ିବାର ବି ସୁଯୋଗ ପାଇଛନ୍ତି । ଲକ୍‌ଡାଉନ୍ ସମୟରେ ପିଲାମାନେ ପାଠ ପଢ଼ିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସହ କେତେକ ସ୍ଥାନରେ ଗୁରୁମାନେ ବି ରୋଜଗାର ହରାଇଛନ୍ତି । ଏ କଥାକୁ ଅନୁଭବ କରିବା ପରେ ମନୋରମା ଏବଂ ଶ୍ୱାତୀ ପ୍ରଥମେ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ସହିତ ଫୋନ୍ ମାଧ୍ୟମରେ ଯୋଗାଯୋଗ ସ୍ଥାପନ କରିଥିଲେ । ଏହାପରେ ଅଧିକ ଲୋକଙ୍କୁ ଏହି ମାଧ୍ୟମରେ ଯୋଡ଼ିବା ପାଇଁ ଉଭୟ ଏକ ଆପ୍ ତିଆରି କରିବାର ନିଷ୍ପତ୍ତି ନେଇଥିଲେ । ପ୍ଲେ ଷ୍ଟୋରରେ ଏହି ଗୁରୁ ଚେଲା ଆପ୍ ଉପଲବ୍ଧ ହେଉଛି । ଡାଉନଲୋଡ୍ କରିବା ପରେ ଏଥିରେ ରେଜିଷ୍ଟ୍ରେଶନ୍ କରିବାକୁ ପଡ଼ିଥାଏ । ଏହା ପରେ ଆପ୍‌ରେ ବିକଳ୍ପ ଅନୁସାରେ ଚୟନ କରିବା ପରେ ସମସ୍ତ ସୂଚନା ମିଳିପାରିବ । ଲକ୍‌ଡାଉନ୍ ସମୟରେ ଏହି ଆପ୍ ଏବେ ଏତେ ଲୋକପ୍ରିୟ ହେଲାଣି ଯେ ଏଥିପାଇଁ ହିଁ ଶାଶୁ ବୋହୂଙ୍କ ଯୋଡ଼ିକୁ ନେଇ ଚର୍ଚ୍ଚା ମଧ୍ୟ ହେଉଛି ।

## ମସଲାର ଯତ୍ନ



**ବର୍ଷାଦିନେ ମସଲା ବେଶିଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହୁନି କି। ଏହା ଗେଟା ଗେଟା ହୋଇଯାଏ। ଚିନ୍ତା କାହିଁକି ? କିଭଳି ବର୍ଷାଦିନେ ମସଲାକୁ ସୁରକ୍ଷିତ ରଖିବା ଆସନ୍ତୁ ଜାଣିବା।**

- ବର୍ଷାଦିନେ ଯେତେସମ୍ଭବ ମସଲାକୁ ଶୁଖିଲା ସ୍ଥାନରେ ରଖନ୍ତୁ। କାରଣ ବର୍ଷାଦିନେ ମସଲାରେ ଜଳୀୟବାଷ୍ପ ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ଖରାପ ହୋଇ ଗେଟାଗେଟା ହୋଇଯାଏ। ଫିମ୍ପି ମାରିବା ସହ ଏଥିରେ ପୋକ ଲାଗିଯାଏ।
- ଖରା ପଡୁଥିବା ଜାଗାରେ କି ବେଶି ଉଷୁମ ଥିବା ଜାଗାରେ ମସଲାକୁ ରଖନ୍ତୁ ନାହିଁ।





ସାଧାରଣତଃ ମସଲାକୁ ଶୁଖିଲା ରଖିବା ଭାବି ଏହାକୁ ବେଶି ଆଲୁଅ ପଡୁଥିବା ଜାଗାରେ ରଖିଦେଇଥାଉ। ଯାହାକି ମସଲାକୁ ଆହୁରି ଖରାପ କରିଦିଏ।

- ଫ୍ରିଜରେ ଆମେ ଯାହାବି ରଖିଲେ ଏହା ଖରାପ ହୋଇ ନଥାଏ। ଆଉ ଏହାକୁ ଆମେ ବେଶିଦିନ ପର୍ଯ୍ୟନ୍ତ ବ୍ୟବହାର କରିଥାଉ। ଏହାଭାବି ଆମେ ଫ୍ରିଜରେ ମସଲାକୁ ମଧ୍ୟ ରଖିଦେଇଥାଉ। କିନ୍ତୁ ଫ୍ରିଜରେ ମସଲା ରଖିବା ଦ୍ୱାରା ଏହା ନିଜର ସ୍ୱାଦ ହଜାଇଦିଏ। ଯଦି ଫ୍ରିଜରେ ରଖିବେ ଏହାକୁ ଭଲ ଭାବରେ ଏକ ପ୍ଲାଷ୍ଟିକ୍ ଡବାରେ ବନ୍ଦ କରି ରଖନ୍ତୁ। ଏଭଳି ବନ୍ଦ କରନ୍ତୁ ଯେ ଯେପରି ଏହା ମଧ୍ୟକୁ ବାୟୁ ପ୍ରବେଶ କରିପାରୁନଥିବ।
- ବର୍ଷାଦିନେ ଯେତେ ସମ୍ଭବ ଘରେ ଗୋଟା ଏବଂ ଦାନା ଯୁକ୍ତ ମସଲା ରଖନ୍ତୁ । ଦରକାର ସମୟରେ ଏହାକୁ ପେଶି ଗୁଣ୍ଡକରି ବ୍ୟବହାର କରନ୍ତୁ। ଏହାଛଡ଼ା ଦାନା ଥିବା ମସଲା ଦୋକାନରେ ମିଳୁଥିବା ପ୍ୟାକେଟ ମସଲାଠାରୁ ବେଶିଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିଥାଏ।

## ବିଦ୍ୟୁତ ସଞ୍ଚୟର ବାର୍ତ୍ତା ଦେଉଥିବା ହୋଟେଲ

ସହରର ଏକ ପଞ୍ଚତାରକା ହୋଟେଲ ସେରେଟନ୍ ରିସୋର୍ଟସ୍ ପ୍ରତି ମାସର ୨୮ ତାରିଖରେ ଏକ ଘଣ୍ଟା ରାତି ସାଢ଼େ ଆଠଟାରୁ ସାଢ଼େ ନ'ଟା ପର୍ଯ୍ୟନ୍ତ ବିଦ୍ୟୁତ ବ୍ୟବହାର ବନ୍ଦ କରି 'ଆର୍ଥ ଆୱାର' ଅଭିଯାନ ପରି ବିଦ୍ୟୁତ ସଞ୍ଚୟର ବାର୍ତ୍ତା ପ୍ରଦାନ କରୁଛି । କେବଳ ସେତିକି ନୁହେଁ ସେମାନେ ଆଖାପାଖର ବ୍ୟକ୍ତିମାନଙ୍କୁ ଏଭଳି କାର୍ଯ୍ୟରେ ସହଯୋଗ ତଥା କାର୍ଯ୍ୟକାରୀ କରିବାକୁ ମଧ୍ୟ ଅନୁରୋଧ କରିଛି । ଏହି ବିଦ୍ୟୁତ କାଟବେଳେ ହୋଟେଲରେ ରହିଥିବା ଅତିଥିମାନଙ୍କୁ ଟେରେସ୍ ଉପରେ ନିଃଶୁଳ୍କ କ୍ୟାଣ୍ଡେଲର





ଲାଇଟ୍ ଡିନର ପାଇଁ ଆମନ୍ତ୍ରଣ କରାଯାଏ । ସେଠାରେ ଘଣ୍ଟାକ ପାଇଁ ଅତିଥି ମାନେ ମହମବତୀ ଆଲୋକରେ ସୁସ୍ୱାଦୁ ଖାଦ୍ୟର ମଜା ଉଠାଇଥାନ୍ତି । ପରିବେଶ ସଂରକ୍ଷଣ ତଥା ବିଦ୍ୟୁତ ବଞ୍ଚାଅ ଅଭିଯାନକୁ 'ଆର୍ଥ ଆୱାର' ବା 'ପୃଥ୍ୱୀ ଘଣ୍ଟା' ନାମରେ ନାମିତ କରାଯାଇଛି । ୨୦୦୭ ମସିହାରେ ସିଡ୍‌ନୀ (ଅଷ୍ଟ୍ରେଲିଆ) ରେ ପ୍ରାୟ ଦୁଇ ଲକ୍ଷ ଲୋକ ଘଣ୍ଟାକ ପାଇଁ ବିଦ୍ୟୁତ ବ୍ୟବହାର ବନ୍ଦ କରି 'ଆର୍ଥ ଆୱାର' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଭାରତ ସମେତ ୮୭ଟି ଦେଶର ପ୍ରାୟ ୪ ହଜାର ୧୦୦ଟି ସହର ଏହି ଅଭିଯାନରେ ସାମିଲ ହୋଇ ସାରିଛନ୍ତି ।

## ମଧୁର ଜଳ ମାଛ ଚାଷ

ପୋଖରୀର ଏକ ହେକ୍ଟର ପ୍ରତି ୪୦୦୦ ଅଙ୍ଗୁଳିକା ଯାଆଁଳ କିମ୍ବା ବର୍ଷିକିଆ ଯାଆଁଳ ଛାଡ଼ନ୍ତୁ। ରୋହି, ଭାକୁର ଓ ମିରକାଳିର ଅନୁପାତ ୪୦ :୩୦ :୩୦ ରଖନ୍ତୁ। ଖାଦ୍ୟ ଦେବା ପାଇଁ ମୁଣା ବ୍ୟବହାର କରନ୍ତୁ। ଏହା ଦ୍ୱାରା ଖାଦ୍ୟ ଖାଇବାର ପ୍ରକ୍ରିୟା, ହାର ଓ ଅନୁପାତ ଜଣାପଡ଼େ। ନିୟମିତ ଜାଆଁଳ ସଂଗ୍ରହ କରି ବୃଦ୍ଧି ଓ ବଞ୍ଚିବା ହାର ଦେଖନ୍ତୁ। ଏହି ସମୟରେ ପୋଖରୀରେ ଜଳ ପରିଚାଳନା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପାଣିରେ ଅମ୍ଳଜାନ ୭ ରୁ ୮.୫ ମଧ୍ୟରେ ରହିବା ଦରକାର। ଏଥିପାଇଁ ପିଏଚପେପର ବ୍ୟବହାର କରନ୍ତୁ। ଜଳର ଗୁଣ ପାଇଁ ତଳ ମାଟିରେ ଯତ୍ନ ନିଅନ୍ତୁ। ମଝିରେ ମଝିରେ କଳା ମାଟି ଓ ପଚାଶଢ଼ା ପଦାର୍ଥ କାଢ଼ିଦିଅନ୍ତୁ। ଚୂନ ପକାନ୍ତୁ। ରୋଗ ନିରାକରଣ ପାଇଁ ଏକର ପ୍ରତି ୪୦୦ ମିଲି ସଫାକସ ଛଅମାସ ଅନ୍ତରରେ ପ୍ରୟୋଗ କରନ୍ତୁ।



## ତରଳୁ ନଥିବା ଆଇସକ୍ରିମ !

ଅନଲାଇନରେ ମିଳିବ ତରଳୁ ନଥିବା ଆଇସକ୍ରିମ। ଗୋଟିକ ପ୍ରତି ମୂଲ୍ୟ ଭାରତୀୟ ମୁଦ୍ରାରେ ଚାରିଶହ ଟଙ୍କା ଭିତରେ ରହିବ। ଏହାର ନାମ 'ଗାଷ୍ଟ୍ରୋନଟ ଆଇସକ୍ରିମ'। ଏହା ମାର୍କିନ ନାଗରିକ ରବ କଲିଂଟନଙ୍କ ଦ୍ୱାରା ବିକଶିତ। ବ୍ୟବସାୟିକ ଉତ୍ପାଦନ ସେ ନିଜସ୍ୱ ସଂସ୍ଥା ଦ୍ୱାରା ଆରମ୍ଭ କରିସାରିଲେଣି। ବ୍ରୁକ୍‌ଲିନ୍ ଓ ନିଉ ଚକଲେଟ ଚିପ୍, କୁକିଜ୍ ଅଣ୍ଡ କ୍ରିମ ଓ ମିଣ୍ଟ୍ ଚକଲେଟ ଚିପ୍) ରେ ମିଳୁଛି। ତରଳୁ ନଥିବା ଆଇସକ୍ରିମ ସଂପୂର୍ଣ୍ଣ ଜୈବ। ଏଥିରେ କୌଣସି ଧରଣର କୃତ୍ରିମ ଉପାଦାନ ମିଶାଯାଉ ନଥିବା ପ୍ରକାଶ। ଫ୍ରିଜ ଡ୍ରଇଂ ପଦ୍ଧତିରେ ଏହା ବିକଶିତ କରିଛନ୍ତି ରବ୍। ଏହି ପଦ୍ଧତିରେ ପ୍ରଥମେ ଖାଦ୍ୟର ହିମକରଣ ହୁଏ। ଦ୍ୱିତୀୟ ପର୍ଯ୍ୟାୟରେ ଶକ୍ତିଶାଳୀ ଭାକ୍ୟୁମ ଦ୍ୱାରା ସଂପୂର୍ଣ୍ଣ ଭାବେ ବାୟୁମୁକ୍ତ କରାଯାଏ। ତାହାପରେ ଉତ୍ତପ୍ତ କରାଯାଏ। ଫଳରେ ହିମଳ ତରଳ ପଦାର୍ଥ ବାଷ୍ପ ଆକାରରେ ବାହାରିଯାଏ। ଶେଷରେ ବାୟୁନିରୋଧୀ ପ୍ୟାକିଂ କରାଯାଏ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭବିଷ୍ୟତ ସତର୍କ...

ଏକ ଭୁତାଣୁ ପାଇଁ କୌଣସି ଭୌଗୋଳିକ ସୀମା ନାହିଁ । ଏଇ ସତକଥାଟିକୁ ବିଶ୍ୱ ସେତିକି ବେଳେ ଅନୁଭବ କରି ପାରିଥିଲା, ଯେତେବେଳେ କୋଭିଡ୍-୧୯ ମହାମାରୀ ଚୀର ଉହାନ୍ ସହରରୁ ବାହାରି ବିଶ୍ୱର ଦ୍ୱିଶତାଧିକ ଦେଶକୁ ବ୍ୟାପିଗଲା । ତଥାପି ପ୍ରାୟ ଦୁଇ ବର୍ଷ ପରେ ସେହି ଭୁତାଣୁର ଏକ ନୂଆ ମ୍ୟୁଟାଣ୍ଟ୍ ଭାରିଆଣ୍ଟ୍ ପୁଣିଥରେ । ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରିବାକୁ ବସିଛି, ଅଥଚ ବିଶ୍ୱର ନେତୃବୃନ୍ଦ ଦୀର୍ଘକାଳୀନ ଭିତ୍ତିରେ ପ୍ରତ୍ୟେକ ଦେଶର ଲୋକଙ୍କୁ ଏହି ନୂଆ ଭାରିଆଣ୍ଟ୍ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନାକୁ ଉଜ୍ଜ୍ୱଳ କରିବା ନିମନ୍ତେ ନିଜର ଭୁଲ୍‌କୁ ଦୋହରାଉଛନ୍ତି । ପ୍ରଥମେ ଦକ୍ଷିଣ ଆଫ୍ରିକା କୋଭିଡ୍-୧୯ର ସମ୍ଭାବ୍ୟ ବିପଜ୍ଜନକ ନୂଆ ଟ୍ରେନ୍ ଓମିନ୍ ବିଷୟରେ ଘୋଷଣା କରିବା ପରେ ଅନେକଗୁଡ଼ିଏ ଦେଶ, ଯୁକ୍ତରାଷ୍ଟ୍ର ଆମେରିକା, ଯୁକ୍ତରାଜ୍ୟ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଇତ୍ୟାଦି ଦକ୍ଷିଣ ଆଫ୍ରିକାରୁ ଲୋକମାନଙ୍କୁ ସେମାନଙ୍କ ଦେଶରେ ପ୍ରବେଶ କରିବା ଉପରେ ନିଷେଧାଦେଶ ଜାରି କଲେ । କେବଳ ସାଇକ୍ ପ୍ରୋଟିନ୍‌ରେ ୩୨ଟି ମ୍ୟୁଟେସନ୍ ରହିଥିବା ଏହି ନୂଆ ଭାରିଆଣ୍ଟ୍ ବୋନାରେ ସଂଗ୍ରହ ହୋଇଥିବା ଏକ ନମୁନାରୁ ଜଣା ପଡ଼ିଥିଲା ଏବଂ ଦକ୍ଷିଣ ଆଫ୍ରିକା ତୁରନ୍ତ ଏହାର ଜେନେଟିକ୍ ସିକ୍ୟୁଏନ୍ତି ସମ୍ବନ୍ଧୀୟ ତଥ୍ୟକୁ ନଭେମ୍ବର ୨୩ ତାରିଖରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଡାଟାବେସ୍‌ରେ ପ୍ରକାଶ କଲା । କିନ୍ତୁ ଏହି ଦେଶକୁ ନୂଆ ତଥ୍ୟ ଦେବା ପାଇଁ ପୁରସ୍କାର ପ୍ରଦାନ କରାଯିବା ତ ଦୂରର କଥା, ଓଲଟା ଦଣ୍ଡିତ କରାଗଲା, ସେହି ଦେଶରୁ କୌଣସି ଲୋକଙ୍କ ଆଗମନ ଉପରେ ପ୍ରତିବନ୍ଧକ ଲଗାଯାଇ । ଇସ୍ରାଏଲ ଏବଂ ମରକ୍କୋ ସେମାନଙ୍କ ଦେଶରେ ବିଦେଶୀମାନଙ୍କୁ ପ୍ରବେଶ କରିବାର ଅନୁମତି ଦେଲେନାହିଁ । ଆଉ ଏସବୁ ହେଲା ସେତିକିବେଳେ, ଯେତେବେଳେ ଏଇ ନୂଆ ଭାରିଆଣ୍ଟ୍ ଦୁଇ ଡଜନରୁ ଅଧିକ ଦେଶରେ ନିରୂପିତ ହୋଇ ସାରିଥିଲା । ଏହିସବୁ ଦେଶମାନଙ୍କ ମଧ୍ୟରୁ ଅଧିକାଂଶ ଦେଶ ଥିଲେ ଆଫ୍ରିକା ବାହାରର- ଅଷ୍ଟ୍ରେଲିଆରୁ । ଅଷ୍ଟ୍ରିଆ, ବେଲଜିୟମରୁ ବ୍ରାଜିଲ ଏବଂ ସ୍ୱିଡେନ୍‌ରୁ ସେନ୍ ପର୍ଯ୍ୟନ୍ତ । ଏହିସବୁ ଦେଶ ହୁଏତ ବିଶ୍ୱର ଅନ୍ୟାନ୍ୟ ଭାଗକୁ । ଓମିନ୍ ଭାରିଆଣ୍ଟର ବିସ୍ତାର ପାଇଁ ଦାୟୀ ହୋଇଥାଇ ପାରନ୍ତି, କିନ୍ତୁ ତା' ସତ୍ତ୍ୱ ପ୍ରଥମେ ଦଣ୍ଡ ଭୋଗିଲେ ଦକ୍ଷିଣ ଆଫ୍ରିକୀୟ ଦେଶଗୁଡ଼ିକ । ନୂଆ ଭାରିଆଣ୍ଟ ସମ୍ପର୍କରେ ଜଣା ପଡ଼ିବାର ମାତ୍ର ଅଳ୍ପ କେତେ ସପ୍ତାହ ପରେ ସେମାନଙ୍କ ଦେଶଗୁଡ଼ିକର ସୀମାକୁ ବନ୍ଦ କରି ଏହି ସମ୍ଭାବ୍ୟ ବିପଦ ପ୍ରତି କିଭଳି ପ୍ରତିକ୍ରିୟା ପ୍ରକାଶ କରିଥିଲେ, ତାହା ଉଲ୍ଲେଖ କରିଥାଏ ସେମାନଙ୍କ କାର୍ଯ୍ୟକଳାପ। କିନ୍ତୁ ଏଥିରେ କିଛି ପାର୍ଥକ୍ୟ ରହିଛି । ଏଭଳି କହିବାର ତାତ୍ପର୍ଯ୍ୟ- ୨୦୨୦ର ପ୍ରଥମାର୍ଦ୍ଧରେ ମହାମାରୀ କୋଭିଡ଼-୧୯ର ଭୟାବହତା ସମ୍ପର୍କରେ ଜଣା ପଡ଼ିବା ପରେ ସମଗ୍ର ବିଶ୍ୱରେ ଯେଉଁଭଳି ପରିସ୍ଥିତି ରହିଥିଲା, ବର୍ତ୍ତମାନ ସେତିକି ଆତଙ୍କ ଆଉ ନାହିଁ, କାରଣ ବିଶ୍ୱ ନିକଟରେ ଏବେ ଭୁତାଣୁର ପ୍ରସାର ଏବଂ ଏହାଦ୍ୱାରା ସଂକ୍ରମିତ ଲୋକଙ୍କ ମୃତ୍ୟୁକୁ ରୋକିବା ନିମନ୍ତେ ପ୍ରଭାବଶାଳୀ ଟିକାମାନ ରହିଛି । ତଥାପି, ଧନୀ ରାଷ୍ଟ୍ରମାନେ ବିପୁଳ ପରିମାଣରେ ଟିକା ଗଚ୍ଛିତ କରି ରଖୁଥିବା ଆଫ୍ରିକା ଭଳି ଗରିବ । ରାଷ୍ଟ୍ରମାନଙ୍କରେ ଟିକାର ଉତ୍କଟ ଅଭାବ ସୃଷ୍ଟି କରିଛି, ଯେଉଁଥିପାଇଁ ଏଠାକାର ଲୋକମାନେ ପ୍ରତିଷେଧକ ଟିକା ନେଇ ପାରୁ ନାହାନ୍ତି । ଗୋଟିଏ ପଟେ ଉତ୍ତର ଆମେରିକା ଏବଂ ୟୁରୋପର ଦେଶଗୁଡ଼ିକ ସେମାନଙ୍କର ଲୋକମାନଙ୍କୁ ବୁଷ୍ଟର ଡୋଜ୍ ପ୍ରଦାନ କରି ଚାଲିଥିବା ବେଳେ ଆଫ୍ରିକୀୟ ଦେଶଗୁଡ଼ିକ ସେମାନଙ୍କ ମହାଦେଶର ହାରାହାରି ୬ ପ୍ରତିଶତ ଲୋକଙ୍କୁ ସମ୍ପୂର୍ଣ୍ଣ ଭାବେ ଟିକା ଦେବାରେ ସମର୍ଥ ହୋଇଛନ୍ତି । ଧନୀ ଦେଶଗୁଡ଼ିକ ସେମାନଙ୍କ ଲୋକମାନେ ଯେତିକି ଆବଶ୍ୟକ କରନ୍ତି, ତା'ଠାରୁ ଯଥେଷ୍ଟ ଅଧିକ ପରିମାଣର ଟିକା କିଣି ଗରିବ ଦେଶଗୁଡ଼ିକଙ୍କ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର କୋଭାକ୍ସ ସୁବିଧା ଭଳି ବିଶ୍ୱସ୍ତରୀୟ ପଦକ୍ଷେପ ନିମନ୍ତେ ସ୍ୱଚ୍ଛ ଯୋଗାଣର ସୁଯୋଗ ରଖୁଛନ୍ତି । ପରିଣତିରେ ବିଶ୍ୱର କେତେକ ଅଂଶ ଟିକାକରଣ କ୍ଷେତ୍ରରେ ପଛରେ ପଡ଼ିଯିବା ସହିତ ମାରାତ୍ମକ ମହାମାରୀ କୋଭିଡ୍୧୯ର ନୂଆ ନୂଆ ଭାରିଆଣ୍ଟର ପ୍ରଜନନ କ୍ଷେତ୍ର ପାଲଟି ସମଗ୍ର ବିଶ୍ୱକୁ ସମ୍ପ୍ରସାରିତ ହେଉଛି । ଏହାଦ୍ୱାରା କେବଳ ଅବିକଶିତ ବା ବିକାଶଶୀଳ ରାଷ୍ଟ୍ରଗୁଡ଼ିକ କ୍ଷତିଗ୍ରସ୍ତ ହେଉ ନାହାନ୍ତି, ବିକଶିତ ଦେଶମାନେ ମଧ୍ୟ ନୂଆ ଭାରିଆଣ୍ଟ୍ ଦ୍ୱାରା କବଳିତ ହେଉଛନ୍ତି ଏବଂ ସଂକଟ ଟଳିଯିବା ପରିବର୍ତ୍ତେ ପୂର୍ବବତ୍ ଜାରି ରହୁଛି। ଏହା ବାଦ୍ ଦକ୍ଷିଣ ଆଫ୍ରିକା ଭଳି ଯେଉଁ ଦେଶମାନେ ନୂଆ ଭାରିଆଣ୍ଟର ନିରୂପଣ କରିବା ସହିତ ସେ ସମ୍ପର୍କରେ ତୁରନ୍ତ ସୂଚନା ପ୍ରଦାନ କରୁଛନ୍ତି, ସେମାନଙ୍କ ଉପରେ ନିଷେଧାଦେଶ ଜାରି କରିବା ଭଳି ଦଣ୍ଡ ବିଧାନ କରି ଆନ୍ତର୍ଜାତିକ ସମୁଦାୟ ସ୍ୱଚ୍ଛତା ଏବଂ ସହଯୋଗକୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ ତାକୁ ନିରୁତ୍ସାହିତ କରୁଛି । ଏପରି ହେଲେ ଏହା ପରେ ଯଦି କେଉଁ ନୂଆ ଦେଶରେ କୌଣସି ନୂଆ ଭାରିଆଣ୍ଟ ସମ୍ପର୍କରେ ଜଣାପଡ଼େ, ତା'ହେଲେ ସେହି ଦେଶ ସମସ୍ତଙ୍କ ମଙ୍ଗଳ ପାଇଁ ଏ ବାବଦରେ ସୂଚନା ଦେବା ପରିବର୍ତ୍ତେ ତାକୁ ଲୁଚାଇବ । କହିବା ବାହୁଲ୍ୟ, ଟିକାକରଣରେ ନିଷ୍ପକ୍ଷତା ଏବଂ ଏକ ବିଶ୍ୱସ୍ତରୀୟ ଆଭିମୁଖ୍ୟ ହିଁ ଭୁତାଣୁ ଶୃଙ୍ଖଳକୁ ଛିନ୍ନ କରି ପାରିବ । ତେଣୁ ଏଥିପାଇଁ ଯାହା ସର୍ବାଧିକ ଆବଶ୍ୟକ, ତାହା ହେଉଛି ସାଧାରଣ ଜ୍ଞାନ । ଏକ ଅବିଚାରିତ ଯାତାୟାତ ନିୟନ୍ତ୍ରଣ ସମାଧାନର ବାଟ ନୁହେଁ । ଭାରତରେ ଓମିନ୍ ଭାରିଆଣ୍ଟ୍ ଦ୍ୱାରା ସଂକ୍ରମିତ ବ୍ୟକ୍ତିମାନେ ଚିହ୍ନଟ ହୋଇ ସାରିଲେଣି, ଯାହା 'ଅତ୍ୟଧିକ ବିପଜ୍ଜନକର ଆଖ୍ୟା ପାଇ ସାରିଲାଣି । ଯଦିଓ ବିଭିନ୍ନ ବର୍ଗର ଲୋକଙ୍କ ଭିତରେ ରୋଗର ଭୟାବହତା କେତେ ହେବ, ତାହା ଏବେ ସୁଦ୍ଧା ସ୍ପଷ୍ଟ ଭାବରେ ଜଣାପଡ଼ି ନାହିଁ, ତେବେ ପ୍ରାଥମିକ ପ୍ରମାଣଗୁଡ଼ିକ ଦର୍ଶାଉଛି ଯେ ଏହି ଭାରିଆଣ୍ଟ ଦ୍ରୁତବେଗରେ ବ୍ୟାପିବା ସହିତ ପୂର୍ବର ସମସ୍ତ ଭାରିଆଣ୍ଟଠାରୁ ଅଧିକ । ମାରାତ୍ମକ। ସମୟ ଉପଗତ ହୋଇଛି, ଭାରତ ତା'ର ଟିକାକରଣର ଗତିକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବିପଦକୁ ଟାଳିବା । ନିମନ୍ତେ ସାଧାରଣ ଲୋକମାନଙ୍କ ମଧ୍ୟରେ କୋଭିଡ୍-ପ୍ରତିରୋଧୀ ସ୍ୱାସ୍ଥ୍ୟରକ୍ଷାର ସାଧାରଣ ନିୟମଗୁଡ଼ିକର କଡ଼ାକଡ଼ି ଅନୁପାଳନ ପାଇଁ ପୁନର୍ବାର ସଚେତନତା ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଉଚିତ ।

## ବାବାସାହେବ ଭୀମ୍‌ରାଓ ଆମ୍ବେଦକର



ଅମୂଲ୍ୟ କୁମାର ପଣ୍ଡା

ମନୁଷ୍ୟକୁ ଦାସ କରି ହଜାର ହଜାର ଲୋକ ରାଜା ହୋଇଛନ୍ତି କିନ୍ତୁ ଏମିତି ଏକ ବ୍ୟକ୍ତିତ୍ୱ ଥିଲେ ଯାହାଙ୍କୁ ଆମେ ଡକ୍ଟର ବି. ଆର ଆମ୍ବେଦକର ନାମରେ ଜାଣିଛନ୍ତି ଆଉ ଯିଏ ଦାସ ମାନଙ୍କୁ ମନୁଷ୍ୟ କରିଛନ୍ତି ଓ ସେମାନଙ୍କୁ ତାଙ୍କର ଅଧିକାର ଦେଇଛନ୍ତି।ତାଙ୍କର ପୁରା ନାମ ହେଉଛି ଡ. ବାବାସାହେବ ଭୀମରାଓ ଆମ୍ବେଦକର, ଯିଏକି ଭାରତର ସମ୍ବିଧାନ (Constitution) ଗଠନ କରିଥିଲେ ଓ ଗରିବ, ଦଳିତ ଓ ମହିଳା ମାନଙ୍କୁ ସେମାନଙ୍କୁ ଅଧିକାର ଦେଇଥିଲେ ଏବଂ ସମାଜରୁ ସମସ୍ତ କୁନୀତି ଓ ଅନ୍ଧବିଶ୍ୱାସ ଯାହା ମନୁଷ୍ୟ ସମାଜର ହିତରେ ନଥିଲା ତାକୁ ସମାପ୍ତ କରିଥିଲେ। ତାଙ୍କର ମତ ଥିଲା "ଆମେ ଏମିତି ଏକ ଧର୍ମକୁ ମାନିବା ଦରକାର ଯାହା ସ୍ୱତନ୍ତ୍ରତା, ସମାନତା ଓ ଭାଇଚାରାର ଶିକ୍ଷା ଦେଉଥିବ"। ଆମ୍ବେଦକର ଏକାଧାରରେ ଜଣେ ସମାଜ ସଂସ୍କାରକ, ରାଷ୍ଟ୍ରନାୟକ, ଦାର୍ଶନିକ ଓ ପ୍ରଜ୍ଞା ପୁରୁଷ ଥିଲେ। ଜଣେ ରାଷ୍ଟ୍ରବାଦୀ ନେତାଭାବେ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ସେ ସମ୍ମାନ କରୁଥିଲେ। ସେ ସବୁ ଭାରତୀୟଙ୍କ ପାଇଁ ସମାନ ଆଇନ୍ କରିବା ଉଦ୍ଦେଶ୍ୟରେ କମନ ସିଭିଲ୍ କୋଡ ପ୍ରଚଳନର ପ୍ରସ୍ତାବ ଆଣିଥିଲେ। ବାବା ସାହେବ ନାମରେ ଜଣାଶୁଣା ଆମ୍ବେଦକର ତାଙ୍କ ଜୀବନସାରା ସମାନତା ପାଇଁ ସଂଘର୍ଷ କରିଥିଲେ। ଏହି କାରଣରୁ ଭାରତରେ ତାଙ୍କ ଜୟନ୍ତୀକୁ 'ସମାନତା ଦିବସ' ଏବଂ 'ଜ୍ଞାନ ଦିବସ' ଭାବରେ ପାଳନ କରାଯାଏ।

ଜାତିବାଦର ଶିକାର ହୋଇ ହିନ୍ଦୁ ସମାଜର ଏକ ବିଶେଷ ଅଂଶ ଯେତେବେବେଳ ହଜାର ହଜାର ବର୍ଷ ଧରି ଅସ୍ପୃଶ୍ୟ ଭାବେ ଆସିଛନ୍ତି ସେତେବେଳେ ସେମାନଙ୍କୁ ସେହି ଅତ୍ୟାଚାରରୁ ମୁକ୍ତି ଦେଇ ସମାଜିକ ନ୍ୟାୟ ପ୍ରତିଷ୍ଠା କ୍ଷେତ୍ରରେ ଆମ୍ବେଦକର ଏକ ମହାମାନବର ଭୂମିକା ଗ୍ରହଣ କରିଛନ୍ତି। ତେଣୁ ଦଳିତମାନେ ତାଙ୍କୁ ନିଜର ତ୍ରାଣକର୍ତ୍ତା ରୂପେ ଗ୍ରହଣ କରି ଆସିଛନ୍ତି ଓ କୃତଜ୍ଞ ଭାରତବାସୀ ତାଙ୍କୁ ମରଣୋତ୍ତର 'ଭାରତରତ୍ନ' ଉପାଧିରେ ବିଭୂଷିତ କରି ତାଙ୍କ ପ୍ରତି ନିଜର ସମ୍ମାନ ପ୍ରଦର୍ଶନ କରିଛନ୍ତି। ଆମ୍ବେଦକରଙ୍କ ଜନ୍ମ ୧୪ ଏପ୍ରିଲ ୧୮୯୧ ମସିହାରେ ମଧ୍ୟପ୍ରଦେଶର ଇନ୍ଦୋର ଜିଲ୍ଲାର ମହଉ ଗ୍ରାମରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ରାମଜୀ ସେକପଲ ଏବଂ ମାତାଙ୍କ ନାମ ଭୀମାବାଇ ଥିଲା। ତାଙ୍କ ପିତା ଭାରତୀୟ ସେନାରେ ରହି ଦେଶସେବା କରୁଥିଲେ। ନିଜର କାର୍ଯ୍ୟାନିଷ୍ଠାରେ ସେନାର ସୁବେଦାର ପଦ ପର୍ଯ୍ୟନ୍ତ ପହଞ୍ଚିପାରିଥିଲେ। ପିତା ରାମଜୀ ପ୍ରତ୍ୟହ ରାମୟାଣ ଓ ମହାଭାରତ ପଠନ କରୁଥିଲେ। ରାମ, କୃଷ୍ଣ, ଭୀମ, ଅର୍ଜୁନ ପ୍ରଭୃତି ଚରିତ୍ରମାନଙ୍କ ପ୍ରତି ତାଙ୍କର ଯଥେଷ୍ଟ ଶ୍ରଦ୍ଧା ଥିଲା। ତେଣୁ ଆମ୍ବେଦକରଙ୍କ ନାମ ସେ ଭୀମରାଓ ବୋଲି ରଖିଥିଲେ। ଯଦିଓ ଭୀମରାଓ ତାଙ୍କ ବିଦ୍ୟାଳୟ ଜୀବନରୁ ଜାତିବାଦର



ଅତ୍ୟାଚାର ଓ ନିର୍ଯ୍ୟାତନାର ଶିକାର ହୋଇଥିଲେ ତଥାପି କୃଷ୍ଣକେଶବ ଆମ୍ବେଦକର ନାମକ ଜଣେ ବ୍ରାହ୍ମଣ ଶିକ୍ଷକ ପ୍ରାଥମିକ ଶିକ୍ଷାଲାଭ କାଳରୁ ତାଙ୍କୁ ବହୁ ଭାବେ ସାହାଯ୍ୟ କରିଆସିଥିଲେ। ଶିକ୍ଷକ ଆମ୍ବେଦକର ତାଙ୍କୁ ଅନେକ ସମୟରେ ନିଜ ମଧ୍ୟାହ୍ନ ଭୋଜନରେ ମଧ୍ୟ ଅଂଶୀଦାର କରୁଥିଲେ ଓ ନିଜ ପୁତ୍ର ଭଳି ସ୍ନେହ ଦେଉଥିଲେ। ସେହି ଶିକ୍ଷକ ହିଁ ତାଙ୍କ ନାମ ଭୀମରାଓ ରାମଜୀ ସକ୍‌ପାଲରୁ ସକ୍‌ପାଲ ସଂଜ୍ଞା କାଟି ସ୍କୁଲ ରେଜିଷ୍ଟରରେ ନିଜ ଆମ୍ବେଦକର ସଂଜ୍ଞାଟି ଯୋଡ଼ି ଦେଇଥିଲେ। ଦଳିତ ଜାତିର ନେତୃତ୍ୱ ନେବାପରେ ଦଳିତମାନେ ତାଙ୍କୁ ଶ୍ରଦ୍ଧାରେ ବାବାସାହେବ ବୋଲି ସମ୍ବୋଧନ କରୁଥିଲେ। ତେଣୁ ଆମ୍ବେଦକରଙ୍କ ପୁରା ନାମ ହେଲା ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକର ବା ସଂକ୍ଷେପରେ ଡଃ. ବି.ଆର ଆମ୍ବେଦକର। ପରବର୍ତ୍ତି କାଳରେ ଗାନ୍ଧୀ, ନେହେରୁ ଓ ପଟେଲଙ୍କ ପରି କେବଳ ତାଙ୍କର ସଂଜ୍ଞା ଆମ୍ବେଦକରରୁ ଲୋକେ ତାଙ୍କୁ ହିଁ ବୁଝୁଥିଲେ। ଗାନ୍ଧିଜୀ ସବୁବେଳେ ତାଙ୍କୁ ଶ୍ରଦ୍ଧାରେ ଡକ୍ଟର ସାହେବ ବୋଲି କହୁଥିଲେ। ପିତା ରାମଜୀ ତାଙ୍କ ପିଲାମାନଙ୍କୁ ପାଠପଢ଼ା ଓ କଠିନ ପରିଶ୍ରମ ପାଇଁ ପ୍ରୋତ୍ସାହନ ଦେଉଥିଲେ, ଯାହାଫଳରେ ଆମ୍ବେଦକରଙ୍କୁ ପିଲାବେଳୁ ପାଠପଢ଼ା ପ୍ରତି ଆଗ୍ରହ ଥିଲା। କିନ୍ତୁ ସେ ମହର ଜାତିର ଥିଲେ ଯାହାକୁ ସେତେବେଳେ ଅଛୁଆଁ ଜାତି କହୁଥିଲେ ଅର୍ଥାତ ନୀଚ ଜାତିର ଲୋକ ଯଦି କୌଣସି ବସ୍ତୁକୁ ସ୍ପର୍ଶ କରୁଥିଲା ତେବେ ତାହାକୁ ଅପବିତ୍ର ମାନୁଥିଲେ ଏବଂ ଉନ୍ନତ ଜାତିର ଲୋକମାନେ ଏହାକୁ ବ୍ୟବହାର କରୁନଥିଲେ। ଏହି କାରଣରୁ ନୀଚ ଜାତିର ପିଲାମାନେ ପାଠ ପଢିବାକୁ ବିଦ୍ୟାଳୟ ବି ଯାଇପାରୁନଥିଲେ। କିନ୍ତୁ ସୌଭାଗ୍ୟ ବଶତଃ ସରକାର ସେନାରେ କାମକରୁଥିବା କର୍ମଚାରୀଙ୍କ ପିଲାଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଓ ଏଥିପାଇଁ ଆମ୍ବେଦକରଙ୍କ ପାଠପଢ଼ା ଆରମ୍ଭ ହୋଇପାରିଥିଲା। ସ୍କୁଲରେ ପାଠ ପଢ଼ାରେ ଭଲ ପ୍ରଦର୍ଶନ କରୁଥିଲେ ମଧ୍ୟ ଆମ୍ବେଦକର ଓ ନୀଚ ଜାତିର ପିଲାମାନଙ୍କୁ ବାହାରେ କିମ୍ବା ଶ୍ରେଣୀରେ ଅଲଗା ବସାଯାଉଥିଲା ଓ ସେଠାରେ ଶିକ୍ଷକମାନେ ତାଙ୍କ ଉପରେ ଧ୍ୟାନ ମଧ୍ୟ ଦେଉନଥିଲେ । ଏପରି ବି ହେଉଥିଲା ଯେ ପାଣି ପିଇବା ପାଇଁ ନଳକୂପକୁ ଛୁଇଁବା ବି ମନାଥିଲା, ତେଣୁ ଚପରାଶୀ ଆସି ତାଙ୍କୁ ଦୂରରୁ ପାଣି ଦେଉଥିଲା । ଚପରାଶି ନଥିଲେ ବିନା ପାଣିରେ ରହିବାକୁ ପଡୁଥିଲା ।

ରାମଜୀଙ୍କ ଅବସର ପ୍ରାପ୍ତ ହେଲାପରେ ମହାରାଷ୍ଟ୍ରର ସାତାରା ଜାଗାକୁ ଚାଲିଯାଇଥିଲେ। କେବଳ ସାତାରା ଆସିବାର ଦୁଇ ବର୍ଷପରେ ଆମ୍ବେଦକରଙ୍କ ମାଆଙ୍କର ମୃତ୍ୟୁ ହୋଇଯାଇଥିଲା ଆଉ ଏହା ପରେ ତାଙ୍କର ପିଉସୀ ମୀରାବାଈ କଠିନ ପରିସ୍ଥିତିରେ ତାଙ୍କର ଦେଖାଶୁଣା କରିଥିଲେ। ଆମ୍ବେଦକର ବମ୍ବେର ଏଲଫିନଷ୍ଟୋନ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇଥିଲେ ଓ ସେହି ବିଦ୍ୟାଳୟରେ ଛୋଟ ଜାତିର ପ୍ରଥମ ଛାତ୍ର ହୋଇଥିଲେ। ଆମ୍ବେଦକର ହାଇସ୍କୁଲ ପରୀକ୍ଷା ପାସ କରିଥିବା ସଫଳତା ଦେଖି ତାଙ୍କ ଜାତି ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା, କାହିଁକିନା ସେତେବେଳ ହାଇସ୍କୁଲ ପାସ୍ କରିବା ବହୁତ ବଡ଼କଥା ଥିଲା ଓ ସେ ଜଣେ ନୀଚ ଜାତିର ଥିଲେ। ଏହାପରେ ସେ ଅର୍ଥଶାସ୍ତ୍ର ଓ ରାଜନୀତି ବିଜ୍ଞାନ କ୍ଷେତ୍ରରେ ଡ଼ିଗ୍ରୀ କରିଥିଲେ ଏବଂ ଛାତ୍ରବୃତ୍ତି ପ୍ରାପ୍ତକରି ପିଜି ପାଇଁ ଆମେରିକା ଯାଇଥିଲେ। କଲମ୍ବିଆ ୟୁନିଭେର୍ସିଟି ରେ ଏମ.ଏ. ଡ଼ିଗ୍ରୀ ଲାଭ କରିଥିଲେ। ତାଙ୍କର ଏକ ଗବେଷଣା ପାଇଁ ତାଙ୍କୁ ପି.ଏଚ.ଡି ସମ୍ମାନୀତ କରାଯାଇଥିଲା। ଏହି ଗବେଷଣାର ପୁସ୍ତକକୁ 'ବ୍ରିଟିଶ ଭାରତରେ ପ୍ରାଦେଶିକ ଆର୍ଥିକର ବିବର୍ତ୍ତନ' (Evolution of Provincial Financial in British India) ନାମରେ ପ୍ରକାଶିତ କରିଥିଲେ। ଏହା ପରେ ସେ ଭାରତ ଫେରି ଆସି ଏକ କିରାଣୀ ଓ ପରେ ପରେ ଆକାଉଣ୍ଟାଣ୍ଟ ପରି ବହୁ ଚାକିରୀରେ କାମ କରିଥିଲେ। ଏହି ସମୟରେ ତାଙ୍କ ଉଦ୍ୟମରେ ଦଳିତମାନଙ୍କର ସମସ୍ୟା ଓ ତାର ନିରାକରଣ କ୍ଷେତ୍ରରେ ଜନମତ ସୃଷ୍ଟି ପାଇଁ ସାପ୍ତାହିକ ମରାଠୀ ପତ୍ରିକା 'ମୁକ ନାୟକ' ପ୍ରକାଶ କଲେ। ୧୯୨୦ରେ କୋହ୍ଲାପୁର ମହାରାଜାଙ୍କଠାରୁ ଆର୍ଥିକ ସହାୟତା ଲାଭ କରି ସେ ପୁଣି ଲଣ୍ଡନ ଚାଲିଗଲେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ନାରୀ ନିର୍ଯ୍ୟାତନା ରୋକିବାକୁ ନାରୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ପ୍ରଦୀପ୍ତ ଆଚାର୍ଯ୍ୟ

ସମାଜରେ ଆଜି ଯେତେ ମହିଳା ଦିବସ ପାଳନ, ନାରୀ ସଶକ୍ତିକରଣର ନାରାବାଜୀ ଦେଲେ ମଧ୍ୟ, ଏଯାବତ୍ ପୁରୁଷ ପ୍ରାଧାନ୍ୟ ସମାଜରେ, ନାରୀ ଅସୁରକ୍ଷିତ ଏବଂ ନିର୍ଯ୍ୟାତିତା ଏହା ଶତ ପ୍ରତିଶତ ସତ୍ୟ। ଯୌନ ଉତ୍ପୀଡନ ଓ ହିଂସା ନିମନ୍ତେ ମୁଖ୍ୟତଃ ପୁରୁଷ ମାନେ ଦାୟୀ ହେଲେ ମଧ୍ୟ, ଝିଅ ମାନଙ୍କର ଅସହାୟତା ଓ ଦାରିଦ୍ର୍ୟତାର ସୁଯୋଗ ନେଇ, ତାଙ୍କୁ ଦେହ ବ୍ୟବସାୟରେ ନିୟୋଜିତ କରି, ସେମାନଙ୍କୁ ସାମାନ୍ୟ ଅର୍ଥ ପ୍ରଦାନ କରି, ନିଜେ ମୋଟା ଅଙ୍କର ଅର୍ଥ ଉପାର୍ଜନ କରିବାରେ, ରାଣୀ ମହୁମାଛିଙ୍କ ଭୂମିକା କିଛି କମ୍ ନୁହେଁ। ପାରିବାରିକ ନାରୀ ନିର୍ଯ୍ୟାତନା କ୍ଷେତ୍ରରେ ପୁରୁଷ ମାନଙ୍କ ଅପେକ୍ଷା, ନାରୀ ମାନେ ଅଧିକ ସକ୍ରୀୟ ବୋଲି ପ୍ରତୀୟମାନ। ନିଜର ପିଲା ମାନଙ୍କୁ ଭୋଜନରେ ଆପ୍ୟାୟିତ କରି, ନିଜେ ଖାଦ୍ୟ ଗ୍ରହଣ ନକରି ମଧ୍ୟ, ଯିଏ ଆତ୍ମତୃପ୍ତି ଅନୁଭବ କରେ , ସିଏ ହେଉଛି ମାଆ। କରୁଣାମୟୀ ସ୍ନେହମୟୀ ଜନନୀ। ପୃଥିବୀ ପୃଷ୍ଠରେ ପ୍ରକୃତିର ଏକ ଅନବଦ୍ୟ ସୃଷ୍ଟି। କିନ୍ତୁ ଅନେକ ସମୟରେ, ଅଧିକାଂଶ କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ। ସମୟ ଥିଲା, ଯେତେବେଳେ କନ୍ୟାଟିଏ, ନବବଧୂ ପଦକୁ ଉତୀର୍ଣ୍ଣ ହେଉଥିଲା, ସେତେବେଳେ ଶାଶୁ ଓ ନଣନ୍ଦ ଶବ୍ଦ ପ୍ରତି ତାର ଅହେତୁକ ଭୟ ଏବଂ ଆଶଙ୍କା ଥିଲା। ଏବେ କିନ୍ତୁ ସମୟ ପରିବର୍ତନ ହୋଇଯାଇଛି, ଶାଶୁ ଆଶଙ୍କାଗ୍ରସ୍ତ, ବୋହୁଟି କେମିତି ପଡିବ, ମୋ କଥା ମାନିବ ତ? ବୋହୁଟିର ପତି, ଦେବର ଓ ଶ୍ୱଶୁରଙ୍କ ପ୍ରତି ତୁଳନାତ୍ମକ ଭାବରେ କମ ଭୟ ପରିଲକ୍ଷିତ ହୁଏ। ନାରୀତ ସହନଶୀଳା, ସମ୍ବେଦନଶୀଳା, ଧୈର୍ଯ୍ୟଶୀଳା। ତେବେ ବୋହୁଟିର ଶାଶୁ ଓ ନଣନ୍ଦଙ୍କ ପ୍ରତି ଏ ଅହେତୁକ ଭୟର କାରଣ କଣ? ଅତୀତରେ ଯେତେ ଯୌତୁକ ଜନିତ ବା ପାରିବାରିକ ଅବୁଝାମଣା ଜନିତ ବୋହୂ ପୋଡି ଘଟଣା ସଂଘଟିତ ହୋଇଅଛି, ପ୍ରାୟ ଅଧିକାଂଶ ଘଟଣାରେ ସ୍ୱାମୀ ଶ୍ୱଶୁରଙ୍କ ସଂପୃକ୍ତି, ନଣନ୍ଦ ଓ ଶାଶୁ ମାନଙ୍କ ଭୂମିକା ଠାରୁ ଗୌଣ ବୋଲି ପ୍ରମାଣିତ ହୋଇଅଛି। ନାରୀ ମାନେ ନଚାହିଁଲେ କନ୍ୟାଭ୍ରୂଣ ହତ୍ୟା ସାକାର ହେବା ସମ୍ଭବ ହେବ ନାହିଁ। କନ୍ୟା ସନ୍ତାନର ଅନାଗତ ଭବିଷ୍ୟତ, ଯୌତୁକ ଯୋଗାଡର ଭୟ, ପୁରୁଷପ୍ରାଧ୍ୟାନ ସମାଜରେ କନ୍ୟାମାନଙ୍କ ପ୍ରତି ପ୍ରଦର୍ଶିତ ଅବହେଳା ପରି କାରଣ ଯୋଗୁ, ନାରୀ ମାନେ ମଧ୍ୟ କନ୍ୟାଭ୍ରୂଣ ହତ୍ୟା କରିବାକୁ ସହମତି ପ୍ରକାଶ କରୁଛନ୍ତି। ଏବେତ ନାରୀ ମାନଙ୍କ ସୁରକ୍ଷା ନିମନ୍ତେ ଯୌତୁକ ନିରୋଧ ତଥା କନ୍ୟାଭ୍ରୂଣ ହତ୍ୟା ବିରୁଦ୍ଧରେ ଆଇନ ପ୍ରଣୟନ କରାଯାଇଛି। ସାହସର ସହିତ ନାରୀମାନେ ଏସବୁ ନିୟମର ସଦୁପଯୋଗ କରିପାରିବେ। କେବଳ ମାନସିକତାର ପରିବର୍ତ୍ତନ ଲୋଡା। ନାରୀଟିଏ କନ୍ୟାଭ୍ରୂଣ ହତ୍ୟା ନିମନ୍ତେ ସହମତି ପ୍ରକାଶ କରିବା, କଣ ନାରୀ ଜାତି ପ୍ରତି ଶତୃତା ନୁହେଁ? ଏପର୍ଯ୍ୟନ୍ତ ସମାଜରେ ମାତାଟିଏ କନ୍ୟା ଅପେକ୍ଷା ପୁତ୍ର ସନ୍ତାନ ପ୍ରତି ଅଧିକ ସ୍ନେହଶୀଳା ପରି ପ୍ରତୀୟମାନ। ଯେଉଁ ନାରୀଟି କନ୍ୟା ପାଖରେ ମାତା, ସେହି ନାରୀଟି ବୋହୂ ପାଖରେ ଶାଶୁ, କିନ୍ତୁ ଉଭୟଙ୍କ ପ୍ରତି ବ୍ୟବହାର ପ୍ରଦର୍ଶନରେ ଆକାଶ ପାତାଳ ତଫାତ୍ । ଶୁଣାଯାଏ, ଆଗକାଳରେ, ଶାଶୁ ଓ ନଣନ୍ଦ ମାନେ, ନବବଧୂ ପ୍ରସ୍ତୁତ କରିଥିବା ଖାଦ୍ୟ ପଦାର୍ଥରେ ଅଧିକ ଲୁଣ ମିଶାଇ, ବୋହୂର କିଛି ଭୁଲଭାଲ୍ ହେଲେ, ତୋ ମା କଣ ତୋତେ ଏଇଆ ଶିଖାଇଥିଲା କହି, ବୋହୂର କୌଣସି ଜିନିଷର ଆବଶ୍ୟକତା ପଡିଲେ, ତୋ ବୋପାକୁ କହୁନୁ ଆଣିଦେବ କହି, ମାନସିକ ନିର୍ଯ୍ୟାତନା ଦେଉଥିଲେ। ସାମାଜିକ ପରିବର୍ତନ ପରିପ୍ରେକ୍ଷୀରେ, ଏହା ଅନେକାଂଶରେ ହ୍ରାସ ପାଇଥିଲେ ମଧ୍ୟ, ତାହା ସଂପୂର୍ଣ ଲୋପ ହୋଇନାହିଁ। ଏହାକଣ ନାରୀ ଜାତି ପ୍ରତି ନାରୀର ଶତୃତା ନୁହେଁ?। ଜ୍ୱାଇଁ ବାବୁଙ୍କୁ ସବୁବେଳେ ହାତରେ ରଖିବାକୁ, ଝିଅକୁ ପରାମର୍ଶ ଦେଉଥିବା ମାତା, ଯଦି କେବେ ଅନୁଭବ କରେ, ପୁଅଟି ବୋହୂର କୌଣସି କଥାକୁ ସମର୍ଥନ କରୁଛି, ତେବେ "ମାଇପବୋଲା" ପଦବୀଟି ବିଚରା ପୁତ୍ରଟିର ଧାର୍ଯ୍ୟ। ସେହି ନାରୀ ଜ୍ୱାଇଁଙ୍କୁ କୁହନ୍ତି, "ବାପା, ଆମେ କଣ ତୁମର ବାପା ମାଆ ନୁହେଁ, ଆମ ଘରଆଡେ ଆସି ବୁଲାବୁଲି କରି ଯାଉଥିବ "କିନ୍ତୁ ପୁଅଟି ଯଦି ଥରକୁ ଦୁଇଥର ଶଶୁର ଘରକୁ ଗଲା, ତେବେ ମହାଭାରତ ସୁନିଶ୍ଚିତ। ଝିଅକୁ ଯଦି ଜ୍ୱାଇଁ, ସହରରେ ନିଜ କର୍ମକ୍ଷେତ୍ରକୁ ସାଙ୍ଗରେ ନେଇ ଯାଆନ୍ତି, ତେବେ ମାଆଙ୍କର ଆନନ୍ଦଟି, ପୁଅ ନିଜ କର୍ମକ୍ଷେତ୍ରକୁ ବୋହୂକୁ ନେଇଯିବା ପ୍ରସ୍ତାବରେ ଫିକା ପଡିଯାଏ ନାହିଁକି? ବୋହୂ ମଧ୍ୟ, ନିଜ ଭଉଣୀର ପାଠପଢା, ବିବାହ ଇତ୍ୟାଦି ସମସ୍ତ ଦାୟିତ୍ୱ, ସ୍ୱାମୀ ନିର୍ବାହ କରନ୍ତୁ ବୋଲି, ଇଛା ପ୍ରକାଶ କରି, ସ୍ୱାମୀଙ୍କୁ ପ୍ରବର୍ତ୍ତାଉଥିବା ସ୍ଥଳେ, ନଣନ୍ଦର ଭଲମନ୍ଦ ବୁଝିବା ପାଇଁ ତା ଭାଇଙ୍କୁ କଣ ପ୍ରୋତ୍ସାହିତ କରେ? ବୋହୁଟି କାହିଁକି ତାର ଶାଶୁଙ୍କୁ ନିଜ ମାଆ ଦୃଷ୍ଟିରେ ଏବଂ ଶାଶୁଟି କାହିଁକି ତାର ବୋହୁକୁ କନ୍ୟା ଦୃଷ୍ଟିରେ ଦେଖିବାପାଇଁ ପଶ୍ଚାତପଦ ହେଉଛନ୍ତି? ଏହା ଅବଶ୍ୟ ସମସ୍ତଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ। ଝିଅଟିଏ ଯେତେବେଳେ, ଗୋଟିଏ ଦିନରେ ନିଜର ସମସ୍ତ ପ୍ରିୟଜନଙ୍କୁ ପରକରି, ସଂପୂର୍ଣ ଅଜଣା, ଅଶୁଣା ଅପରିଚିତ ଲୋକଙ୍କ ସହିତ, ସାରାଜୀବନ କଟାଇବା ପାଇଁ ବିବାହ ବନ୍ଧନରେ ଆବଦ୍ଧ ହୁଏ, ସେତେବେଳେ ଶାଶୁଘର ଲୋକେ ତାର ମାନସିକତାକୁ ଅଧ୍ୟୟନ କରି, ତା ପ୍ରତି ଯଥେଷ୍ଟ ସମ୍ବେଦନଶୀଳ ହେବା, ଏକାନ୍ତ ଆବଶ୍ୟକ। ଶାଶୁ ବୋହୁଙ୍କର ପାରମ୍ପରିକ ଅସୂୟା ଓ ବିଦ୍ୱେଷ ଭାବ ଯୋଗୁ, ସେମାନଙ୍କ ମଧ୍ୟରେ ସମତା ରକ୍ଷା କରିବାର, କଳା କୌଶଳ ଏବଂ ଚତୁରତାକୁ ଆୟତ କରିପାରିନଥିବା, ଅନେକ ଅସହାୟ ପୁତ୍ର ସାରାଜୀବନ ମାନସିକ ଅଶାନ୍ତି ଭିତରେ କାଳାତିପାତ କରୁଛନ୍ତି। ପୁଅର ବିବାହ ପୂର୍ବରୁ, ମାଆ ପୁଅଙ୍କ ମଧ୍ୟରେ ଉପୁଜୁଥିବା ଅନେକ ଅବୁଝାମଣା ଓ ଆକ୍ଷେପ, ପ୍ରତ୍ୟାକ୍ଷେପର ସହଜ ସମାଧାନ ହୋଇଯାଉଥିଲେ ମଧ୍ୟ, ବିବାହ ପରେ ତାହା ସମ୍ଭବ ହେଉନାହିଁ। ସ୍ତ୍ରୀ ଆଗରେ ମାଆ ପୁଅକୁ ବା ବୋହୂ ଆଗରେ ପୁଅ ମାଆକୁ କିଛି କହିଦେଲେ, ଉଭୟ ପକ୍ଷ କେହି ତାହା ସହଜରେ ଗ୍ରହଣ କରି-ପାରୁନାହାନ୍ତି। ସମାଜରେ ଉଚ୍ଚମନା, ସ୍ନେହଶୀଳା ନାରୀଙ୍କର ଅଭାବ ନାହିଁ। କିନ୍ତୁ ଅନେକ କ୍ଷେତ୍ରରେ ଅଜ୍ଞତା, ଏବଂ ଈର୍ଷା, ଦ୍ୱେଷ-ଅହଙ୍କାରର ପରି, ପ୍ରକୃତିଦତ ରିପୁକୁ ଆୟତ ନକରିପାରିବା ଯୋଗୁଁ, ଅନେକ ପରିବାର ଆଜି ଖଣ୍ଡ ବିଖଣ୍ଡିତ, ଅଶାନ୍ତିର ବହ୍ନି ପ୍ରଜ୍ୱଳିତ। ପରିବାର କହିଲେ, ସ୍ୱାମୀ, ସ୍ତ୍ରୀ ଏବଂ ସେମାନଙ୍କର ପିଲା। ବୃଦ୍ଧ ପିତା ମାତା ଆଜି ଅବହେଳିତ। ପୁରୁଷ ମାନେ ମଧ୍ୟ ଏଥିନିମନ୍ତେ କିଛି କମ ଦାୟୀ ନୁହନ୍ତି! ଯୁଗେ ଯୁଗେ ପୁରୁଷ ନାରୀମାନଙ୍କର ବଶ୍ୟ। ନଚେତ୍ ମର୍ଯ୍ୟାଦାପୁରୁଷ ପ୍ରଭୂ ଶ୍ରୀରାମଚନ୍ଦ୍ର, ମାତା ସୀତା ଦେବୀଙ୍କ ଅନୁରୋଧରେ, ସ୍ୱର୍ଣ୍ଣମୃଗର ଅନୁଧାବନ କରିନଥାନ୍ତେ। ତେଣୁ ନାରୀମାନେ ନାରୀର ଶତୃ ନସାଜି, ଆତ୍ମ ଅନୁଧ୍ୟାନ ପୂର୍ବକ, ପରିବର୍ତିତ ସାମାଜିକ ବ୍ୟବସ୍ଥା ସହିତ ନିଜକୁ ଖାପ୍ ଖୁଆଇ ଦେଲେ, ନିଜେ ଶାନ୍ତିରେ ରହିବା ସହିତ, "ଶାଶୁ ବୋହୁ କଳି" ପରି ଏକ ଶ୍ରୁତିକଟୁ ଉକ୍ତି, ସମାଜରୁ ଲୋପ ପାଇ ପାରନ୍ତା, ଏହା ନିଃସନ୍ଦେହ।


♥ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦


## କବିତା କୋଣାର୍କ

### ଶୀତ ମାଉସୀ



ଶରତ ଚନ୍ଦ୍ର ଜାଲି

ଶୀତ ମାଉସୀ ମୋ ସଜେଇ ହୋଇକି
ଧରଣୀ ବକ୍ଷକୁ ଆସିଛି
ରଂଗବେରଂଗର କୁସୁମ ସମ୍ଭାରେ
ନୂଆବୋହୂ ପରି ଦିଶୁଛି ।
ସକାଳ ହୋଇଲେ ସୁନେଲି ରଂଗର
ଓଢଣୀ ଉଡେଇ ବୁଲୁଛି
କଅଁଳିଆ ଖରା ପରଶି ଆନନ୍ଦେ
ପବନ ଦୋଳିରେ ଝୁଲୁଛି ।
କୋହଲା ପବନ ସାଥିରେ ଆଣିଛି
ଗ୍ରୀଷମକୁ କାହିଁ ପଠେଇ
ଦିବସ କାମ ତା ଚଞ୍ଚଳ ଚଞ୍ଚଳ
ରାତି ସାଥେ ଚାଲେ ମଠେଇ ।
ବାଡିବଗିଚାରେ ସୁମଧୁର ଫଳ,
ପନିପରିବାରେ ଭରିଛି
ଚଷାପୁଅ ପାଇଁ ସୁନାର ଫସଲ
କ୍ଷେତରେ ମାଉସୀ କରିଛି ।
ପାଦପ ପତରେ ଶିଶିର ବିନ୍ଦୁରେ
ମୁକୁତାର ଭ୍ରମ ଦେଖେଇ
ସକାଳୁସକାଳୁ ମନ ମୋହି ନିଏ
କୁହୁକ ଜାଲକୁ ପକେଇ ।
ସ୍ୱେଟର, କମ୍ବଳ, ଟୋପି ପିନ୍ଧେଇକି
ବେଶ କରିଅଛି ସଭିଙ୍କୁ ।
ତା'ଭାବରେ ବାନ୍ଧି ପାଗଳ କରିଛି
ଲେଖକ, ଭାବୁକ, କବିଙ୍କୁ।
କେତେ ନାଚ, ଗୀତ
କେତେ ଭୋଜି, ଭାତ
ଚାଲିଛି ତା'ସ୍ନେହ ସାଉଁଣ୍ଟି
ମର୍ତ୍ତ୍ୟ ହୋଇଅଛି ସରଗ ଭୁବନ
ଦୁଃଖଶୋକ ନାହିଁ କେଉଁଠି ।
ମାଘରେ ସେ ପରା ବାଘପରି ଆସେ
କଥାଅଛି ଏଇ ଜଗତେ
କିନ୍ତୁ ସେ କରଇ ହିତ ସଭିଙ୍କର
ଲୁଚି ରହି ଜନ ସଂଗତେ ।


♥ ଶିକ୍ଷକ
ପଥରା, ଖଲ୍ଲିକୋଟ, ଗଂଜାମ
(ମୋ) ୮୨୪୯୫୩୪୨୭୪


### ଅଦିନରେ ବାତ୍ୟା

ଅରୂପ କୁମାର ବିଶ୍ୱାଳ



ଅଦିନରେ ବାତ୍ୟା ଆସୁଅଛି ଦେଖ
ଏ ସତେ ପ୍ରକୃତି କୋପ,
ପାକେଲା ଧାନରେ ମହି ଚାଲିଯାଏ
ଚଷା କରେ ଅନୁତାପ।

ଭୀମ ଭୟଙ୍କର ସାଜୁଛି ପ୍ରକୃତି
ଧ୍ୱଂସର ତାଣ୍ଡବ ନେଇ,
ନିମିଷକେ ସବୁ ଉଜାଡି ଦେଉଛି
କେତେ ଦୁଃଖ ଯାଏ ଦେଇ।

ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ଆସେ
କାହାକୁ କହିବା ଦୁଃଖ,
ପ୍ରକୃତି ଆକଟ କରି କହୁଅଛି
କିଛି ଏଇଥିରୁ ଶିଖ।
ଗଛ କାଟି ଦେଲ ଧୂଳିଧୂଆଁ ଭରି
ବିଷକନ୍ୟା ହେଲା ଧରା,
ପ୍ରକୃତି ମାଆର ଆଖିରେ ଅନଳ
ଜଳାଏ ସୃଷ୍ଟିକୁ ପରା।

ଅଦିନେ ବରଷା ଅଦିନରେ ଖରା
ଅଦିନରେ ସବୁ ହୁଏ,
ଛଟପଟ ଏଠି ମଣିଷ ଜୀବନ
ନାକ ବାଟେ ପାଣି ପିଏ।
ରୋଗ ବଇରାଗ ମାଡି ଆସୁଅଛି
ଜୀବନ ଲାଗୁଛି ପିତା,
ତଥାପି ମଣିଷ ନିଦାବିଷ୍ଟ ଆଜି
ନାହିଁ ପରିବେଶ ଚିନ୍ତା।

ସବୁ ଜୀବଜନ୍ତୁ ନେଲେଣି ବିଦାୟ
ମଣିଷର ଦୌରାତ୍ମ୍ୟରେ,
ବିଷର ବଳୟେ ପଡି ଛଟପଟ
କାହାକୁ କହିବେ ବାରେ।

ବଣ ଛାଡି ହାତୀ, ବାଘ, ଭାଲୁ ସବୁ
ଜନପଦେ ବୁଲିଲେଣି,
ଜଳୁଛି ଜଙ୍ଗଲ ଜଳୁଛି ପୃଥିବୀ
ଲୁଚିଯାନ୍ତି ଦିନମଣି।


♥ ଗୋରଡ, ପାରାଦୀପ


### ଶୀତ ମାଉସୀ

ବିନୟ କୁମାର ସାମଲ



ଶୀତ ମାଉସୀ ଲୋ ଶୀତ ମାଉସୀ
ଧୀରେ ଆସୁ ଧରା ଛୁଇଁ,
କୁହୁଡି କାକର ଧବଳ ତୁଷାର
ଶୀତଳ ଲହରୀ ନେଇ।

ଶୀତଳ ପରଶେ ଥରାଇ ହରଷେ
ବରଷକେ ଥରେ ଆସୁ,
ପଶୁପକ୍ଷୀ କଥା କୀଟ ତରୁଲତା
ପ୍ରାଣୀଙ୍କ ଦୁଃଖରେ ହସୁ ।

ତୋ ହସରେ ସତେ
ଫୁଟେ ଫୁଲ କେତେ
ନାନା ରଙ୍ଗବେରଙ୍ଗର,
ସେବତୀ ଗୋଲାପ ଯୁଇ ଗେଣ୍ଡୁ କଇଁ
ହେନା ଚମ୍ପା କନିଅର ।

ଫଳ ମୂଳ ପନିପରିବାରେ ହସେ
ଆମର ବଗିଚା ବାଡ଼ି,
କମଳା ଡାଳିମ୍ବ ବେଦନା ପିଜୁଳି
ଟମାଟୋ ଗାଜର ଧାଡ଼ି।

ଧାନ ବିଲେ ଖେଳେ ସୁନାର ଲହରୀ
ବିଜେ ଲକ୍ଷ୍ମୀ ଠାକୁରାଣୀ,
ପ୍ରଥମା ଅଷ୍ଟମୀ ମାଣବସା ପର୍ବ
ପାଳେ ପ୍ରତି ଓଡ଼ିଆଣୀ।

ତୋ ଶୀତ ଲହରୀ କୋପେ ବଢ଼ିଯାଏ
ଦୁଃଖୀରଙ୍କିଙ୍କର ଦୁଃଖ,

ପଶୁପକ୍ଷୀଙ୍କର ହସ ତୁ ଲିଭାଇ
ଛଡାଇ ନେଉଛୁ ସୁଖ ।

ଦୁଃଖ ବିନା ନାହିଁ ସୁଖ ଅନୁଭବ
ଅନ୍ଧାର ଆଲୋକ ନିତ୍ୟ,
ଏକ ବିନା ଆନ ମହତ୍ୱ ନ ବଢ଼େ
ପ୍ରକୃତି ନିୟମ ସତ୍ୟ ।

ତୋର ଆଗମନେ ଶସ୍ୟ ଧନଧାନ୍ୟେ
ସୁଖ ସଂପଦର ଖଣି,
ପ୍ରକୃତି ମାଆର ନିୟମକୁ ପାଳି
ନେଉଛୁ ମେଲାଣି ପୁଣି ।


♥ (ଅବସର ପ୍ରାପ୍ତ ଶିକ୍ଷକ)
ଗ୍ରାମ/ପୋ- ବେଡାପଡ଼ା
ଜିଲ୍ଲା - ଢେଙ୍କାନାଳ, ୭୫୯୦୧୯
(ମୋ) ୯୩୩୭୨୪୯୦୬୮


### ଭଲ ବନ୍ଧୁ

ହରେରାମ ପଣ୍ଡା

ବନ୍ଧୁତା ପରି ମଧୁର ସମ୍ପର୍କ
ଦୁନିଆରେ କିଛି ନାହିଁ,
ଦେବତା ନିଅନ୍ତି ମରତେ ଜନମ
ତା ସ୍ୱାଦୁ ଚାଖିବା ପାଇଁ ।
ବନ୍ଧୁ ପରି ସିନା ବନ୍ଧୁଟେ ମିଳିଲେ
ସମ୍ପର୍କ ହୁଏ ମଧୁର,
ମୁଖରେ ଅମୃତ ହୃଦେ ହଳାହଳ
ଯା'ପାଇଁ ସବୁ ଅସାର ।
ସୁଖ ସମ୍ପଦରେ ଉତ୍ସବ ବେଳାରେ
ଯେଉଁ ବନ୍ଧୁ ଠିଆ ହୁଏ,
ଅଭାବ କଷଣ ବିପଦ କାଳରେ
ଦୁଃଖରେ ଯେ ସାହା ହୁଏ ।
ବନ୍ଧୁତାର ମୋହ ଏଡ଼ାଇ ନପାରି
ଦେଖାଦିଏ ରାଜଦ୍ୱାରେ,
ଆଖିରୁ ଲୋତକ ପୋଛିଦେଇ ବନ୍ଧୁ
ସାଥି ହୁଏ ଶ୍ମଶାନରେ ।
କୃଷ୍ଣ ସୁଦାମାଙ୍କ ବନ୍ଧୁତାକୁ ବାବୁ
ଆଖି ଖୋଲି ଥରେ ଦେଖ,
ବନ୍ଧୁତା ସଦା ଅକ୍ଷୟ ଅମୃତ
ତାଙ୍କଠାରୁ କିଛି ଶିଖ ।


♥ କୁଆଁସ, ମେର୍ଦ୍ଧା କାଟିଆଛକ,
ଯାଜପୁର,ଅବସର ପ୍ରାପ୍ତ
ପ୍ରଧାନଶିକ୍ଷକ, ମଧୁପୁର ସରକାରୀ
ନୋଡାଲ ଉଚ୍ଚ ବିଦ୍ୟାଳୟ ।
(ମୋ)୯୪୩୮୦୬୫୧୯୫.

# ଗଳ୍ପ ମାଳା


ସାପ୍ତାହିକ ଗଳ୍ପ ଫର୍ଦ୍ଦ

୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୬ ଡିସେମ୍ବର, ସୋମବାର, ୨୦୨୧


# ଲୁହର ମୂଲ୍ୟ






ଡିସମ୍ବର ମେହେର


ଶ୍ରାବଣ ମାସର ଝଡିବର୍ଷାରେ ଦେହ ଯେତେ ଭିଜୁନଥିଲା ରେବତୀର ଆଖି, ଓଠ ସେତେ ଭିଜୁଥିଲା । ଅମାବାସ୍ୟା ରାତ୍ରୀ ବିଜୁଳିର ଚମକ ଓ ମେଘର ଗର୍ଜନଠାରୁ ତାର ଚିତ୍କାର ଅଧିକ ଶୁଭୁଥିଲା । ନଅ ମାସର ଶିଶୁକୁ ପେଟରେ ଧରି ଏକ ନିର୍ଜନ କୁଡିଆ ତଳେ ଗର୍ଭବତୀର କଷ୍ଟ କେତେ ତାହା ଦଇବ ଏକା ଜାଣିବେ । ଚାରିଆଡେ ଅନ୍ଧାର କାଳରାତ୍ରୀ କୁଡିଆଠାରୁ ୧୦୦ ମିଟର ଦୂରରେ ଥିଲା ସାହି । ବର୍ଷାଦିନର କଥା ଗାଁର ସମସ୍ତେ ୭ ଟାରେ ଭୋଜନ କରି କବାଟ ଦେଇ ଦିଅନ୍ତି । ଚୋର ଡକାୟତ ଭୟରେ କେହି ମଧ କବାଟ ଖୋଲନ୍ତି ନାହିଁ । ରେବତୀ ସେହି ଅବସ୍ଥାରେ ମଧ କେତେ ଦୁଆରକୁ ଯାଇଛି, କବାଟ ପିଟିଛି, ଚିତ୍କାର କରି ଗୁହାରୀ କରିଛି ହେଲେ କେହି ଶୁଣିନଥିଲେ । ସମସ୍ତେ ନିର୍ଜିବ ପରି ରହିଗଲେ ସମାଜର ସେହି ଗୋଟିଏ ଅସ୍ୱଶ୍ୟ ମନ୍ତବ୍ୟ ପାଇଁ ।

ରେବତୀ ନିଜ ଇଛାରେ ନିଜ ଜାତିର ପୁଅକୁ ପ୍ରେମ ସଂପର୍କରେ ବିବାହ ହେଇଥିଲା । ପୁଅର ମାଆ ବାପା ଏଥିରେ ସହମତି ନଥିଲେ ଶେଷରେ ଦୁଇଜଣ ମନ୍ଦିରରେ ବିବାହ ହେଇଥିଲେ । ଗାଁ ଲୋକେ ସେ ଦୁଇଜଣଙ୍କୁ ଗାଁକୁ ପସାଇଦେଇ ନଥିଲେ, କି ଝିଅର ମାଁ ବାପା ମଧ ଏଥିରେ ରାଜି ନଥିଲେ । ଝିଅ ଆମ ପାଇଁ ମରିଗଲା ଭାବି ତାର ଶୁଦ୍ଧିକ୍ରିୟା ମଧ କଲେ । ରେବତୀର ସ୍ୱାମୀ ପ୍ରକାଶ ନିଜ ଭଲ ପାଇବାକୁ ବଞ୍ଚାଇବା ପାଇଁ ତାଙ୍କ ସାହି ଶେଷରେ ଭଡ଼ାଘରେ ରହିଲା । ବିହାତିତ ଜୀବନ କିଛି ଦିନ ଗଲାପରେ ପ୍ରକାଶର ଅଜଣା ରୋଗରେ ମୃତ୍ୟୁ ହେଲା । ଗାଁ ସମସ୍ତେ ଏଥିପାଇଁ ରେବତୀକୁ ଦୋଷ ଦେଉଥିଲେ । ସେ ଉଆଁସୀ କନ୍ୟା ତେଣୁ ସ୍ୱାମୀ ମୁଣ୍ଡ ଖାଇଲା ଏ ନେଇ ଶ୍ୱଶୁର ଘର ଲୋକ ଓ ତା ନିଜ ଜାତିଭାଇ ରେବତୀକୁ ଅନାଦାର କରିବାକୁ ଲାଗିଲେ ତଥାପି ଛାତିରେ ଧୈର୍ଯ୍ୟ ରଖି ଜୀବନ ସହ ସଂଘର୍ଷ କରିବାକୁ ଲାଗିଲା ।

ଭଗବାନଙ୍କୁ ଜପି ଜପି କଷ୍ଟରେ ସେହି ଦିନ ମଧ ରାତ୍ରରେ ରେବତୀର ଏକ ଶିଶୁପୁତ୍ର ଜନ୍ମ ହେଲା । ଶ୍ରାବଣର ଲୋତକ ପୁଅର କ୍ରନ୍ଦନ ଶୁଣି ଥପ୍ ହେଇ ବନ୍ଦ ହେଇଗଲା । ବର୍ଷାରେ ଦେହ ଥରମର ହେଇଥିଲା ତଥାପି ନବଜନ୍ମିତ ଶିଶୁକୁ କୋଳରେ ଧରି ମାତୃତ୍ୱର ମମତା ଦେଉଥିଲା । ସକାଳ ହେଲା ସମସ୍ତେ ଏହି ଖବର ପାଇ ପୁଣିଥରେ ରେବତୀ ଉପରେ ଛି ଛା , ମିଥ୍ୟା ନିନ୍ଦା ଅପବାଦ କରିବାକୁ ଲାଗିଲେ ତଥାପି ଛୁଆର ଆଖିକୁ ଦେଖି ତା ଆଖିର ସବୁତକ ଲୁହକୁ ଶୁଷ୍କ ମରୁଭୂମି କରିଦେଲା । ଜୀବନ ଯାତ୍ରାରେ ପୁଅକେ ନେଇ ସଫଳ ମଣିଷ ତିଆରି କରିବା ଲକ୍ଷ୍ୟ ବିନାଖଣ୍ଡାରେ ଜୀବନ ଯୁଦ୍ଧକୁ ଆଗେଇ ଚାଲିଲା ।

ଅଭାବ ଅନଟନ ଲାଗିରହିଲା ଭୋକ ଉପାସରେ କେତେ ଦିନ ବିତିଗଲା । ଛୋଟ ଛୁଆକେ ଧରି ମୂଲଲାଗି ଯାଇପାରିଲା ନାହିଁ । ସବୁବେଳେ ପୁଅର ଭବିଷ୍ୟତ ଚିନ୍ତା ନେଇ ସେ କେତେ ସ୍ୱପ୍ନ ଦେଖୁଛି ହେଲେ ସ୍ୱପ୍ନକୁ ଅନେକ କଷ୍ଟ ଯନ୍ତ୍ରଣା ଭାଙ୍ଗିଦେଇଛି । ଘର ମାଲିକ ଭଡ଼ା ନଦେବାରୁ ଘରୁ ବାହାର କରିଦେଲା ଶେଷରେ ବିଲରେ ନଡାଛପର ଘର ତିଆରି କଲା । ଜମିରେ ପନିପରିବା ଚାଷ କଲା ହେଲେ ନିଜ ଜାତିରେ ବିବାହ କରିଥିବାରୁ କେହି ମଧ ପନିପରିବା କିଣିଲେ ନାହିଁ ସବୁତକ ନଷ୍ଟ ହେଇଗଲା । ନିଜ ପେଟପାଟଣା ପାଇଁ ସିଲେଇକାମ ଶିଖିଲା ଓ ଦୁଇ ପଇସା ରୋଜଗାର କରିବାକୁ ଲାଗି ।

ରେବତୀର ପୁଅ ଶ୍ରବଣ ଧିରେଧିରେ ବଡ଼ ହେବାକୁ ଲାଗିଲା ସ୍କୁଲନେ ନାଁ ଲେଖେଇ ପୁଅକୁ ପାଠ ପଢାଇଲା । ଦିନେ ରାତିରେ ଶୋଇଥିବା ସମୟରେ ଶ୍ରବଣ ବାପା କଥା ପଚାରେ

ଶ୍ରବଣ- ସମସ୍ତଙ୍କ ବାପା ଅଛନ୍ତି । ମୋ ବାପା କୁଆଡେ ଗଲେ ମାଆ ?

ରେବତୀ-(ଆଖିର ଅଶ୍ରୁଧାର ମାଡିଆସେ) ତୋ ବାପା ବଡ଼ ଠାକୁର ପାଖକୁ ଚାଲିଗଲେ

ଶ୍ରବଣ-ତାହେଲେ କେବେ ଆସିବେ ?

ରେବତୀ-ନାଁ ଆସିବେନି , ସବୁଦିନ ପାଇଁ ମୁଁ ତୋ ମାଆ ମୁଁ ତୋ ବାପା ।

ଶ୍ରବଣ ସ୍କୁଲରେ ଭଲପାଠ ପଢେ ହେଲେ ସାଙ୍ଗ ସାଥି ଭଲ ଭାବରେ ମିଶନ୍ତି ନାହିଁ । ନିଚ୍ଚଜାତିର ପୁଅ ବୋଲି ସବୁବେଳେ ଶିକ୍ଷକ ତାକୁ ଶେଷ ଧାଡ଼ିରେ ବସାନ୍ତି । ଶ୍ରବଣ ବରାବର ମାଆକୁ ପଚାରେ ମାଆ ଆମେ କାହିଁକି ନିଚ୍ଚଜାତିର ଲୋକ । ମୋ ସାଙ୍ଗ ରିନୁର ମାଆ ଆଜି ମତେ ନିଚ୍ଚଜାତିର ପିଲା, ତୁ ଆମ ଘରକୁ ଆସିବୁ ନାହିଁ କହି ମତେ ତଡିଦେଲା ମୁଁ କାହା ସାଙ୍ଗରେ ଖେଳିବି ? ସମସ୍ତେ କହୁଛନ୍ତି ତୋ ମାଁ ଡାହାଣୀ ଆମ ଘରକୁ ଆସିବୁନି କାଳ ହବ । ଏସବୁ ଶୁଣି ରେବତୀ ଛାତି ପିଟି କ୍ରନ୍ଦନ କରି କହେ, ହେରେ ଦଇବ ଏ କି ପରୀକ୍ଷା ତୁମର ।

ନବୋଦୟ ପରୀକ୍ଷାରେ ଶ୍ରବଣ ପ୍ରଥମ ସ୍ଥାନ ପାଇଲା । ଜିଲ୍ଲା ନବୋଦୟ ସ୍କୁଲରେ ପାଠପଢିଲା । ମାଆ ଘରେ ରହି ବହୁତ କଷ୍ଟରେ ପୁଅ ପାଇଁ ଜାମାଖଣ୍ଡେ କିଣି ଦେଇ ପାରୁଥିଲା । ମାସକୁ ଥରେ ପୁଅକେ ଦେଖିବାକୁ ଯାଏ । କଲେଜ ପଢ଼ିବାର ବୟସ ହେଇଗଲା ବେଳକୁ ଶ୍ରବଣର ଭାବମୂର୍ତ୍ତି ସବୁ ବଦଳିଗଲା । ରେବତୀ ବି ବୟସର ଅପରାହ୍ନ ଆଡକୁ ଗତିକରିବାରୁ କାମଧନ୍ଦା ଆଉ କରିପାରୁନଥିଲା । କମ୍ ରୋଜଗାର ଖର୍ଚ୍ଚ ବେଶୀ ମୁଣ୍ଡକୁ ତାର ବଜ୍ର ପଡ଼ିଲା ପରି ଲାଗୁଥିଲା ପୁଅକୁ ଯେବେ ଦେଖିବାକୁ ଯାଉଥିଲା ସାଙ୍ଗରେ ? ଲିଆ ଦି ମାଣ ଧରି ଯାଉଥିଲା । ଶ୍ରାବଣ ମାଆକୁ ଦେଖିବା ମାତ୍ରେ ରାଗ ତମ୍ ତମ୍ ହେଇଯାଏ , ଏଗୁଡାକ ମଣିଷ ଖାଆନ୍ତି ଏସବୁ ଆଣିବୁ ନାହିଁ କହି ଫିଙ୍ଗିଦେଲା । ଶ୍ରବଣ ଏସବୁ କାର୍ଯ୍ୟକଳାପ ଦେଖି ରେବତୀ ଆଶ୍ଚର୍ଯ୍ୟ ହେଇଯାଏ ହେଲେ ଅଜାଗା ଘା’ କାହାକୁ ଦେଖିଇ ହୁଏ କି ? ସେଦିନଠୁ ଦେଖି ଆସିବା ପାଇଁ ଶ୍ରବଣ ସଫା ସଫା ମନା କରିଦେଲା । କଲେଜ ପାଠ ପଢି ଶେଷ ହେବାପରେ ପୋଲିସ ଇଣ୍ଟରଭ୍ୟୁରେ ପାସ୍ କଲା ସରକାରୀ ଚାକିରୀ ଜୀବନ ଆରମ୍ଭ ହେଲା ।

ସହରର ଚାକଚକ୍ୟ ପରିବେଶ ତାକୁ ଭଲ ଲାଗିଲା । ଗାଁ ଭୂଇଁକୁ ଚାକିରି ପାଇବା ଦିନଠୁ ଭୁଲିଗଲି । ମାଆ କଥା କେବେ ତାର ମନେ ପଡେନି । ମାସ ଶେଷରେ ଡାକ ଘରେ କିଛି ଟଙ୍କା ପଠାଇଦିଏ । ରେବତୀ ସ୍ୱାସ୍ଥ୍ୟ ଦିନକୁ ଦିନ ବିଗିଡିବାକୁ ବସୁଥିଲା ଯେତେ ଚିଠି, ଫୋନ୍ କଲେ ମଧ ଶୁବୁ ଗାଁକୁ ଆସେନି, କି ମାଆର ଦୁଃଖ କେବେ ବୁଝେନି । ଦିନେ ରେବତୀ ସହରକୁ ଗଲା । ପୁଅ ପାଖକୁ ଯାଇ ଭଲ ଡାକ୍ତର ପାଖରେ ସ୍ୱାସ୍ଥ୍ୟ ପରୀକ୍ଷା କରି ସେଠି ବାକିତକ ଜୀବନ ବିତେଇ ଦେବାକୁ ।

ସକାଳ ବସ ଚଢି ସଂଧାରେ ସହରକୁ ପହଞ୍ଚିଲା ଲୋକଙ୍କୁ ଠିକଣା ପଚାରି ପଚାରି ଶେଷରେ ଘର ପାଇଲା । ଘର ସମ୍ମୁଖରେ ବୁଢୀକୁ ଭିକାରୁଣୀ ଭାବି ଜଣେ ସ୍ତ୍ରୀ ଲୋକ ତଡି ଦେଉଥିଲା । ଏହି ସମୟରେ ଶ୍ରବଣ ଆସି ବୁଢ଼ୀକୁ ଘରକୁ ନେଇଗଲା ଓ ଭୀଷଣ ଗାଳି କଲା, କାହିଁକି ସହରକୁ ଆସିଲୁ , ସତ କଥା ଗାଁ ଲୋକେ କହନ୍ତି ତୁ ଉଆଁସୀ କନ୍ୟା, ତୋ ମୁହଁ ଦେଖିଲେ କାଳ ହୁଏ, ଏମିତି ଅନେକ ଖରାପ ଭାଷା ପ୍ରୟୋଗ କଲା ତଥାପି ରେବତୀ କାଠପରି ଚାହିଁ ରହିଥାଏ । ସେଠି ଯାଇ ଜାଣିପାଇଲା ଶ୍ରବଣ ସହରରେ ବାହା ମଧ ହେଇ ସାରିଛି । ପୁଅର ବାହା ହେବା କଥା ଶୁଣି ଯେତେ ଖୁସି ହେଉଥିଲା ହୃଦୟରେ ଦରଦର ଦୁଃଖ ସେତେ ଭରି ହେଉଥିଲା । ଦୁଇଜଣ ରେବତୀ ପ୍ରତି ଅନେକ ଖରାପ ବ୍ୟବହାର ଦେଉଥିଲେ କିଛି ପାଟି ଖୋଲୁନଥିଲେ, ତା ଦୁଃଖ ଆଖି ଲୁହରୁ ସବୁ ଜଣା ପଡୁଥାଏ ।

ଗାଁଲୋକ ରାତିରେ ଭାତ ଗଣ୍ଡେ ନହେଲେ ନିଦ ପଡେନି । ପୁଅ ତ ସହରୀ ବାବୁ ରାତି ୧୦ଟା ନହେବା ଯାଏଁ ଖାଇବା ନାଁ ଧରେନି । ପୁଅ ବୋହୂ ଖାଇ ସାରିବା ପରେ ଯାହା ରୁଟି ବଳିପଡେ ରେବତୀକୁ ଦିଅନ୍ତି । ଶୁଖାରୁଟି ପାଟିକୁ ଯାଏନି ? ଭୋକ ମାଡ଼ରେ ଯାହା କିଛି ଖାଇ ପାଣି ଗୋଟିଏ ଦି ଗ୍ଲାସ ପିଇ ଶୋଇପଡେ । ଦିନେ ସଂଧ୍ୟା ସମୟରେ ରେବତୀକୁ ଭାରି ଭୋକ ହେଲା ଶିଘ୍ର ଖାଇବା ପାଇଁ ଭାତ ଗଣ୍ଡେ ଦବୁରେ ବାପା କହିବାରୁ ଶୁବୁ ବୁଢୀ ଉପରେ ରାଗି ଘରୁ ଚାଲିଯିବାକୁ କହିଲା । କୋଉଁଠି ଯିବି , କଣ ଖାଇବି, କେମିତି ରହିବିରେ ବାପା , ଏତେ ଦିନ ତତେ ଲୁହ ଲୋହିରେ ଭାସି ପାଳିପୋଷି ବଡ଼ କଲି ଏବେ ଅସହାୟ ମା କୁଆଡେ ଯିବଲୋ ଶୁବୁ । ସାଙ୍ଗେସାଙ୍ଗେ ଆଲମିରାରୁ କୋଡ଼ିଏ ହଜାର ଟଂକା ବାହାରି କରି ଶ୍ରବଣ ମାଆ ମୁହଁକୁ ଫୋପାଡି ଦେଲା ଏତିକି ତ ତୁ ଜୀବନରେ ରୋଜଗାର କରିନଥିବୁ, ମୋ ପାଠପଢ଼ା,ଲିଆ, ଚିନି ଚା , ବିପିଏଲ ଚାଉଳର ଭାତ , ବାଡ଼ିର ଶାଗ ଖାଇବାକୁ ଦେଉଥିଲୁ ତ, ନେଇଯା ଏଇ ଟଂକା ତକ । ରେବତୀର ହୃଦୟ ଫାଟି ପଡ଼ିଲା କେତେ କଷ୍ଟ, କେତେ ଲୁହକୁ ସହିଛି ସେ ସବୁକୁ ଆଜି ଶ୍ରବଣ ସବୁ ଟଂକାରେ ମାପିଦେଉଛି । ଏଦିନ ଦେଖିବାକୁ ଆଗରୁ ମରି ଯାଉଥାନ୍ତି କି ? ସେଇ ଶ୍ରାବଣର ବର୍ଷାରାତିଠୁ ଆଜିର ଏହି ପୂର୍ଣ୍ଣିମା ତିଥି ତାକୁ ଅଧିକ କଷ୍ଟ ଦେଉଛି । ଶୁବୁ ଏ ହତଭାଗୀ ମାଆ ଆଖିର ଲୁହ , ଛାତିର କୋହକୁ ବୁଝିଲାନି । ସବୁ ଟଂକାକୁ ସାଉଁଠି ପୁଅ ହାତରେ ବଢାଇଦେଲା, ମୁଣ୍ଡକୁ ଆଉଁସି ଦେଇ କହିଲା ଭଲରେ ଥବୁରେ ଶୁବୁ । ପୁଣିଥରେ ସେଇ ଗାଁକୁ ଫେରିଆସି ଭଙ୍ଗା କୁଡିଆରେ ବାକିତକ ଜୀବନ କଟାଇଦେଲା ।


+ନୂଆପଡା
ମୋ-୭୮୯୪୭୮୧୩୫


# ପ୍ରାୟଶ୍ଚିତ


ଘନଶ୍ୟାମ ପଲେଇ




ଜୀବନରେ କୃତ ପାପର ପ୍ରାୟଶ୍ଚିତ ଅବଶ୍ୟ କରିବାକୁ ପଡେ ଜୀବଦ୍ଦଶାରେ, ମାଟିରୁ ବିଦାୟ ପୂର୍ବରୁ । ହେଜକୁ ଯେବେ ଆସେ ଗଡି ଯାଇଥାଏ ସମୟ । ସକାଳ ସୂର୍ଯ୍ୟଙ୍କ ସୁନେଲି ଆଭା ନିଭି ସାରିଥାଏ ଧରାରୁ । ଅପରାହ୍ନରେ ଖରାର ବହପ ବି ମଉଳି ସାରିଥାଏ । ଦିଗ୍ ବଳୟରେ ଝୁଲୁ ଥାଆନ୍ତି କ୍ଳାନ୍ତ ସୂର୍ଯ୍ୟ ଥକ୍କା ପଣରେ । ଅପେକ୍ଷା କେବଳ ଅସ୍ତମିତ ହବାର । ତାଙ୍କର ଅବସ୍ଥା ଆଜି ସେଇଆ । ପ୍ରାୟଶ୍ଚିତ ଏକମାତ୍ର ରାସ୍ତା । ନ ଚାହିଁଲେ ବି ହେଇଯାଏ ଛାଁକୁ । ସୁଦର୍ଶନଙ୍କ ପରିବାର ଆଜି ଆନନ୍ଦମୁଖର । ପରିବେଶ ପୂର୍ଣ୍ଣ ପୂର୍ଣ୍ଣ । ଚାରିଆଡେ ମଙ୍ଗଳମୟ । ଆଶିଷର ଆବାହନି । ବଡ ନାତୁଣୀ ଆଭାର ନିର୍ବନ୍ଧ । ବଡ ଘର ପ୍ରସ୍ତାବ । ନିଜେ ଆଭା ଇଞ୍ଜିନିୟର । ବାହା ହଉଚି ଇଂଜିନିୟରକୁ । କଥାବାର୍ତ୍ତା ସରିଚି ଏକ ପ୍ରକାରେ । ଆଜି ବନ୍ଧୁ ବାନ୍ଧବ ଉପସ୍ଥିତରେ ନିର୍ବନ୍ଧ ମୁଦି ପିନ୍ଧାପିନ୍ଧି । ସୁଦର୍ଶନଙ୍କ ବଡ ପୁଅର ଗୋଡ ମାଟି ଛୁଉଁନି । ଝିଅ ଶୁଭକର୍ମରେ ବିନ୍ଦୁଏ ବାଧା ନହୁଏ ଯିମିତି ।

ନାହକ ବ୍ରାହ୍ମଣ ମଝିରେ । ଚାରିପାଖେ ଚେୟାରରେ ଆସିଥିବା ଆଗନ୍ତୁକ । ଜଳପାନ ସରିଚି । ଅସଲ କର୍ମ ସାରି ଭୋଜନ ପର୍ବକୁ ଯିବେ ।


ପରଦା ସେପଟେ ଚେୟାର ପକେଇ ସୁଦର୍ଶନଙ୍କୁ ବସେଇଲେ ତାଙ୍କ ବଡ ପୁଅ, ମାନେ କନ୍ୟାପିତା । ସୁଦର୍ଶନ ଭେଲକା ହେଲେ । ସିଏ ମୁରବୀ । ଏ ଘରର ବୟୋବୃଦ୍ଧ । ତାଙ୍କୁ ଏଠି ବସେଇବାର ଅର୍ଥ, ଉଦ୍ଦେଶ୍ୟ ? ପୁଅ ଚାପା ଗଳାରେ କ’ଣ ତାଙ୍କୁ ଆକଟ କରି କହୁଥାନ୍ତି । ସତର୍କତା ସତ୍ତ୍ୱେ ଶବ୍ଦ ଛୁଇଁଲା ଆଗନ୍ତୁକଙ୍କୁ । ପଚାରିଲେ କନ୍ୟାପିତାଙ୍କୁ------- ସିଏ କିଏ ? ତାଙ୍କୁ ସେଠି କାହିଁକି ?

------ ମୋ ବାପା ଆଜ୍ଞା ! ବୟସ ହେଲାଣି ତ, ମଥା ତାଙ୍କର ବିଚଳିତ । ପାଟିର ଭାଷା ଉପରେ କଣ୍ଟ୍ରୋଲ ରହୁନି । ସେ ଇମିତି ଠିକ୍ । ସେଇଠି ବସି ସବୁ ଶୁଣିବେ । ଆପଣ କର୍ମରେ ଆଗାନ୍ତୁ । କାମ ଚାଲିଲା ଆଗେଇ । ସ୍ୱଭାବିକ ଭାବେ । କିଛି ବୁଝି ପାରୁନଥିଲେ ସୁଦର୍ଶନ । ସତରେ କ’ଣ କାମ କରୁନି ମୁଣ୍ଡ ? ବାଉଳି ଚାଉଳି କଥା କହୁଚନ୍ତି ? ଆଜି ଯାଏଁ କେବେ ଅନୁଭବିନଥିଲେ । ବିନ୍ଦୁ ବିସର୍ଗର ଟେର୍ ବି ନଥିଲା ଘରର ଲୋକଙ୍କଠି । ସବୁ ତ ଠିକ୍ ଠାକ ଥିଲା । ହଠାତ୍ ଆଜି ଭଳି ଇମ୍ପଟାଣ୍ଟ ଦିନରେ ତାଙ୍କୁ ଅଣଦେଖା । ହଜମ କରି ପାରୁନଥିଲେ । କାନ ଶୁଣିବ କ’ଣ ଆଲୋଚନାକୁ । ଘାଣ୍ଟି ହେଉଥିଲା ମନ । ବାହାରୁ ଦମକାଏ ସଂଜୁଆ କାଲୁଆ ପବନ ପଶିଆସିଲା । ସହଜେ ଶୀତ ଦିନ । ଦିହମନ ଶିହିରୀ ଉଠିଲା । ଭାସି ବୁଲିଲା କଳା ବାଦଲ ମନ ଆକାଶରେ । ପୁରୁଣା ଦିନସବୁ ନାଚିଉଠିଲା ଆଖି ଆଗରେ । ବେଶ୍ ମସ୍ତିରେ ଥିଲା ଚାକିରୀ ଜୀବନ । ଦିନେ ଅଫିସ୍ କାମରେ ଥିଲାବେଳେ ଖବର ଆସିଲା, ଗାଁରୁ ଭେଟିବାକୁ କିଏ ଆସିଚି । ଯାଇ ଦେଖିଲେ ବାପା ଆସିଚନ୍ତି ଗାଁରୁ । ସତର୍କତା ସହ ପଇସା ପତ୍ର ଦେଇ ବିଦାକଲେ ସେଠୁ । ସହକର୍ମୀ ସାହୁବାବୁ ପଚାରିଲାରୁ ଉତ୍ତର ମିଳିଲା-----ଗାଁରୁ ମୂଲିଆ ଆସିଥିଲା । ଧାନ ଅମଳ ସମୟ ତ । ପଇସା ପତ୍ର ନେଲେ ମୂଲ ମଜୁରି ଦେବ । ନିଜେ ବି ଚଳିବ । ସେତିକିରେ କ’ଣ ସଇଲା । ଥରକ କଥା । କ୍ୱାଟରରେ ଦିନେ ଦି ଦିନ ରହି ବାପା ବିଦାନେଲା ବେଳେ ଆଉ ଜଣେ ସହକର୍ମୀ ଦେଖାହେଲେ । ପଚାରିଲେ---- ଇଏ କିଏ କି ? ସବୁବେଳେ ଆପଣଙ୍କ ଘରକୁ ଯାଆ ଆସ କରନ୍ତି । ତାଙ୍କ ପାଖରେ କୁନିପୁଅ ଥିଲା । କହିଲା--- ଜେଜ ! ମୋ ଜେଜେ ଆସିଥିଲେ ଗାଁରୁ । କୁନିପିଲାର କଥା ବାଁରେଇବାକୁ ଯାଇ କହିଲେ ---- ଗାଁରୁ ମୂଲିଆ ଆସିଥିଲା । ବୋଲହାକ କରେ । ଗାଁ ବିଲବାଡି, ଘର କଥା ବୁଝେ । ପିଲାଟି ବେଳୁ ଆମ ଘରେ । କୁନିପୁଅ ସ୍ନେହରେ ଜେଜ ଡାକେ । ସେ ବି ସ୍ନେହି ମଣିଷଟେ । ମଝିରେ ମଝିରେ ଆସି ଦେଖି ଯାଏ । ମୂଲ ମଜୁରି ଖର୍ଚ୍ଚ ପାଣି ନେଇ କି ଯାଏ । ସେଦିନ ସିନା ଠକିଦେଲେ ସଭିଙ୍କୁ । ହେଲେ ନିୟତି କ’ଣ ଛାଡିବ । ସୁଧମୂଳ କଡାଗଣ୍ଡା ହିସାବ କରି ରଖିଚି । ଆଜି ତା’ରି ଫଳ ଭୋଗୁଚି । ଦୋଷ ଦେବ କାହାକୁ । ଏଇ କଥା କହିବ ବା କାହାକୁ ? କୃତ ପାପର ପ୍ରାୟଶ୍ଚିତ କରୁଚି ନିଜେ । ଅଜାଣତରେ ଆଖିରୁ ଲୁହ ଧାରେ ବହିଗଲା । ଅନୁତାପ ଗ୍ରାସ କରୁଥିଲା ମନକୁ । ହେଲେ ସମୟ ନଥିଲା । ଏବେ ସମୟ ପ୍ରାୟଶ୍ଚିତର । ମନ୍ଦିର ମାଇକରୁ ଶୁଭୁଥିଲା ଭାଗବତର ବାଣୀ ।

କର୍ମ କରିଣ ଫଳ ପାଇ,
ପ୍ରାଣୀ ତା ଅବଶ୍ୟ ଭୁଂଜଇ ।


+ ବଡ ଆମୁଁଣି,
ହାଣ୍ଡିଭଙ୍ଗା, ଝୁମ୍ପୁରା,
କେନ୍ଦୁଝର- ୭୫୮୦୩୧
ମୋ: ୯୪୩୭୭୧୮୫୦୦


# ଭୋକ




ସୁଦର୍ଶନ ମହାପାତ୍ର


ଦେହ ଖରାପ ହେବାରୁ ବାପା ଆଉ ମୂଲ ଲାଗି ଯାଇ ପାରିଲା ନାହିଁ । ଯାହା କିଛି ପଇସା ଥିଲା ଡାକ୍ତର ଆଉ ଔଷଧ ପତ୍ର ଖର୍ଚ୍ଚରେ ସରିଗଲା । ସମସ୍ତେ କହିଲେ ବାପାକୁ ସେଇ ଡିଆଁ ରୋଗ କରୋନା ହୋଇଛି । ଆଶା ଦିଦି ଖବର ପାଇ ଆସି ବାପାକୁ ନେଇ ଗଲେ ଚିକିତ୍ସା ପାଇଁ । ସେଇ ଦିନଠୁ ମାଆକୁ ନିତି ଦିନିଆ ପାଇଟି କରିବାକୁ ମନା କଲେ ବାବୁଘର ମାନେ । ଯଦିଓ ମାଆ କେତେ ବର୍ଷ ଧରି ସେମାନଙ୍କ ଘରେ କାମ କରି ଆସୁଥିଲା, ଏ ସମୟରେ କିଛି ପଇସା ସାହାଯ୍ୟ କରିବା ଦୂରରେ ଥାଉ, ଆଗତୁରା କିଛି ପଇସା ଦେବାକୁ ବି ମନା କରିଦେଲେ ।

ଗାଁ ଛାଡି ସହର ଆସିଥିଲୁ ପେଟ ପୋଷିବା ପାଇଁ । ହେଲେ ଆମ ଝୁମ୍ପୁଡି ଘରେ ଚୁଲି ଜଳିବା ବନ୍ଦ ହେଇଗଲା ଦୁଇ ଦିନ ପରେ । ମୁହଁ ପୋତି ବସି ରହିଲେ ଚୁଲି ଆଉ ମାଆ । ହେଲେ ଦାଉ ଦାଉ ଜଳିଲା ଆମ ଭୋକିଲା ପେଟ । ମାଆ ଚୁଲିରେ ଭାତ ହାଣ୍ଡି ବସେଇ ମତେ ଆଉ ଥରେ ପଠାଇଲା ଚିହ୍ନା ତେଜରାତି ଦୋକାନକୁ । ଏ ମହରଗ ସମୟରେ ଆଗ ବାକି ନଶୁଝିଲେ ଆଉ ସଉଦା ଦେବ ନାହିଁ ବୋଲି ରୋକ୍ ଠୋକ୍ ମନା କରିଦେଲା ଦୋକାନୀ । ଚୁଲି ମୁହଁରେ ପଡି ରହିଲା ଦରପୋଡା କାଠ । ଭାତହାଣ୍ଡି, ଡେକଚି, କଡ଼େଇ, ଥାଳି, ଗିନା ସବୁ ପଡି ରହିଲେ ଏଣେ ତେଣେ । ଚୁଡ଼ା, ମୁଢ଼ି ଦୁଇ ଦୁଇ ମୁଠା ଖାଇ କେତେ ଦିନ ରହି ହେବ ! ଆମକୁ ମିଛ ପ୍ରବୋଧନା ଦେଇ ଦୁଃଖ ସବୁକୁ ସାଉଁଟି ଲୁହ ଢାଳିଲା ମାଆ ।

ଆମେ ଭାଇ ଭଉଣୀ ଦୁଇ ଜଣ ଚୁଲିକୁ ଅନେଇ ବସି ରହିଲୁ ସକାଳରୁ ସଞ୍ଜଯାଏ । ମାଆ ଆମକୁ କେବଳ ଚାହିଁ ରହିଲା ଉଦାସ ଆଖି ନେଇ । ଶୁଖିଲା ଓଠରେ ଜିଭ ବୁଲେଇ ଭାତ ଗଣ୍ଡେ ଖାଇବାକୁ ବିକଳ ହେଲା ଛୋଟୁ । ପାଟି ଭିତରେ ଲାଳ ଗୋଟେଇ ଢୋକି ନେଲେ ଭୋକ ଲାଗିବନି ବୋଲି ମୁଁ ତାକୁ ଶିଖେଇଲି । ଶେଷକୁ କୋଳରେ ମଥା ରଖି ଚୁଲି ଆଡକୁ ଚାହିଁଥିବା ପୁଅକୁ, ମାଆ ଆଉ ମୁନ୍ଦାଏ ପାଣି ପେଇଦେଲା ଆଉ ତା’ ଲୁହ ଭିଜା ପଣତରେ ଘୋଡେଇ ଦେଇ ଶୋଇ ପଡିବାକୁ କହିଲା । ସତକୁ ସତ ଆଉ ଖାଇବାକୁ ଅଳି ନକରି ସେଦିନ ଶୋଇ ପଡିଲା ଛୋଟୁ । ମୋ ତଳେ ଦୁଇ ଦୁଇଟା ଭାଇ ମରିଛନ୍ତି ଆଗରୁ । ସେ କଥା କେବେ ପଡିଲେ ମାଆ ମୁହଁକୁ ଚାହିଁ ହୁଏନା । ଆଜି ବି ମାଆ ମୁହଁରେ କଳା ବାଦଲ ଘୋଟିଲା ଭଳି ଦେଖାଯାଉଛି ।

ପରଦିନ ରାତି ନପାହୁଣୁ ମୁଁ ସଜ ହୋଇଗଲି ପାଇଟି କରିବାକୁ । ସମ୍ପୁର୍ଣ୍ଣ ସୁସ୍ଥ ଥିଲେ ବି ଦୁଆରେ ପାଦ ନ ଦେଉଣୁ ମୋତେ ଘଉଡାଇ ଦେଲେ ଜଣେ ଚିହ୍ନା ବାବୁଆଣୀ । ଯେତେ କାକୁତି ମିନତି ହୋଇ କହିଲେ ବି ସେ ବିଶ୍ୱାସ କଲେ ନାହିଁ ଜମା । କାଳେ ରୋଗଟା ମୋ ଯୋଗୁଁ ଘରେ ଘରେ ଡେଇଁଯିବ, କୋକୁଆ ଭୟ ଯେମିତି ଖେଳିଗଲା ଚାରିଆଡେ । ଆଉ କାହା ଦୁଆରେ ପହଁଞ୍ଚିବା ଆଗରୁ କବାଟ ସବୁ ବନ୍ଦ ହେଇଗଲା ଆପେ ଆପେ । କାମ ନାହିଁ ମୋ ପାଇଁ । ଫେରି ଆସିଲି ଖାଲି ହାତରେ । ସେଇଠୁ ଗଲି ମନ୍ଦିର ଆଡେ । କାଳେ କେହି ଦୟାବନ୍ତ ସାମ୍ନାରେ ଉଭା ହେବେ ଈଶ୍ୱର ହୋଇ । ମନ୍ଦିର ବେଢ଼ା ଶୂନ୍ୟ ପଡିଥିଲା । ଫେରି ଆସିଲି ସେଇଠୁ ବି ଖାଲି ହାତରେ... !!

ସଞ୍ଜକୁ ଆଉଥରେ ସଜ ହେଲି ।-‘ରୂପା.. !’ ବାହାରେ ଶୁଭିଲା କୁସୁମର ଧୀର ସ୍ୱର । ଯେଉଁ କୁସୁମ ସାଙ୍ଗରେ ମିଶିବାକୁ ମାଆ କେତେଥର ବାରଣ କରିଥିଲା, ଆଜି ମୁଁ ତା ସାଙ୍ଗରେ ଯାଉଛି ବୋଲି ଜାଣି ମଧ ମଉନ ରହିଲା । ସେଇ ନିଷିଦ୍ଧ ଇଲାକାରେ ଥିଲା କିନ୍ତୁ କିଛି ଭିଡ । ନଥିଲା କୌଣସି ରୋଗର ଭୟ । ସବୁରି ଭୋକ ସେଇଠି ହିଁ ସତେ କି ମରୁଥିଲା.. ! ମୁଁ ବି ଖାଲି ହାତରେ ଫେରି ନଥିଲି ସେଇଠୁ । ମାଆ ଚୁଲିରେ ହାଣ୍ଡି ବସେଇ ଥିଲା । ଆଃ, ଫୁଟନ୍ତା ଭାତର କି ବାସ୍ନା.. ! ଛୋଟୁ ମୁହଁକୁ ହସ ଫେରିଥିଲା କେତେ ଦିନ ପରେ.... !!!


+କୁଞ୍ଜବିହାରୀ ଲେନ,
କଟକ




## ସ୍କୁଲ ବନ୍ଦ ସମ୍ପର୍କରେ ନିଷ୍ପତ୍ତି ହୋଇନାହିଁ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୦୫/୧୨ (ନି.ପ୍ର): ଦେଶରେ କରୋନାର ନୂଆ ଭାରିଆଂଟ ଓମିକ୍ରନ ପ୍ରବେଶ କରିବା ପରେ ଏହା ଉପରେ ପ୍ରତିକ୍ରିୟା ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ କହିଛନ୍ତି ଯେ ସଂକ୍ରମଣ ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। କୋଭିଡ ଗାଇଡ଼ଲାଇନ କୁ କଡାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨ ମାସ ଭିତରେ ୧୦ ଟି ଜିଲ୍ଲା ଗସ୍ତ କରି ସ୍ଥିତି ସମୀକ୍ଷା କରିଛି। ବିଭାଗୀୟ ସଚିବ ମଧ୍ୟ ପ୍ରତ୍ୟେକ ମାସରେ ବିଭିନ୍ନ ଜିଲ୍ଲା ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି। ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ସାମାନ୍ୟ ଲକ୍ଷଣ ଦେଖାଗଲେ ସେମାନଙ୍କୁ ଆଇସୋଲେସନ ରେ ରଖାଯାଇ ଚିକିତ୍ସା କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରେ କାର୍ଯ୍ୟ ଜାରି ରହିଛି। ଛାତ୍ରଛାତ୍ରୀ ଙ୍କ ପାଠପଢା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍କୁଲ ବନ୍ଦ କରିବା ପ୍ରସଙ୍ଗରେ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତି ନିଆଯାଇନଥିବା କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ। ସେ ଆହୁରି କହିଛନ୍ତି ଯେ ଯେଉଁ କେତେକ ଆବାସିକ ବିଦ୍ୟାଳୟ ରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ସେଠାରେ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ପଦକ୍ଷେପ ନେଇଛି। ପିଲାଙ୍କ ଶିକ୍ଷା ଯେତିକି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ତା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଶା କରୁଛି ସଂକ୍ରମଣ କୁ ନେଇ ସେଭଳି କୌଣସି ପରିସ୍ଥିତି ଉପୁଜିବ ନାହିଁ।

## କଟକ ଜିଲ୍ଲାରେ ଅଧିକ ଭିକାରୀ, ବୌଦ୍ଧରେ ସବୁଠୁ କମ୍



ଭୁବନେଶ୍ୱର : ରାଜ୍ୟରେ ମୋଟ୍ ୬୯୭୦ଜଣ ଭିକାରୀ ଥିବାବେଳେ ଏଥିରୁ ୧୦୬୦ଜଣ କଟକ ଜିଲ୍ଲାରେ ଅଛନ୍ତି। ସେହିପରି ବୌଦ୍ଧରେ ସବୁଠୁ କମ୍ ୫ଜଣ ଭିକାରୀ ଅଛନ୍ତି। କଟକରେ ସବୁଠୁ ଅଧିକ ପୁରୁଷ ଭିକାରୀ ୭୪୯ଜଣ ଥିବାବେଳେ ବରଗଡ଼ରେ ସବୁଠୁ ଅଧିକ ମହିଳା ଭିକାରୀ ୩୨୦ଜଣ ଅଛନ୍ତି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ବିଧାୟକ ନାଉରୀ ନାୟକଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ଯେ, ରାଜ୍ୟରେ ମୋଟ୍ ୬୯୭୦ଜଣ ଭିକାରୀଙ୍କ ମଧ୍ୟରୁ ୪୧୨୮ଜଣ ପୁରୁଷ ଏବଂ ୨୮୪୨ଜଣ ମହିଳା ଭିକାରୀ। ରାଜ୍ୟରେ ଜଣେ ବି ଶିଶୁ ଭିକାରୀ ନାହାନ୍ତି। ଅନୁଗୁଳରେ ୨୦୫ଜଣ, ବାଲେଶ୍ୱରରେ ୧୩୧, ବରଗଡ଼ରେ ୫୯୫, ଭଦ୍ରକରେ ୧୮୮, ବଲାଙ୍ଗୀରରେ ୫୦୨, ବୌ?ଦ୍ଧରେ ୫, କଟକରେ ୧୦୬୦, ଦେବଗଡ଼ରେ ୮, ଢେଙ୍କାନାଳରେ ୧୩୨, ଗଜପତିରେ ୫୮, ଗଞ୍ଜାମରେ ୫୪୫, ଜଗତସିଂହପୁରରେ ୫୩, ଯାଜପୁରରେ ୧୯୬, ଝାରସୁଗୁଡ଼ାରେ ୪୧, କଳାହାଣ୍ଡିରେ ୩୬୩, କନ୍ଧମାଳରେ ୬୦, କେନ୍ଦ୍ରାପଡ଼ାରେ ୨୨, କେନ୍ଦୁଝରରେ ୪୮, ଖୋର୍ଦ୍ଧାରେ ୪୧୮, କୋରାପୁଟରେ ୨୨୨, ମାଲକାନଗିରିରେ ୫୯, ମୟୂରଭଞ୍ଜରେ ୧୬୪, ନବରଙ୍ଗପୁରରେ ୧୮୩, ନୟାଗଡ଼ରେ ୫୮, ନୂଆପଡ଼ାରେ ୩୫୪, ପୁରୀରେ ୩୫୦, ରାୟଗଡ଼ାରେ ୧୭୬, ସମ୍ବଲପୁରରେ ୪୪, ସୋନପୁରରେ ୨୮୩, ସୁନ୍ଦରଗଡ଼ରେ ୪୪୭ଜଣ ଭିକାରୀ ଅଛନ୍ତି। ସେହିପରି ଏବେ ପୁରୀରେ ନୀଳାଦ୍ରି ନିଳୟ ଏବଂ ଭୁବନେଶ୍ୱରରେ ଏକାମ୍ର ନିଳୟନାମରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରି ଦୁଇ ସହରକୁ ଭିକ୍ଷୁକ ମୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହାବାଦ୍ ଖୋର୍ଦ୍ଧା, ସମ୍ବଲପୁର ଜିଲ୍ଲାରେ ଭିକ୍ଷୁକ ପୁନର୍ବାସ କେନ୍ଦ୍ର ଖୋଲିବା ସହ ରାଉରକେଲା ମ୍ୟୁନିସପାଲଟି, ଗଞ୍ଜାମ, ଢେଙ୍କାନାଳ ଜିଲ୍ଲାରେ ଭିକ୍ଷୁକ ପୁନର୍ବାସ କେନ୍ଦ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କଟକ ମହାନଗର ନିଗମ ଅଧୀନରେ ଭିକ୍ଷୁକ ପୁନର୍ବାସ କେନ୍ଦ୍ର ଖୋଲିବା ପ୍ରସ୍ତାବ ବିଚାରାଧୀନ ଅଛି।

## ସ୍କୁଲ ବିଦ୍ୟାର୍ଥୀଙ୍କ ପାଇଁ ହେବ ଆଧାର ଶିବିର



ଭୁବନେଶ୍ୱର ,୦୫/୧୨ (ନି.ପ୍ର) : ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଆଧାର ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ସମସ୍ତ ଶିକ୍ଷା ଅଧିକାରୀଙ୍କୁ କୁହାଯାଇଛି। ଏ ସଂକ୍ରାନ୍ତରେ ରିପୋର୍ଟ ୧୫ ତାରିଖ ସୁଦ୍ଧା ଦାଖଲ କରିବା ପାଇଁ କୁହାଯାଇଛି। ଓଡ଼ିଶା ସ୍କୁଲ ଶିକ୍ଷା ପ୍ରୋଗ୍ରାମ ଅଥରିଟିଙ୍କ ପକ୍ଷରୁ ଜାରି ଚିଠିରେ କୁହାଯାଇଛି, ସମସ୍ତ ସ୍କୁଲରେ ଆଧାର ଏନରୋଲମେଣ୍ଟ ଶିବିର ଆୟୋଜନ ପାଇଁ ବିଇଓମାନଙ୍କୁ କୁହାଯାଇଛି। ଡିଇଓ କିମ୍ବା ଡିପିସି ଏହାର ତଦାରଖ କରି ରିପୋର୍ଟ ଦାଖଲ କରିବେ। ଏସଓପି ଅନୁଯାୟୀ କ୍ଷେତ୍ର ଅଧିକାରୀମାନେ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବେ। ଡିଇଓ ଏବଂ ବିଇଓମାନେ କ୍ଷେତ୍ରଅଧିକାରୀମାନଙ୍କ ସହିତ ସମନ୍ୱୟ ରକ୍ଷା କରିବେ। ନିର୍ଦ୍ଧାରିତ ତାରିଖ ଅନୁଯାୟୀ କୌଣସି ସ୍ଥାନରେ ଶିବିର ଆୟୋଜିତ ହୋଇନପାରିଲେ ବିଇଓ କିମ୍ବା ସରକାରୀ କାର୍ଯ୍ୟାଳୟରେ ଏହା ଅନୁଷ୍ଠିତ ହେବ।

## ଯଥାଶୀଘ୍ର ଟିକା ନେବାକୁ ପରିବାର କଲ୍ୟାଣ ନିର୍ଦ୍ଦେଶକଙ୍କ ପରାମର୍ଶ

ଭୁବନେଶ୍ୱର,୦୫/୧୨ (ନି.ପ୍ର): ଓମିକ୍ରନ୍ ଠାରୁ କ୍ରସ ପ୍ରୋଟେକ୍ସନ ଦେବ ଟିକା, ଯାହାଦ୍ୱାରା ସଂକ୍ରମଣର ଗମ୍ଭୀରତା କମିବା ସହ ମୃତ୍ୟୁହାର ମଧ କମିବ। ନିଶ୍ଚିତ ଭାବରେ ଟିକା କାମ କରିବ। ହେଲେ କେତେ ସୁରକ୍ଷା ଦେବ ସେ ନେଇ ଗବେଷଣା ଚାଲିଛି। ଯେପର୍ଯ୍ୟନ୍ତ ସମସ୍ତେ ଟିକା ନେଇ ନାହାନ୍ତି, ବିପଦ ଅଛି । ତେଣୁ ଯେଉଁମାନେ ପ୍ରଥମ ଡୋଜ ଟିକା ନେଇ ନାହାନ୍ତି ଏବଂ ଯେଉଁ ମାନଙ୍କର ଦ୍ୱିତୀୟ ଡୋଜ ବାକି ଅଛି ଯଥାଶୀଘ୍ର ଟିକାକରଣ କେନ୍ଦ୍ରକୁ ଆସି ଟିକା ନେଇ ଯିବାକୁ ଅନୁରୋଧ କରିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ପାଣିଗ୍ରାହୀ।

ରାଜ୍ୟରେ ୨ କୋଟି ୮୦ ଲକ୍ଷ ଲୋକ ପ୍ରଥମ ଡୋଜ, ୧ କୋଟି ୬୨ ଲକ୍ଷ ଲୋକ ଦ୍ୱିତୀୟ ଡୋଜ ଟିକା ନେଇ ସାରିଛନ୍ତି । ଅର୍ଥାତ ୮୬ ପ୍ରତିଶତ ଲୋକଙ୍କର ପ୍ରଥମ ଡୋଜ ଟିକାକରଣ ସରିଯାଇଛି ଏବଂ ଟାର୍ଗେଟ ହିତାଧିକାରୀଙ୍କ ମଧ୍ୟରୁ ୫୦ ପ୍ରତିଶତ ଲୋକଙ୍କର ଦ୍ୱିତୀୟ ଡୋଜ ଟିକାକରଣ ଶେଷ ହୋଇଛି । ପାଖାପାଖି ୪୫ ଲକ୍ଷ ଲୋକଙ୍କ ଟିକାକରଣ ବାକି ଅଛି । ନଭେମ୍ବର ୩୦ ପର୍ଯ୍ୟନ୍ତ ଥିବା ହର ଘର ଦସ୍ତକ ଅଭିଯାନକୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ସ୍ୱାସ୍ଥ୍ୟକର୍ମୀ ମାନେ ଘରକୁ ଘର ବୁଲି ଯେଉଁମାନଙ୍କର ପ୍ରଥମ ଡୋଜ ବାକି ଅଛି ଏବଂ ଦ୍ୱିତୀୟ ଡୋଜ ସମୟ ହୋଇଗଲାଣି ସେମାନଙ୍କୁ ଚିହ୍ନଟ କରୁଛନ୍ତି । ଏବଂ ନିକଟସ୍ଥ ଟିକାକରଣ କେନ୍ଦ୍ରକୁ ଆଣି ଟିକା ଦେଉଛନ୍ତି । ଏହାସହ ଶଯ୍ୟାସାୟୀ ଲୋକଙ୍କୁ ଭ୍ୟାକ୍ସିନେସନ ଟିମ ଯାଇ ଟିକା ଦେଉଛନ୍ତି ।

ଆଜି ବାତ୍ୟା ଏବଂ ବର୍ଷା ପ୍ରଭାବ ଥିଲେ ମଧ ଟିକାକରଣ କାର୍ଯ୍ୟକ୍ରମ ଚାଲିଛି । ୨୫୦୦ ଟିକାକରଣ କେନ୍ଦ୍ର ମଧ୍ୟରୁ ୫୦୦ ଟିକାକରଣ କେନ୍ଦ୍ର ବନ୍ଦ ରହିଛି । ବାତ୍ୟା ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ନଭେମ୍ବର ୪ ଓ ୫ ତାରିଖ ଟିକାକରଣ ବନ୍ଦ ରହିଛି। ବାତ୍ୟା ପ୍ରଭାବ କମିବା ପରେ ସେହି ଜିଲ୍ଲା ଗୁଡ଼ିକରେ ଟିକାକରଣ ପ୍ରକ୍ରିୟା ସ୍ୱାଭାବିକ ହେବ । ଡିସେମ୍ବର ୩୧ ତାରିଖ ସୁଦ୍ଧା ୧୦୦ ପ୍ରତିଶତ ପ୍ରଥମ ଡୋଜ ଟିକାକରଣ ସରିବାର ଲକ୍ଷ୍ୟ ରଖାଯାଇଛି । ଟିକାର କୌଣସି ଅଭାବ ନାହିଁ । ରାଜ୍ୟରେ ଏବେ ୬୨ ଲକ୍ଷ ଡୋଜ ମହଜୁଦ ଅଛି । ଭୁବନେଶ୍ୱରରେ ୨୭ ଲକ୍ଷ ଡୋଜ ଟିକା ଦିଆଯାଇଛି।

## ବୈଜ୍ଞାନିକ ପ୍ରଫେସର ତ୍ରିଲୋଚନ ପ୍ରଧାନଙ୍କୁ ଅନ୍ତିମ ବିଦାୟରେ ସମ୍ମାନ ଦେବାକୁ ସରକାର ଏତେ କୁନ୍ଥକୁନ୍ଥ କାହିଁକି ?

ଭୁବନେଶ୍ୱର ,୦୫/୧୨ (ନି.ପ୍ର): ପଦାର୍ଥ ବିଜ୍ଞାନ ଜଗତକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଖ୍ୟାତି ଅର୍ଜନ କରିଥିବା ବୈଜ୍ଞାନିକ ପ୍ରଫେସର ତ୍ରିଲୋଚନ ପ୍ରଧାନଙ୍କର ମୃତ୍ୟୁ ଖବରକୁ ନେଇ ବିଭିନ୍ନ ମହଲରୁ ଶୋକବାର୍ତ୍ତା ଛୁଟିଛି। ଓଡ଼ିଶା ରାଜ୍ୟପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓ ଆନ୍ଧ୍ରର ରାଜ୍ୟପାଳଙ୍କ ସମେତ ବହୁ ବିଶି ?ଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ୧୯୯୦ ମସିହାରେ ତାଙ୍କୁ ପଦ୍ମଭୂଷଣ ସମ୍ମାନରେ ଭୂଷିତ କରାଯାଇଛି । ପଦାର୍ଥ ବିଜ୍ଞାନକୁ ତାଙ୍କର ଅବଦାନ ଅତୁଳନୀୟ ବୋଲି ସମସ୍ତେ କହିଛନ୍ତି। ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ୨୦୧୦ ମସିହାରେ ସରକାର ଗଠନ କରିଥିବା ସ୍ୱତନ୍ତ୍ର ଟାସ୍କ ଫୋର୍ସର ସେ ନେତୃତ୍ୱ ନେଇଥିଲେ। ଏପରି ଜଣେ ବରପୁତ୍ରଙ୍କୁ ସମ୍ମାନ ଦେବାକୁ ସରକାର କୁଣ୍ଠାବୋଧ କରିଛନ୍ତି। ତାଙ୍କୁ ଶେଷଦର୍ଶନ କରିବାକୁ କିମ୍ବା ତାଙ୍କ ଶେଷକୃତ୍ୟ ବେଳେ କୌଣସି ମନ୍ତ୍ରୀ କିମ୍ବା ସରକାରଙ୍କ ପ୍ରତିନିଧି ଆସି ନ ଥିଲେ। ଓଡ଼ିଶାକୁ ଗୌ?ରବାନ୍ୱିତ କରିଥିବା ଜଣେ ବିଶିଷ୍ଟ ଓଡ଼ିଆଙ୍କ ପ୍ରତି ଏହି ସର୍ବନିମ୍ନ ସୌଜନ୍ୟତା ଦେଖାଇବାକୁ ସରକାର ଉଚିତ ମଣିଲେ ନାହିଁ। ସାଧାରଣତଃ ପଦ୍ମ ସମ୍ମାନରେ ସମ୍ମାନିତ ବ୍ୟକ୍ତିଙ୍କୁ ଶେଷକୃତ୍ୟ ବେଳେ 'ଗାର୍ଡ ଅଫ୍ ଅନର' ଦିଆଯିବାର ଏକ ପରମ୍ପରା ରହିଛି। କିନ୍ତୁ ସରକାର ଏହି ପରମ୍ପରାକୁ ପାଳନ କଲେ ନାହିଁ। ସତ୍ୟନଗର ମଶାଣିରେ କେବଳ ନିଜ ବନ୍ଧୁ ଓ ଆତ୍ମୀୟ ସ୍ୱଜନଙ୍କ ମେଳରେ ତାଙ୍କୁ ଅନ୍ତିମ ବିଦାୟ ଦିଆଯାଇଛି। ପ୍ରଶ୍ନ ଉଠୁଛି, ବିଜ୍ଞାନ ଗବେଷଣାରେ ଓଡ଼ିଶାକୁ ଗୌରବ ବଢ଼ାଇଥିବା ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ମୃତ୍ୟୁକାଳରେ ସମ୍ମାନ ଦେବାକୁ ଏତେ କୁନ୍ଥକୁନ୍ଥ କାହିଁକି ? ରାଜ୍ୟରେ ଜ୍ଞାନୀଗୁଣୀ ଲୋକଙ୍କ ପ୍ରତି ସରକାରଙ୍କର ଏପରି ହୀନ ଆଭିମୁଖ୍ୟକୁ ବୁଦ୍ଧିଜୀବୀ ତଥା ସଚେତନ ନାଗରିକ ମହଲରେ ନିନ୍ଦା କରାଯାଇଛି।

## ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଏଥର କୁଟିଆ କନ୍ଧ ଜନଜାତିଙ୍କ ପାନିଆ

ଭୁବନେଶ୍ୱର,୦୫/୧୨ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର ରେ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି ଆସନ୍ତାକାଲି ଓଡ଼ିଶାର କୁଟିଆ କନ୍ଧଙ୍କ ପାନିଆ ତିଆରି ସଂପର୍କରେ ଜାଣିପାରିବେ । ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ଏହା ପ୍ରକାଶ କରିଛନ୍ତି। ଓଡ଼ିଶାର କୁଟିଆ କନ୍ଧ ଜନଜାତିମାନେ ବାଉଁଶ ପାତିଆରୁ ଅତି ସୁନ୍ଦର ଭାବେ ସୌଖୀନ ପାନିଆ ତିଆରିରେ ଦକ୍ଷ ଅଟନ୍ତି। କୁଟିଆ କନ୍ଧ ଜନଜାତି ମହିଳାମାନେ ନିଜର କେଶକୁ ପାନିଆରେ ସଜାଇଥାନ୍ତି। ଏହି ପାନିଆ କେବଳ କେଶବିନ୍ୟାସ ନୁହେଁ, ବରଂ ଏହା କୁଟିଆ କନ୍ଧ ଜନଜାତିଙ୍କର ଏକ ଉପହାର ଭାବେ ଗ୍ରହଣ କରାଯାଇଥାଏ । କୁଟିଆ କନ୍ଧ ଜନଜାତିର ବାଳକମାନେ ସ୍ନେହର ନିଦର୍ଶନ ଭାବେ ବାଳିକାମାନଙ୍କୁ ପାନିଆ ଉପହାର ଭାବେ ଦେଇଥାନ୍ତି । ବାଉଁଶ ପାତିଆକୁ ସମାନ ଲମ୍ବାରେ କାଟି ସେଗୁଡ଼ିକୁ ଏକତ୍ର କରି ପାନିଆ ପ୍ରସ୍ତୁତ କରାଯାଏ। ପୂର୍ବେ ଶିଆଳି ଲତାକୁ ବ୍ୟବହାର କରାଯାଇ ପାନିଆ ତିଆରି ହେଉଥିଲା। ଏବେ ବାଉଁଶ ପାତିଆକୁ ଏକାଠି କରି ପାନିଆ ତିଆରି ନିମନ୍ତେ ଲୁଗାବୁଣା ସୂତାକୁ ବ୍ୟବହାର କରାଯାଉଛି । ଏହି ଜନଜାତିର ନବବିବାହିତା କନ୍ୟା ପ୍ରଥମ ଥର ପାଇଁ ବାପଘରକୁ ଆସିଥିବାବେଳେ ସଂପର୍କୀୟମାନଙ୍କ ପାଇଁ ପାନିଆ ଉପହାର ସ୍ୱରୂପ ଧରି ଆସିଥାନ୍ତି।

## ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ରାଜ୍ୟକୁ ମିଳିଛି ୨୭କୋଟି

ଭୁବନେଶ୍ୱର ,୦୫/୧୨ (ନି.ପ୍ର): ରାଜ୍ୟର ଯୁବକ/ଯୁବତୀଙ୍କ ଦକ୍ଷତା ବିକାଶ ଲାଗି ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ କେନ୍ଦ୍ରରୁ ୨୭କୋଟିରୁ ଅଧିକ ଟଙ୍କା ମିଳିଛି। ୨୦୧୭/୧୮ରେ ୫କୋଟି ୮୨ଲକ୍ଷ, ୨୦୧୮/୧୯ରେ ୨୭,୮୯,୪୮,୧୮୪ ଟଙ୍କାକୁ ମିଶାଇ ସମୁଦାୟ ୨୭,୭୧,୪୯,୧୮୪ କୋଟି ଟଙ୍କା ଓଡ଼ିଶା ଦକ୍ଷତା ବିକାଶ କର୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଏ ପର୍ଯ୍ୟନ୍ତ ୧୨,୦୭୦ଜଣ ଯୁବକ/ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇ ନିଯୁକ୍ତିକ୍ଷମ କରାଯାଇଛି। ଏଥିପାଇଁ ୪,୯୨,୧୭,୫୯୮ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦେଇଛନ୍ତି ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ। ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ୨୦୧୫/୧୬ ଓ ୨୦୧୬/୧୭ ଆର୍ଥିକ ବର୍ଷରେ କେନ୍ଦ୍ର ସରକରଙ୍କ ପକ୍ଷରୁ ରାଜ୍ୟକୁ କୌଣସି ଅନୁଦାନ ମିଳି ନ ଥିଲା। ୨୦୧୪/୧୫ ମସିହାରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ଜେନେରେସନ୍ କାର୍ଯ୍ୟକ୍ରମ(ସିଏମ୍‌ଇଜିପି) ନାମରେ ଏକ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି। ୨୦୧୪/୧୫ ମସିହାଠାରୁ ୨୦୨୧/୨୨ ଭିତରେ ଏହି ଯୋଜନାରେ ସମୁଦାୟ ୧୪,୭୫,୩୭୯ ଜଣ ଯୁବକ/ଯୁବତୀଙ୍କୁ ତାଲିମ ଦିଆଯାଇ ନିଯୁକ୍ତିକ୍ଷମ କରାଯାଇଛି। ସିଏମ୍‌ଇଜିପି ବାବଦ ଖର୍ଚ୍ଚ ପାଇଁ କୌଣସି ନିର୍ଦ୍ଦିଷ୍ଟ ପାଣ୍ଠିର ବ୍ୟବସ୍ଥା ନାହିଁ। ଏହି କାର୍ଯ୍ୟକ୍ରମରେ ସାମିଲ ଥିବା ଉନ୍ନୟନ ବିଭାଗଗୁଡ଼ିକ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନାରୁ ପ୍ରାପ୍ତ ଆର୍ଥିକ ସହାୟତାରେ ନିର୍ଦ୍ଦିଷ୍ଟ ବର୍ଗର ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ କରି ଆତ୍ମନିଯୁକ୍ତି କରାଇଥାନ୍ତି। ରାଜ୍ୟର ଯୁବକ/ଯୁବତୀଙ୍କୁ ନିଯୁକ୍ତିକ୍ଷମ କରିବା ପାଇଁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଦ୍ୱାରା ଏକ ନିଯୁକ୍ତି ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ୨୦୧୧/୧୨ ମସିହାରୁ ପ୍ରଚଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ସିଏମ୍‌ଇଜିପିର ଏକ ଅଂଶବିଶେଷ। ଏହି ତାଲିମ କାର୍ଯ୍ୟକ୍ରମ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାମାନଙ୍କ ସହ ସରକାରୀ ଓ ବେସରକାରୀ ସହଭାଗିତାରେ କରାଯାଉଛି। ୨୦୧୫/୧୬ରୁ ୨୦୨୧/୨୨ ଭିତରେ ଏହି କାର୍ଯ୍ୟକ୍ରମ ଜରିଆରେ ୫୯,୯୫୩ଜଣଙ୍କୁ ତାଲିମ ପ୍ରଦାନ କରାଯିବା ସହିତ ୧୯,୨୯୫ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏଥିପାଇଁ ୮୫,୫୪,୪୬,୨୫୯ ଟଙ୍କା ଖର୍ଚ୍ଚ କରାଯାଇଥିବା ଶ୍ରୀ ନାୟକ ବିଧାନସଭାରେ ସୂଚନା ଦେଇଛନ୍ତି।

## ମାର୍ଚ୍ଚ ସୁଦ୍ଧା ପ୍ରତି ବ୍ଲକ୍‌ରେ କାର୍ଯ୍ୟକ୍ଷମ ହେବ ଛତୁଆ ପ୍ରସ୍ତୁତ ୟୁନିଟ୍



ଭୁବନେଶ୍ୱର,୦୫/୧୨ (ନି.ପ୍ର): ମହିଳାମାନଙ୍କୁ ଉଦ୍ୟୋଗ ପ୍ରତି ପ୍ରୋତ୍ସାହିତ କରିବା ଏବଂ ଗୁଣାତ୍ମକ ଛତୁଆ ପ୍ରସ୍ତୁତ କରିବା ପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ରାଜ୍ୟର ୩୧୪ଟି ବ୍ଲକ୍ ରେ ଛତୁଆ ପ୍ରସ୍ତୁତ ୟୁନିଟ୍ ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିଛି । ଏହି ଛତୁଆ ପ୍ରସ୍ତୁତି କେନ୍ଦ୍ରଗୁଡ଼ିକ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ପ୍ରତି ବ୍ଲକ୍ ରେ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି । ଏଥି ପାଇଁ ପର୍ଯ୍ୟାୟ କ୍ରମେ ବ୍ୟାଙ୍କର୍ସ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକମାନଙ୍କ ସହ ବୈଠକ କରାଯାଇ ଯୋଜନାର ଚୂଡ଼ାନ୍ତ ରୂପ ଦିଆଯାଇଛି । ବିଭାଗ ଏହି କାର୍ଯ୍ୟକ୍ରମ ସକାଶେ ମିଶନ ଶକ୍ତି ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ସହ ଅନୁବନ୍ଧିତ ହୋଇଛି । ପ୍ରତ୍ୟେକ କେନ୍ଦ୍ରରେ ପ୍ରସ୍ତୁତ ଛତୁଆର ମାନ ନିର୍ଦ୍ଧାରଣ ସକାଶେ ଅତ୍ୟାଧୁନିକ ମାନ ପରୀକ୍ଷଣ କେନ୍ଦ୍ର ଏବଂ ଉତମ ପ୍ୟାକେଜିଂ ବ୍ୟବସ୍ଥା କରାଯାଇଛି । ଏହି ପଦକ୍ଷେପ ଫଳରେ ବିଭିନ୍ନ ବ୍ଲକ୍ ରେ ପ୍ରସ୍ତୁତ ହେଉଥିବା ଛତୁଆର ମାନ ସର୍ବତ୍ର ସମାନ ରହିବ ବୋଲି କୁହାଯାଇଛି । ଏମ୍‌ଏସ୍‌ଏମ୍‌ଇ ବିଭାଗ ତରଫରୁ ପ୍ରତ୍ୟେକ ବ୍ଲକ୍ ରେ ଛତୁଆ ପ୍ରସ୍ତୁତ କରୁଥିବା ଏସ୍‌ଏଚ୍‌ଜିଙ୍କର ତାଲିକା ଜିଲ୍ଲାପାଳମାନଙ୍କୁ ପ୍ରେରଣ କରାଯାଇଛି। ପ୍ରତି ଛତୁଆ ପ୍ରସ୍ତୁତି ୟୁନିଟ୍ କୁ ୧୮ରୁ ୨୦ ଲକ୍ଷ ଟଙ୍କା ଆର୍ଥିକ ଋଣ ବ୍ୟାଙ୍କମାନଙ୍କ ଜରିଆରେ ପ୍ରଦାନ କରାଯିବାର ପ୍ରାବଧାନ ରଖାଯାଇଛି। ଏଥିରେ ୩୫ ଶତକଡ଼ା ଋଣ ସବ୍‌ସିଡି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମ ମହିଳା ଏସ୍‌ଏଚ୍‌ଜିଗୁଡ଼ିକୁ ସୁସଂଗଠିତ କରିବା ସହିତ ରାଜ୍ୟରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିପାରିବ ବୋଲି ଆଶା କରାଯାଉଛି ବୋଲି ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି । ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ଉଦ୍ୟୋଗ ଉନ୍ନୟନ ଯୋଜନା (ପିଏମ୍‌ଏଫ୍‌ଏମ୍‌ଇ) ଅଧୀନରେ ସଂଚାଳନ କରାଯିବ ।

## ଏମ୍ସର ୪ ବିଭାଗର ଫାକଲ୍‌ଟି ନିଯୁକ୍ତି ନେଇ ସ୍ଥଗିତାଦେଶ




ଭୁବନେଶ୍ୱର ,୦୫/୧୨ (ନି.ପ୍ର): ଏମ୍ସର ଆନାଟୋମି, ଡର୍ମାଟୋଲୋଜି, ମାଇକ୍ରୋବାୟୋଲୋଜି ଏବଂ ଇଏନ୍ ?ଟି ବିଭାଗର ପ୍ରଫେସର ପଦରେ ନିଯୁକ୍ତିକୁ ସ୍ଥଗିତ ରଖାଯାଇଛି । ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ, କଟକଙ୍କ ଆଦେଶ ଅନୁସାରେ ଏମ୍ସର ସହଯୋଗୀ ପ୍ରଶାସକ ଏହି ନୋଟିସ ଜାରି କରିଛନ୍ତି । ସୂଚନା ଅନୁଯାୟୀ, ଜୁଲାଇ ମାସରେ ଏମ୍ସର ବିଭିନ୍ନ ବିଭାଗର ସମୁଦାୟ ୩୯ ଡାକ୍ତରଙ୍କ ପଦୋନ୍ନତି ହେବାର ଥିଲା। ସହଯୋଗୀରୁ ସହକାରୀ, ସହକାରୀରୁ ଅତିରିକ୍ତ ପ୍ରଫେସର, ଅତିରିକ୍ତ ପ୍ରଫେସରରୁ ପ୍ରଫେସର ଭାବରେ ପଦୋନ୍ନତି ଦିଆଯିବାର ଥିଲା । ଆନାଟୋମି, ଇଏନଟି, ଡର୍ମାଟୋଲୋଜି ଏବଂ ମାଇକ୍ରୋବାୟୋଲୋଜି ବିଭାଗର ୧୧ ଜଣ ଫାକଲ୍‌ଟି ପଦୋନ୍ନତିରୁ ବାଦ ପଡ଼ିଥିଲେ। ଏହା ବିରୋଧରେ ସେମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟଦିଗରେ ବର୍ତ୍ତମାନ ଏମ୍ସ ପକ୍ଷରୁ ବିଭିନ୍ନ ବିଭାଗରେ ଡାକ୍ତର ଏବଂ ଫାକଲ୍‌ଟିଙ୍କ ନିଯୁକ୍ତି ହେଉଛି। ଏଥିରେ ଏହି ୪ଟି ବିଭାଗର ବିବାଦୀୟ ପ୍ରଫେସର ପଦ ମଧ ରହିଛି। ଯାହାର ହକଦାର ଥିବା ନେଇ ଫାକଲ୍‌ଟିମାନେ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ତେଣୁ ଟ୍ରିବ୍ୟୁନାଲ ଏହି ପଦରେ ନିଯୁକ୍ତିକୁ ବର୍ତ୍ତମାନ ସ୍ଥଗିତ ରଖିଛି। ସୂଚନା ଅନୁଯାୟୀ, ଏମ୍ସ ନିର୍ଦ୍ଦେଶକ କାର୍ଯ୍ୟକାଳ ପୂର୍ଣ୍ଣ ହେବାକୁ ଆଉ ମାତ୍ର କିଛି ଦିନ ବାକି ରହିଛି। ଏଭଳି ସ୍ଥିତିରେ ନିର୍ଦ୍ଦେଶକ କାହିଁକି ଏଭଳି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି ଏହାକୁ ନେଇ ପ୍ରଶ୍ନ ଉଠିଛି। ଏପରିକି ୪ ତାରିଖ ବର୍ଷା ଏବଂ ବାତ୍ୟାର ପୂର୍ବାନୁମାନ ରହିଥିଲା। ଏଥିଯୋଗୁଁ ରାଜ୍ୟର ସବୁ ପରୀକ୍ଷା ବାତିଲ କରାଯାଇ ଥିଲା। ହେଲେ ଏମ୍ସ ଡାକ୍ତର ନିଯୁକ୍ତି ସାକ୍ଷାତକାର ପରୀକ୍ଷା ବଳବତ୍ତର ରହିଛି।

## ସୁନାର ଫସଲ ପାଇଁ ମାଟିର ସୁରକ୍ଷା ଲୋଡ଼ା

ଭୁବନେଶ୍ୱର,୦୫/୧୨ (ନି.ପ୍ର): ଆଜି ବିଶ୍ୱ ମୃର୍ତ୍ତିକା ଦିବସ। ପ୍ରତିବର୍ଷ ଡ଼ିସେମ୍ବର ୫ ତାରିଖଟିକୁ ସାରାବିଶ୍ୱ ମୃର୍ତ୍ତିକା ଦିବସ ରୂପେ ପାଳନ କରିଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ମାଟିର ସୁରକ୍ଷା। ସମ୍ପ୍ରତି ଜଳ, ବାୟୁ ପରି ମାଟି ବି ପ୍ରଦୂଷଣ କବଳରୁ ମୁକୁଳି ପାରିନି। ଅଧିକ ଫସଲ ଉତ୍ପାଦନ ଆଶାରେ ଚାଷଜମିରେ କୀଟନାଶକ ଓ ରାସାୟନିକ ସାର ବ୍ୟବହାର ଯୋଗୁଁ ଆଜି ମାଟି ବିଷ। ଆଉ ପୂର୍ବପରି ଫସଲ ବି ଫଳୁନାହିଁ। ଫଳରେ ଆଗକୁ ମାଡ଼ି ଆସୁଛି ଖାଦ୍ୟ ସଙ୍କଟ। ଚଳିତବର୍ଷର ଥିମ୍ ରହିଛି 'ହାଲଟ୍ ସଏଲ୍ ସାଲିନାଇଜେସନ, ବୁଷ୍ଟ ସଏଲ୍ ପ୍ରଡ଼କ୍ଟଭିଟି'। ଅର୍ଥାତ୍ ମାଟିକୁ ଲବଣମୁକ୍ତ କରିବା ସହ ଉତ୍ପାଦନ କ୍ଷମତା ବୃଦ୍ଧି ଦିଗରେ ଗୁରୁତ୍ୱ। ଏ ନେଇ ରାଜଧାନୀ ଭୁବନେଶ୍ୱରର ପୋଖରୀପୁଟ ଅଂଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଚିନ୍ତାପ୍ରକଟ କରିବା ସହ ଜନସଚେତନତା ଉଦ୍ଦେଶ୍ୟରେ ରଙ୍ଗ, ବେରଙ୍ଗ ମୁରୁଜକୁ ବ୍ୟବହାର କରି ମାଟିରେ ଫଳାଇଛନ୍ତି ସୁନାର ଫସଲ। ଇଂରାଜୀ ଭାଷାରେ ରହିଛି ଏକ ସୁନ୍ଦର କ୍ୟାପ୍‌ସନ୍। 'ହୋୟାର ଫୁଡ୍ ବିଗିନିସ୍'। ଅର୍ଥାତ୍ ଯେଉଁଠାରେ ଖାଦ୍ୟର ସୃଷ୍ଟି, ତା'ର ସୁରକ୍ଷା ନିତାନ୍ତ ଜରୁରୀ। ସୁଶାନ୍ତ ଏହି ମର୍ମରେ କୁହନ୍ତି କୀଟନାଶକ, ରାସାୟନିକ ସାରର ବହୁଳ ବ୍ୟବହାର ଦ୍ୱାରା ମାଟି ବିଷ ପାଲଟିଗଲାଣି। ଏତଦ୍‌ସହ ଏହି କ୍ରମରେ ଜଳ, ବାୟୁ ବି ବିଷ ପାଲଟି ଯାଇଛି। ଏଣୁ ଚାଷଜମିରେ ଜୈବିକ ସାରର ପ୍ରୟୋଗ ନିତାନ୍ତ ଜରୁରୀ। ନଚେତ୍ ଆଗାମୀ ଦିନରେ ଏହା ଭୟଙ୍କର ରୂପ ନେବ ବୋଲି ଶ୍ରୀ ସାହୁ ଏହି ଅବସରରେ କହିଛନ୍ତି।

## ଇଡ୍‌କୋର ଓ ହବ୍ ଟାୱାରରେ ଷ୍ଟାର୍ଟଅପ୍ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ପରିଦର୍ଶନ କଲେ ଶିଳ୍ପମନ୍ତ୍ରୀ

ଭୁବନେଶ୍ୱର,୦୫/୧୨ (ନି.ପ୍ର): ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଶିଖରଚଣ୍ଡିଠାରେ ନୂତନ ଭାବେ ନିର୍ମାଣ ହୋଇଥିବା ଇଡ୍‌କୋର 'ଓ' ହବ୍ ଅଟ୍ଟାଳିକାରେ ଷ୍ଟାର୍ଟଅପ୍ ପାଇଁ ନିର୍ମାଣ ଚାଲିଥିବା ଏନ୍‌କ୍ୟୁବେସନ୍ କେନ୍ଦ୍ର, କାର୍ଯ୍ୟାଳୟ, ତାଲିମ ଗୃହ, ପ୍ରେକ୍ଷାଳୟ, ବୈଠକ ଖାନା ପ୍ରଭୃତି ବୁଲି ଦେଖିଥିଲେ। ଏଠାରେ ପ୍ରାରମ୍ଭିକ ଭାବେ ୨୦୦ଟି ଷ୍ଟାର୍ଟଅପ୍ ପାଇଁ ସ୍ଥାନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ସମସ୍ତ ବ୍ୟବସ୍ଥା ବୁଲି ଦେଖିବା ପରେ ନିର୍ମାଣଶୈଳୀ ଏବଂ ସାଜସରଞ୍ଜାମ ଦେଖି ସନ୍ତୋଷ ବ୍ୟକ୍ତ କରିବା ସହ ନିର୍ମାଣ କାର୍ଯ୍ୟରେ ଗୁଣବତାରେ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ ବୋଲି କହିଛନ୍ତି। ସେ ସେଠରେ ଉପସ୍ଥିତ ଥିବା ସମସ୍ତ ଯନ୍ତ୍ରୀ ଏବଂ ନିର୍ମାଣ କାର୍ଯ୍ୟ ସହିତ ଜଡ଼ିତ କର୍ମଚାରୀଓ କାରିଗରମାନଙ୍କୁ ଏହି ଉନ୍ନତ ମାନର କାର୍ଯ୍ୟ ନିମନ୍ତେ ପ୍ରଶଂସା କରିଥିଲେ। ଏହି ନୂତନ ଅଟ୍ଟାଳିକାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ଶାସନ ସଚିବ ଉଦୟ ନାରାୟଣ ଦାସ, ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲମ୍, ଇଭାନ୍‌ଜେଲିଷ୍ଟ ସୁଶ୍ରୀ ସଂଯୁକ୍ତା ବଢ଼ାଇ, ଇଂଜିନିୟର ବିଜୟ ତ୍ରିପାଠୀ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟର ୬୨୭୮ ଗାଁରେ ନାହିଁ ମୋବାଇଲ ସେବା

ଭୁବନେଶ୍ୱର,୦୫/୧୨ (ନି.ପ୍ର): ରାଜ୍ୟର ୬୨୭୮ଟି ଗାଁରେ ମୋବାଇଲ ସେବା ନାହିଁ। ମୋବାଇଲ ଟାୱାର ସ୍ଥାପନ କେନ୍ଦ୍ର ସରକାରଙ୍କ କ୍ଷମତା ପରିସରଭୁକ୍ତ ବୋଲି ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା। ଶ୍ରୀ ବେହେରା କହିଛନ୍ତି ମୋବାଇଲ ସେବା ସଂଯୋଗରୁ ବଞ୍ଚିତ ବିଭିନ୍ନ ଗାଁରେ ମୋବାଇଲ ସେବା ଉପଲବ୍ଧ କରାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ସ୍ୱତନ୍ତ୍ର ପ୍ୟାକେଜ୍ ଜରିଆରେ ଆର୍ଥିକ ସହାୟତା ତଥା ପାଣ୍ଠି ମଞ୍ଜୁର ପାଇଁ ଅନୁରୋଧ କରି ଆସୁଛନ୍ତି। ଏହି ଅନୁରୋଧ କ୍ରମରେ କେନ୍ଦ୍ର ସରକାର ୟୁଏସ୍‌ଓଏଫ୍ ପାଣ୍ଠିରୁ ୪୮୩ଟି ନୂଆ ଟେଲିକମ୍ ଟାୱାର ଏଲଡବ୍ଲୁଇ ଅଞ୍ଚଳରେ ମଞ୍ଜୁର କରିଛନ୍ତି।

## ବାବାସାହେବ ଭୀମ୍‌ରାଓ ଆମ୍ବେଦକର

(ପୃଷ୍ଠା-୪ର ଅବଶିଷ୍ଟାଂଶ)

୧୯୨୧ରେ ତାଙ୍କର ନିବନ୍ଧ 'ପ୍ରୋଭିନସିଆଲ ଡିସେଣ୍ଟ୍ରାଲାଇଜେସନ ଅଫ୍ ଇମ୍ପେରିଆଲ ଫାଇନାନସ ଇନ ବ୍ରିଟିଶ ଇଣ୍ଡିଆ' ପାଇଁ ଲଣ୍ଡନ ସ୍କୁଲ ଅଫ ଇକୋନୋମିକସ୍‌ରୁ ଅର୍ଥଶାସ୍ତ୍ରରେ ଏମ.ଏସ.ସି, ୧୯୨୩ରେ ନିବନ୍ଧ 'ଦି ପ୍ରୋବ୍ଲେମ ଅଫ ରୁପି' ପାଇଁ ଡିଏସସି ଏବଂ ସେହି ବର୍ଷ ଗ୍ରେସ ଇନ୍‌ରୁ ବାର-ଆଟ-ଲ ଡିଗ୍ରୀ ହାସଲ କରିଥିଲେ ଓ ଭାରତ ଫେରିଆସି ବମ୍ବେ ଉଚ୍ଚ ନ୍ୟାୟାଳୟରେ ଓକିଲାତି ଆରମ୍ଭ କରିଥିଲେ। ସେ ଜର୍ମାନର ବନ୍ ବିଶ୍ୱ ବିଦ୍ୟାଳୟରେ ମଧ କିଛିକାଳ ଅଧ୍ୟୟନ କରିଥିଲେ।

ଭାରତୀୟ ସମ୍ବିଧାନର ପ୍ରଣେତା ଭାବେ ସମ୍ପୂର୍ଣ୍ଣ ଭାରତରେ ଆମ୍ବେଦକର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ନିଜ ଜୀବନକୁ ସମାଜ ସେବାରେ ସମର୍ପଣ କରି ଦେଇଥିଲେ ଭାରତ ସ୍ୱାଧୀନତାର ବହୁ ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ। ଦଳିତ ଓ ନୀଚ ଜାତିକୁ ନିଜର ଅଧିକାର ଓ ଭାରତକୁ ସ୍ୱାଧୀନ ଦେବା ପାଇଁ ବହୁ ପ୍ରଭାବଶାଳୀ ପୁସ୍ତକ ରଚନା କରିଥିଲେ। ସେ ବମ୍ବେ ବିଧାନ ପରିଷଦର ସଦସ୍ୟ ହୋଇଥିଲେ ଓ ପରେ ପରେ ସରକାରୀ ଆଇନ କଲେଜର ପ୍ରାଧାପକ ହିସାବରେ ରେ ନିଯୁକ୍ତି କରାଯାଇଥିଲା ଓ ସେ ଏହି ପଦବୀରେ ଦୁଇବର୍ଷ ପର୍ଯ୍ୟନ୍ତ କାମ କରିଥିଲେ। ସେ ଇଣ୍ଡିପେଣ୍ଡେଣ୍ଟ୍ ଲେବର ପାର୍ଟି ନାମକ ଏକ ସ୍ୱତନ୍ତ୍ର ରାଜନୈତିକ ଦଳର ପ୍ରତିଷ୍ଠା କରିଥିଲେ ଯିଏକି କେନ୍ଦ୍ରୀୟ ବିଧାନସଭା ଭୋଟରେ ପନ୍ଦରଟି ସ୍ଥାନ ଜିତି ଏହି ଦଳ ଏକ ପ୍ରମୁଖ ବିରୋଧୀ ଦଳଭାବେ ବମ୍ବେ ବିଧାନ ପରିଷଦରେ ଉଭା ହେଲା ଓ ବହୁ ସରକାରୀ ନିଷ୍ପତ୍ତିକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇଥିଲା। କୃଷକ ଓ ଶ୍ରମିକମାନଙ୍କ ହିତ ଉଦ୍ଦେଶ୍ୟରେ ବମ୍ବେ ବିଧାନ ପରିଷଦ ଏହି ସମୟରେ କେତେକ ଔଦ୍ୟୋଗିକ ବିଧେୟକକୁ ଆଇନରେ ପରିଣତ କରିଥିଲେ। କଂଗ୍ରେସ ଦଳିତମାନଙ୍କୁ 'ହରିଜନ' ନାମରେ ଆଖ୍ୟାୟିତ କରିବାରୁ ଆମ୍ବେଦକର ଓ ଭାଓରାଓ ଗାଇକୋଆର୍ଡ ଏହାର ପ୍ରବଳ ବିରୋଧ କରିଥିଲେ। ଆମ୍ବେଦକର ଭାଇସରାୟଙ୍କ ମନ୍ତ୍ରୀମଣ୍ଡଳରେ ଶ୍ରମ ମନ୍ତ୍ରୀଭାବେ କାର୍ଯ୍ୟ କରି ଶ୍ରମିକମାନଙ୍କ ନିରାପତ୍ତା, ସ୍ୱାସ୍ଥ୍ୟ ଓ ସବେତନ ଛୁଟି ପ୍ରଭୃତି ବିଭିନ୍ନ ବିଷୟରେ ପ୍ରଥମକରି ଆଇନମାନ ପ୍ରଣୟନ କରିବାକୁ ସକ୍ଷମ ହୋଇଥିଲେ ଏବଂ ଯଥାର୍ଥରେ ଜଣେ ଦଳିତ ଓ ଶ୍ରମିକ ନେତାଭାବେ ପ୍ରତିଷ୍ଠା ଲାଭ କରିଥିଲେ। ଅଗଷ୍ଟ ୧୯୪୭ ରେ ଭାରତ ସ୍ୱାଧୀନତା ପ୍ରାପ୍ତ କରିବାପରେ ସେ ଭାରତର ପ୍ରଥମ ଆଇନମନ୍ତ୍ରୀ ହୋଇଥିଲେ। ସେ ଏକ ଶ୍ରେଷ୍ଠ ଓ ଶକ୍ତିଶାଳୀ ଆଇନର ରଚନା କରିଥିଲେ ଏବଂ ତାଙ୍କ ଦ୍ୱାରା ରଚିତ ଆଇନକୁ ୨୬ ଜାନୁୟାରୀ ୧୯୫୦ ରେ କାର୍ଯ୍ୟକାରୀ କରାଯାଇଥିଲା। ତାଙ୍କର ନିର୍ଦ୍ଦେଷ ରେ ଭାରତୀୟ ରିସର୍ଭ ବ୍ୟାଙ୍କ ର ସ୍ଥାପନ କରାଯାଇଥିଲା । ଆମ୍ବେଦକର ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ବହୁ କଠିନ ପରିସ୍ଥିତିରେ ସଂଘର୍ଷ କରି ନିଜେ ଉଚ୍ଚଶିକ୍ଷା ଲାଭ କରିବା ସହ ସମାଜକୁ ମଧ ଶିକ୍ଷା ଦେଇଥିଲେ। ଆମ୍ବେଦକର ବୌଦ୍ଧ ଧର୍ମ ଉପରେ ତାଙ୍କର ଶେଷ ପୁସ୍ତକ 'The Buddha and His Dhamma' ଲେଖିଥିଲେ। ତାଙ୍କ ମୃତ୍ୟୁ ପରେ ଏହି ପୁସ୍ତକ ପ୍ରକାଶିତ ହୋଇଥିଲା। ଏହି ମହାନ ବ୍ୟକ୍ତି ମଧୁମେହ ରୋଗରେ ପୀଡ଼ିତ ହୋଇ କାର୍ଯ୍ୟଚାପ ଓ ସ୍ୱାସ୍ଥ୍ୟବସ୍ଥାରେ ଅବନତି କାରଣରୁ ୧୯୫୬ ଡ଼ିସେମ୍ବର ୬ ତାରିଖରେ ତାଙ୍କର ମୃତ୍ୟୁବରଣ କରିଥିଲେ ।

+ ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

## କରୋନାରୁ ସୁସ୍ଥ ହେଲେ ୨୧୨ ଆକ୍ରାନ୍ତ

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ୨୧୨ ଜଣ ଆକ୍ରାନ୍ତ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୯ ହଜାର ୬୭୩ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୮ଜଣ ଓ ମୟୂରଭଂଜ ଜିଲ୍ଲାରୁ ୨୬ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ବାଲେଶ୍ୱରରୁ ୧୩, କଟକରୁ ୧୨, ଯାଜପୁର, ସୁନ୍ଦରଗଡ଼ରୁ ୧୦-୧୦, ସମ୍ବଲପୁରରୁ ୭, ପୁରୀରୁ ୫, ଗଂଜାମ, ଜଗତସିଂହପୁର ଓ ଝାରସୁଗୁଡ଼ାରୁ ୩ ଜଣ ଲେଖାଏଁ, ଭଦ୍ରକ, ବଲାଙ୍ଗୀର, କେନ୍ଦ୍ରାପଡ଼ା ଓ ରାୟଗଡ଼ାରୁ ୨-୨ ଜଣ, ଦେବଗଡ଼ ଓ କେନ୍ଦୁଝରରୁ ଜଣେ ଲେଖାଏଁ ଓ ରାଜ୍ୟପୁଲରୁ ୨୨ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

# ମମତା ପାଇଁ ମମତା

ଖୋର୍ଦ୍ଧା, ୦୪/୧୨ (ନି.ପ୍ର): କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲା ପଶ୍ଚିମ ଓଡ଼ିଶାର ସଂସ୍କୃତି ପରମ୍ପରା ମହିଳା ମାନଙ୍କ ପାଇଁ ବହୁ ସମ୍ମାନ ଥାଏ। ଏହି ଜିଲ୍ଲା ନାରୀମାନେ ରକ୍ଷଣଶୀଳ। ଏହି ଜିଲ୍ଲାରେ ଜଣେ ମହିଳା ଶିକ୍ଷୟିତ୍ରୀ ପ୍ରତି ଯାହା ଘଟିଲା ଓଡ଼ିଶା ହିନ୍ଦୁ ସମାଜ ପାଇଁ ଲଜ୍ୟାଜନକ ଘଟଣା। ଖୋର୍ଦ୍ଧା ଜିଲ୍ଲା ଓ ଖୋର୍ଦ୍ଧା ବୁଦ୍ଧି ଜିବୀ ଘୋର ନିନ୍ଦା କରିଛନ୍ତ। ଏହି ଘଟଣା ପାଇଁ ଦଳ ମତ ନିର୍ବିଶେଷରେ ବିରୋଧୀ ହେଉ ବା ଶାସକ ଓ ଜନସାଧାରଣ ସମସ୍ତେ ସମସ୍ୱରରେ ପ୍ରତିବାଦ କରିବା ଉଚିତ। ଯଦି ଆଜି ଏହି ଲଜ୍ୟା ଘଟଣା ରେ ଜଣେ ଅଭିଭାହିତ ଝିଅକୁ ମାରି ଦିଆଗଲା ତାହା ଦୁଃଖଦ ଘଟଣା। ଆଜି ତାଙ୍କ ପାଇଁ ଘଟିଲା କାଲି ସମସ୍ତ ଙ୍କ ପାଇଁ ଘଟିପାରେ। ଯେଉଁ ମାନେ ଏହାକୁ ପ୍ରଶୟ ଦେବେ ତାଙ୍କ ଝିଅ, ବୋହୂ, ଭଉଣୀ ମାଆ ମାଉସୀ ପାଇଁ ନଘଟିବ କିଏ କହି ପାରିବ ନାହିଁ। ସେ ପରିବାର, ଗ୍ରାମ, ପଞ୍ଚାୟତ, ବ୍ଲକ, ଜିଲ୍ଲା, ପ୍ରଦେଶ, ଆଦି ଶାସକ ଦଳ, ବିରୋଧୀ ଦଳ, ପୋଲିସ, ପ୍ରଶାସନ, ବିଧାୟକ, ସାଂସଦ, ମନ୍ତ୍ରୀ,ହାକିମ, ଗରିବ , ମଧ୍ୟବିତ୍ତ ଘରେ ଘଟିଲେ ଶାସନ କଣ ଚୁପ୍ ରହିବ। ଯେଉଁ ପୋଲିସ ମହିଳା, କେଉଁ ସବୁ ଦଳର ନେତ୍ରୀ ପାଇଁ ଘଟେ ତାହା ସେମାନେ ସହ କରି ପାରିବେ କି ? ରାକ୍ଷସ ପ୍ରକୃତି ଲୋକକୁ କେହି ପ୍ରସୟ ଦେବା କଥା ଉଚିତ କି ? ଏହି ଦୁଃଖପୂର୍ଣ୍ଣ ଘଟଣା କୁ ରାଜନୀତି କରିବା ଉଚିତ କି ? ବୁଦ୍ଧିଯିବି ମାନଂକ ପ୍ରଶ୍ନ ? ଶାସକ ଦଳ, ବିରୋଧୀ ଦଳ, ମହିଳା ସମାଜ କିପରି ସହ କରି ପାରୁଛନ୍ତି ? ଆମ ମହିଳା ପୋଲିସ ଯେପରି ଏହି ଘଟଣା ପ୍ରତିବାଦ ମହିଳା ସମାଜ ବିରୋଧ କଲାବେଳେ ସେମାନେ ଏହି ମହିଳା ମାନଙ୍କୁ ଘୋଷାଡି ଥିଲେ, ସେ ଜାଣିବା କଥା ସେ ମହିଳା ତାଙ୍କ ପରିବାର ଘଟିଲେ ସେ କଣ ସହ୍ୟ କରିପାରିବେ। ନେତ୍ରୀ ଶାସକ ଦଳ ଯେଉଁ ପ୍ରକାର ଭାଷଣ ବାଜି କରୁଛନ୍ତି ତାହା କଣ ଓଡ଼ିଶା ମହିଳା ଚରିତ୍ର କି ? ଆଜି ଗରିବ ଘରେ କି ମଧ୍ୟବିତ ଘରେ ଘଟୁଛି, କାଲି ତାଙ୍କ ଘରେ ଘଟିଲେ ଭୂମିକମ୍ପ ହେବ ନା ଦାବି ଦେବ । ଇଜ୍ଜତ ଧନୀ, ମାନି, ହାକିମ, ପୋଲିସ, ବିଚାର ବିଭାଗ, ପ୍ରଶାସନ ଝିଅ ବୋହୂ ନ ଘଟିବ କହିପାରିବେ। ଏହି ମମତାଙ୍କ ପାଇଁ ଜେ କେହି ହେଉ ତୁରନ୍ତ ଆଖିଦୃଶିଆ ଶାସ୍ତି ପାଇଁ ଓଡ଼ିଶା ବାସୀ ଦଳ ମତ ନିର୍ବିଶେଷରେ ଜନସାଧାରଣ ସମସ୍ତେ ଦୃଢ଼ ଦାବି କରିବାକୁ ବୁଦ୍ଧିଜୀବି ସମାଜ ଅନୁରୋଧ କରୁଛନ୍ତି। ଏହାକୁ ଯଦି ଜେ ଦାବିଦେବାକୁ କରିବେ ଈଶ୍ୱର କେବେ କ୍ଷମା ଦେବେ ନାହିଁ।

## ୩ଦିନ ଧରି ଚାଲିବ ନଛିପୁର ହାଇସ୍କୁଲ ରଜତ ଜୟନ୍ତୀ

ଖଇରା,୦୫/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ଗ୍ରାମ ପଞ୍ଚାୟତ ଅଧୀନ ନଛିପୁର ହାଇସ୍କୁଲର ରଜତ ଜୟନ୍ତୀ ଉତ୍ସବ ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବ । ପ୍ରସ୍ତୁତି ବୈଠକ ପରେ ପରିଚାଳନା କମିଟିର ସଭାପତି ଭରତ ଚନ୍ଦ୍ର ପଣ୍ଡାଙ୍କ ତରଫରୁ ଉତ୍ସବ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରାଯାଇଛି। ୧୦ ଓ ୧୧ ତାରିଖ ୨ ଦିନ ଧରି ବ୍ଲକ ସ୍ତରୀୟ କ୍ରୀଡା, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୨ ତାରିଖ ପୂର୍ବାହ୍ନରେ ବିଜ୍ଞାନ ମେଳା ଓ ଅପରାହ୍ନରେ ଜୟନ୍ତି ଉଦ୍ଘାଟିତ ହେବ । ୧୩ ତାରିଖ ର ଦ୍ୱିତୀୟ ଦିବସ ପୂର୍ବାହ୍ନରେ ନାରୀ ଶିକ୍ଷା ଓ ସମାଜରେ ଏହାର ପ୍ରଭାବ ବିଷୟ ଉପରେ ଏକ ସେମିନାର ଆୟୋଜିତ ହେବ । ୧୪ ତାରିଖ ଉଦ୍ ଯାପନୀ ଦିବସ ପ୍ରଥମାର୍ଦ୍ଧରେ ଶିର୍ଷକ ଓଡିଆ ଶାସ୍ତ୍ରୀୟ ଭାଷା ସମୃଦ୍ଧିରେ ଖଇରା ର ଐତିହାସିକ ଘଟଣାବଳିର ଅବଦାନ ଉପରେ ଏକ ସେମିନାର ଅନୁଷ୍ଠିତ ହେବ । ଅପରାହ୍ନରେ ଉଦ୍ ଯାପନି ସଭା ଅନୁଷ୍ଠିତ ହେବ । ଯେଉଁଥିରେ ଓଡିଶା ମନ୍ତ୍ରୀ ପରିଷଦର ବହୁ ମନ୍ତ୍ରୀ ଯୋଗ ଦେବେ। ପ୍ରତ୍ୟେକ ଦିନ ସଭା ଶେଷରେ ଓଡିଶା ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ଅଛି । ଏହା ବ୍ୟତିତ ରାଜ୍ୟପାଳ ପ୍ରଫେସର ଗଣେଷୀଲାଲଙ୍କ ଦ୍ୱାରା ଭିରଚୁଅଲ ମାଧ୍ୟମରେ କାର୍ଯ୍ୟକ୍ରମର ଉଦ୍‌ଘାଟନ ପାଇଁ ଚେଷ୍ଟାଚାଲିଥିବା ନେଇ ଶ୍ରୀପଣ୍ଡା ପ୍ରକାଶ କରିଛନ୍ତି ।

## ବସ୍ତା ବ୍ଲକରେ ହାତୀ ଉପଦ୍ରବ : ଉଜୁଡି ଯାଇଛି ଫସଲ

ବସ୍ତା,୦୫/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତାବ୍ଲକ ଅଧୀନ ନଟାକଟା ପଂଚାୟତରେ ମଙ୍ଗଳବାର ରାତିରେ ହାତୀ ଉପଦ୍ରବ ଯୋଗୁଁ ବହୁ ଘର ବାଡ଼ି ଓ ଫସଲ ଉଜୁଡି ଯାଇଛି। ମୟୂରଭଞ୍ଜ ଜିଲ୍ଲା ଡେଙ୍ଗାଆମ୍ବ ଜଙ୍ଗରୁ ୧୬ରୁ ଉର୍ଦ୍ଧ୍ୱ ହାତୀ ପଲ ଅମର୍ଦ୍ଦାରୋଡ଼ ଷ୍ଟେସନ ନିକଟସ୍ଥ ରେଳ ଲାଇନ ଡେଇଁ ନଟାକଟାର ନରଣପୁର, ଚାରିଗାଁ ବଡଚାରିଗାଁ, ବସନ୍ତପୁରକୁ ପଶିଥିଲେ। ନରଣପୁର ଗ୍ରାମରେ ଆଶୁତୋଷ ରାଉଳ ଓ ରାମହରି ଦାସଙ୍କ ଘର ବାଡ଼ି ଭିତରେ ପଶି ବ୍ୟାପକ କ୍ଷତି କରିଥିଲେ। ସେହିପରି ବଡ଼ ଚାରି ଗାଁର ଗଙ୍ଗାଧର ଦାସ,ସୃଷ୍ଟିଧର ଦାସ,ଉର୍ବୁ ନାନା ଓ ନିମାଇ ବେହେରାଙ୍କ ପ୍ରାୟ ୨/୩ ଏକର ଧାନ ଫସଲ ବ୍ୟାପକ କ୍ଷତି କରିଥିଲା ବେଳେ ବାସନ୍ତପୁର ଗ୍ରାମର ରାସ ବିହାରି ଦାସ ଓ ବସନ୍ତ କୁମାର ଦାସ ସମ୍ପୂର୍ଣ୍ଣ ଖଳାରେ ଥିବା ଧାନ ବୋରା ଖାଇବା ସହ ଘର ଆଜବେଷ୍ଟସ ଭାଙ୍ଗିବା ସହ ବାଡ଼ିରେ ଥିବା ନଡ଼ିଆ ଗଛ, କଦଳୀ ଗଛ ଅନ୍ୟାନ୍ୟ ଗଛ ଭାଙ୍ଗି ନଷ୍ଟ କରିଦେଇଥିଲେ ।ସେହିପରି ଶ୍ୟାମସୁନ୍ଦରପୁର ଗ୍ରାମର ସୁକାନ୍ତ ପରିଡ଼ା ଙ୍କ ବିଲରେ ଧାନ ଖାଇବା ସହ ଦଳି ଚକଡି ସମ୍ପୂର୍ଣ୍ଣ ନଷ୍ଟ କରିଥିଲେ। ଏଥିସହିତ ଏହି ହାତୀପଲ ଧାନ ବିଲ ଭିତରେ ପଶି ଅନେକ ଚାଷ ନଷ୍ଟ କରିଛନ୍ତି। ବାଲେଶ୍ୱର ବନ ବିଭାଗର ସୁଶାନ୍ତ ଜେନାଙ୍କ ନେତୃତ୍ୱ ରେ ୧୫ଜଣିଆ ଟିମ ଓ ସ୍ଥାନୀୟ ଲୋକେ ମିଶି ହାତୀ ମାନଙ୍କୁ ଘଉଡାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି।

## ତାରିଣୀ ୟୁଥ କ୍ଲବ ପକ୍ଷରୁ ରକ୍ତ ଦାନ ଶିବିର ଅନୁଷ୍ଠିତ

ନୀଳଗିରି, ୦୫/୧୨ (ନି.ପ୍ର): ନୀଳଗିରିର ଅଳସୁଆ ଠାରେ ଥିବା ମା ତାରିଣୀ ୟୁଥ କ୍ଲବ ପକ୍ଷରୁ ସଭାପତି ତଥା ସମାଜସେବୀ ସବ୍ୟସାଚୀ ମହାପାତ୍ର ଓରଫ ଟୁବୁଲୁଙ୍କ ନେତୃତ୍ୱରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ବର୍ଷା ସତ୍ୱେ ସମସ୍ତ ସଦସ୍ୟଙ୍କ ସହଯୋଗରେ ୬୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଅନ୍ୟ ସଦସ୍ୟମାନେ ଦେବାଶିଷ ନାୟକ, କୃପାକର ସ, ଲକ୍ଷ୍ମୀପ୍ରିୟା ନାୟକ, ଆକାଶ ସ, ଜୀବନ ମହାନ୍ତି, ଲକ୍ଷ୍ମୀଧର ସ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଚତୁର୍ଥ ଦିନ ବି ବିଧାନସଭା....

ପ୍ରତିବାଦ ଜଣାଇଥିବାବେଳେ ବିଜେପି ବିଧାୟକମାନେ ମଧ ଗୃହର ମଧଭାଗରେ ପ୍ଲାକାର୍ଡ ଧରି ପ୍ରତିବାଦ କରିଥିଲେ। ତେବେ ମାତ୍ର ୨ମିନିଟ୍ ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ହଟ୍ଟଗୋଳ ଜାରି ରହିବାରୁ ଗୋଟିଏ ମିନିଟ୍ ଭିତରେ ଗୃହକୁ ବାଚସ୍ପତି ସୋମବାର ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ଗୃହରେ ଅଚଳାବସ୍ଥା ଲାଗି ରହିବାକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଆଜି ଉଭୟ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ କଡ଼ା ଭାଷାରେ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ, ଗୃହର ନେତା ମୁଖ୍ୟମନ୍ତ୍ରୀ ନିଜେ ଗୃହକୁ ଆସୁନାହାନ୍ତି। ବିରୋଧୀ ଦଳ ପକ୍ଷରୁ ଦିଆଯାଉଥିବା ମୋସନ ଓ ମୁଲତବୀ ନୋଟିସ ଉପରେ ଆଲୋଚନା ମଧ ହେଉନାହିଁ । ଚାରିଦିନ ପରେ ବାଚସ୍ପତି ଗୃହକୁ ସ୍ୱାଭାବିକ କରିବା ପାଇଁ ସର୍ବଦଳୀୟ ବୈଠକ ଡାକୁନାହାନ୍ତି। ଗୃହରେ ହୋ-ହାଲ୍ଲା ହେଲେ ବାଚସ୍ପତି ଗୃହକୁ ସଙ୍ଗେସଙ୍ଗେ ବନ୍ଦ କରିଦେଉଛନ୍ତି। ସେହିପରି ବିଜେପି ବିଧାୟକ ଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି ଯେ, ସରକାର ଯଦି ତୁରନ୍ତ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ବହିଷ୍କାର ନକରିବେ କିମ୍ବା ଏହି ଘଟଣାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର ନକରିବେ ତା'ହେଲେ ଆସନ୍ତା ସୋମବାର ବିଧାନସଭାରେ ସୁପରସାଇକ୍ଲୋନ ଆସିବ। ଏହି ପ୍ରତିବାଦ ଆଗକୁ ଜୋରଦାର କରାଯିବ ବୋଲି ବିଜେପି ସ୍ପଷ୍ଟ କରିଛି। ଉଲ୍ଲେଖଯୋଗ୍ୟ,ବିଧାନସଭା ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ଆଲୋଚନାର ସୁଯୋଗ ରହିଥିବାବେଳେ ବିରୋଧୀ ଓ ଶାସକ ଦଳର ଛକାପଞ୍ଝା ଯୋଗୁ ଗୃହ ୪ଦିନ ଧରି ଅଚଳ ହୋଇଛି। ଗୃହକୁ ସ୍ୱାଭାବିକ କରିବା ନିମନ୍ତେ ଶାସକ ଦଳ ପକ୍ଷରୁ ଆନ୍ତରିକ ଉଦ୍ୟମ ମଧ ହେଉନାହିଁ । କିମ୍ବା ବିରୋଧୀଙ୍କୁ ମନାଇ ଗୃହ କାର୍ଯ୍ୟକୁ ଆଗେଇ ନେବା ସମ୍ଭବପର ହୋଇପାରିନି । ବିଧାନସଭା ଅଧିବେଶନ ଯୋଗୁ ସବୁ ଖର୍ଚ୍ଚକୁ ମିଶାଇଲେ ରାଜ୍ୟ ରାଜକୋଷରୁ ଦୈନିକ ପ୍ରାୟ ୭୦ରୁ ୮୦ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ଏଥିପ୍ରତି ଉଭୟ ବିରୋଧୀ କିମ୍ବା ଶାସକ ଦଳ ସାମାନ୍ୟ ଦୃଷ୍ଟି ଦେଉନାହାନ୍ତି ।

### ବାତ୍ୟା ଟଳିଲା, ଏବେ....

ଆସନ୍ତାକାଲି ମଧ୍ୟାହ୍ନରେ ପହଂଚି ଓଡ଼ିଶା ଉପକୂଳ ଦେଇ ପଶ୍ଚିମବଙ୍ଗ ଉପକୂଳରେ ପ୍ରବେଶ କରିବ ଓ ପରବର୍ତ୍ତୀ ୨୪ଘଣ୍ଟା ମଧରେ ଏହା ୱେଲ ମାର୍କ ଲଘୁଚାପ କ୍ଷେତ୍ର ସୃଷ୍ଟି କରିବ । ପାଣିପାଗ ବିଭାଗର ସର୍ବଶେଷ ସୂଚନା ଅନୁସାରେ, ବାତ୍ୟା ଆଶଙ୍କା ଟଳିଥିବାବେଳେ ଆସନ୍ତାକାଲି ୫ତାରିଖରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ ଅବା ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ । ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । କେବଳ ନୟାଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ୬ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ କେନ୍ଦୁଝର, ଅନୁଗୁଳ,ଢେଙ୍କାନାଳ, କଟକ, ଯାଜପୁର,ଖୋର୍ଦ୍ଧା ଓ ପୁରୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସୂଚନାଯୋଗ୍ୟ, ବାତ୍ୟା 'ଜୱାଦ'କୁ ନେଇ ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଗତ ୩-୪ଦିନ ଧରି ଜୋରଦାର କସରତ କରିଥିଲେ । ଏପରିକି ସମୁଦ୍ର କୂଳ ଅଂଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ପ୍ରକ୍ରିୟା ଗତକାଲି ୬ଟି ଜିଲ୍ଲାରେ ଆରମ୍ଭ ହୋଇଥିଲା । ତେବେ ଆଜି ସକାଳୁ ଏହି ବାତ୍ୟା ଦୁର୍ବଳ ହେଉଥିବା ନେଇ ପାଣିପାଗ ବିଭାଗ ଆକଳନ କରିବା ପରେ ସାଧାରଣ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି ।

### ନାଗାଲାଣ୍ଡରେ ସେନା ଗୁଳିମାଡ଼ରେ....

ଆସିବା ମାତ୍ରେ ଅଂଚଳରେ ଉତେଜନା ବ୍ୟାପିଗଲା । କ୍ରୋଧିତ ଲୋକମାନେ ସୁରକ୍ଷାବାହିନୀର ତିନୋଟି ଗାଡ଼ିକୁ ଜାଳିଦେଇଥିଲେ । ଏହି ସମୟରେ ଭିଡ଼ ଭିତରେ ଆସାମ ରାଇଫଲ୍ସ ଯବାନଙ୍କ ମୃତ୍ୟୁ ଘଟିଥିଲା । ନିହତ ଯବାନ ଉତରାଖଣ୍ଡର ବାସିନ୍ଦା ଗୌତମ ଲାଲ ବୋଲି ଜଣାପଡ଼ିଛି । ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫ୍ୟୁ ରିଓ ଏହି ଘଟଣାକୁ ନିନ୍ଦା କରିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ସେ ଆହତମାନଙ୍କୁ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି । ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟନ୍ତ୍ରୀ ଏକ ଏସଆଇଟି ଗଠନ କରିଛନ୍ତି । ଶାନ୍ତି ବଜାୟ ରଖିବା ପାଇଁ ରିଓ ସମସ୍ତ ବିଭାଗକୁ ନିବେଦନ କରିଛି । ଭିଡ଼ ଭିତରେ ଅନ୍ୟ ଛଅ ଜଣ ସେନା କର୍ମଚାରୀ ମଧ୍ୟ ଆହତ ହୋଇଥିବା କୁହାଯାଉଛି । ଆହତ ମାନଙ୍କୁ ଆସାମର ଦିବ୍ରୁଗଡ଼ ମେଡ଼ିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଅଂଚଳରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ସେନା ଡେରା ପକାଇଛନ୍ତି । କୁହାଯାଇଛିଯେ, ଏହି ସମୟ ମଧ୍ୟରେ ପିକଅପ୍ ସେଠାରୁ ଯାଇଥିଲା, ତା ପରେ ସନ୍ଦେହ ଆଧାରରେ ସେନା ଗୁଳି ଚଳାଇଥିଲା । ଏହି ସମୟରେ କୋହିମାର କିସାମାଠାରେ ପାରମ୍ପାରିକ ହର୍ନବିଲ ପର୍ବ ପାଳନ କରାଯାଉଥିଲା । ନାଗା ସଂଗଠନ ଏବଂ ଲୋକମାନେ ଏହି ପର୍ବ ବନ୍ଦ କରିବାକୁ ଦାବି କରିଛନ୍ତି ।

### ଆମ ଦଳ ଜିତିଲେ ପ୍ରତି ମହିଳାଙ୍କୁ ମାସକୁ ....

କେଜ୍ରିୱାଲ କହିଛନ୍ତି । ବିରୋଧୀଙ୍କୁ ଟାର୍ଗେଟ କରି ସେ କହିଛନ୍ତି ସେମାନେ କହୁଛନ୍ତି କେଜ୍ରିୱାଲ ମାଗଣା ବାଣ୍ଟୁଛନ୍ତି। ହେଲେ କରଦାତାଙ୍କ ପଇସାରେ ନେତା ମାନେ ମାଗଣା ଲାଭ ଉଠାଉଛନ୍ତି। ହେଲେ ସାଧାରଣ ଲୋକ କାହିଁକି ପାଇବେ ନାହିଁ ବୋଲି କେଜ୍ରିୱାଲ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଯେଉଁମାନେ ଏହି ସହାୟତାକୁ ଆବଶ୍ୟକ ଅନୁଭବ କରିବେ ନାହିଁ ସେମାନଙ୍କୁ ବାଦ ଦିଆଯିବ। ସେ କହିଛନ୍ତି ଯେ ଯଦି ତାଙ୍କ ଦଳ ଗୋଆରେ ସରକାର ଗଠନ କରେ ତେବେ ଗୃହ ଆଧାର ଯୋଜନା ଅନୁଯାୟୀ ମହିଳାମାନଙ୍କୁ ପ୍ରତି ମାସରେ ଅଢେଇ ହଜାର ଟଙ୍କା ଦିଆଯିବ। ଏହା ବ୍ୟତୀତ ସେ ମାଗଣା ବିଦ୍ୟୁତ୍ ଏବଂ ପାଣିର ପ୍ରତିଶୃତି ମଧ ଦେଇଛନ୍ତି। ସେ କହିଛନ୍ତି ଯେ ଗୋଆର ରାଜନୀତିକୁ ବଞ୍ଚାଇବାକୁ ହେଲେ ଗୋଆକୁ ଖରାପ ନେତାଙ୍କଠାରୁ ରକ୍ଷା କରିବାକୁ ପଡିବ। ଏହା ପୂର୍ବରୁ ପଞ୍ଜାବରେ ମଧ କେଜ୍ରିୱାଲ କହିଥିଲେ ଯେ ଯଦି ତାଙ୍କ ଦଳ ଆପ୍ ୨୦୨୨ ବିଧାନସଭା ନିର୍ବାଚନରେ କ୍ଷମତାକୁ ଆସେ ତେବେ ପଞ୍ଜାବର ସମସ୍ତ ମହିଳାଙ୍କ ଆକାଉଣ୍ଟକୁ ମାସିକ ୧ହଜାର ଟଙ୍କା ସ୍ଥାନାନ୍ତର କରାଯିବ। ସେହିପରି ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବୟସ୍କ ମହିଳାମାନଙ୍କୁ ପ୍ରତି ମାସରେ ୧ ହଜାର ଟଙ୍କା ଲେଖାଁଏ ଅତିରିକ୍ତ ଭାବେ ଦିଆଯିବ ।

### 'ଜୱାଦ'ପ୍ରଭାବରେ ଉତ୍ତର....

ଖେଳୁଥିବା ଲକ୍ଷ୍ୟ କରାଯାଇଛି। ବର୍ଷସାରା ହାଡ଼ଭଙ୍ଗା ପରିଶ୍ରମ ସହ ଚାଷୀ କରିଥିବା ଧାନଚାଷ ଡିସେମ୍ବର ମାସରେ ଅମଳ ଆରମ୍ଭ କରିଥିଲା। ତେବେ ବାତ୍ୟାର ପୂର୍ବାନୁମାନକୁ ଲକ୍ଷ୍ୟ କରି ବାଲେଶ୍ୱରର ଚାଷୀମାନେ ଯୁଦ୍ଧକାଳୀନ ଭିତ୍ତିରେ ଅମଳ ପାଇଁ ଚେଷ୍ଟା କରିଥିଲେ। ମାତ୍ର ଧାନକଟିବା ଓ ବୋହିବା ଆଦି କାର୍ଯ୍ୟ ଦୈନିକ ୫ଶହ ଟଙ୍କା ମଜୁରୀରେ ବି ଶ୍ରମିକ ମିଳୁ ନଥିବା ଯୋଗୁଁ ସ୍ୱଳ୍ପ ସମୟରେ ଅମଳ କରିବା କଷ୍ଟକର ହୋଇଥିବା ଚାଷୀମାନେ କହିଛନ୍ତି। ବର୍ଷା ପାଣିରେ ବିଲରେ ଧାନଗଛ ପଟା ଦେଲା ଭଳି ପଡ଼ି ଯାଇଥିବା ବେଳେ ଗଛରେ ଥାଇ ଗଜା ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ଚାଷୀ। ବାଲେଶ୍ୱର ଜିଲାରେ ଚଳିତ ବର୍ଷ ଧାନ ଚାଷ ହୋଇଥିବା ମୋଟ ୧,୯୮, ୭୦୦ ହେକ୍ଟର ଜମିରୁ ଅଦ୍ୟାବଧି ମାତ୍ର ୩୮ ପ୍ରତିଶତ ଅମଳ ହୋଇଥିବା ବେଳେ ୬୨ ପ୍ରତିଶତ ଏବେ ବିଲରେ ରହିଛି ବୋଲି ଜିଲା ବିଭାଗ ପକ୍ଷରୁ ଜଣାପଡ଼ିଛି। କେବଳ ଧାନ ନୁହେଁ ସେହିଭଳି ପନିପରିବା, ବିରି ମୁଗ ଓ ରାଶି ପ୍ରଭୃତି ଚାଷ ନଷ୍ଟ ହୋଇଯିବ ବୋଲି ଚାଷୀମାନେ କହିଛନ୍ତି।

### ୧୦୦ କୋଟି ଟଙ୍କା ବଟି ଅଦାୟ....

ଅଫିସରଙ୍କୁ ମାସକୁ ୧୦୦ କୋଟି ଟଙ୍କା ବଟି ଅଦାୟ ନେଇ ସିବିଆଇ ପକ୍ଷରୁ ଅନିଲଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିଲା। ଏହା ପରେ ଇଡି ପକ୍ଷରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହା ପୂର୍ବରୁ ସମାନ ମାମଲାରେ ଅନିଲଙ୍କ ପିଏ ଏବଂ ପିଏସଙ୍କୁ ଗିରଫ କରିଥିଲା ଇଡି। ଏ ବାବଦରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ ପରମବୀର ସିଂ ଚିଠି ଲେଖି ଅନିଲ ଦେଶମୁଖଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଚିଠିରେ ଦେଶମୁଖ ସଚିନ ଭାଜେ ଓ ମୁମ୍ବାଇର କିଛି ପୁଲିସ ଅଧିକାରୀଙ୍କୁ ମାସକୁ ୧୦୦ କୋଟି ଟଙ୍କା ବଟି ମାଗୁଥିବା ଉଲ୍ଲେଖ କରିଥିଲେ।

# ଭାରତର ଭବିଷ୍ୟତର ଅର୍ଥନୀତି ନିମନ୍ତେ ତଟୀୟ ଓ ସାମୁଦ୍ରିକ ଉତ୍ସରୁ ଉତ୍ତୋଳିତ ସାମୁଦ୍ରିକ ଖଣିଜ ସମ୍ପଦ ପ୍ରମୁଖ ଭୂମିକା ଗ୍ରହଣ କରିବ : କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ

ଭୁବନେଶ୍ୱର,୦୫/୧୨(ନି.ପ୍ର): କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି (ସ୍ୱାଧୀନ ଦାୟିତ୍ୱ) ରାଷ୍ଟ୍ରମନ୍ତ୍ରୀ; ଭୂବିଜ୍ଞାନ (ସ୍ୱାଧୀନ ଦାୟିତ୍ୱ) ରାଷ୍ଟ୍ରମନ୍ତ୍ରୀ; ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, କାର୍ମିକ, ଜନ ଅଭିଯୋଗ, ପେନସନ, ଆଣବିକ ଶକ୍ତି ଓ ମହାକାଶ ବିଭାଗ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି କହିଛନ୍ତି ଯେ ଭାରତର ଭବିଷ୍ୟତର ଅର୍ଥନୀତି ନିମନ୍ତେ ତଟୀୟ ଓ ସାମୁଦ୍ରିକ ଉତ୍ସରୁ ଉତ୍ତୋଳିତ ସାମୁଦ୍ରିକ ଖଣିଜ ସମ୍ପଦ ପ୍ରମୁଖ ଭୂମିକା ଗ୍ରହଣ କରିବ। ମନ୍ତ୍ରୀ ଡକ୍ଟର ସିଂହ କହିଲେ ଯେ ଏହା ବ୍ୟତୀତ ନିକେଲ ଏବଂ କୋବାଲ୍ଟ ଭଳି ଧାତବ ଦ୍ରବ୍ୟ ଅକ୍ଷୟ ଶକ୍ତି ଉତ୍ପାଦନ ପ୍ରଯୁକ୍ତି କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଯାହାକି ଜଳବାୟୁ ପରିବର୍ତ୍ତନ ଭଳି ଚାଲେଞ୍ଜ ବିରୁଦ୍ଧରେ ମୁକାବିଲା ନିମନ୍ତେ ଏକାନ୍ତ ଜରୁରି। ଭୁବନେଶ୍ୱରଠାରେ ସିଏସଆଇଆର- ଆଇଏମଏମଟି (ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମାଟେରିଆଲ୍ସ ଟେକ୍ନୋଲୋଜି) ଠାରେ ଏକ ନୂତନ ସୌଧ ବ୍ୟବସ୍ଥାର ଉଦ୍ଘାଟନ ପରିବା ଅବସରରେ ବୈଜ୍ଞାନିକ ଓ ଛାତ୍ରଛାତ୍ରୀମାନଙ୍କୁ କହିଲେ ଯେ ଆଇଏମଏମଟି ଧାତବଦ୍ରବ୍ୟ ଏବଂ ବସ୍ତୁବିଜ୍ଞାନ ପ୍ରଯୁକ୍ତି କ୍ଷେତ୍ରରେ ଦେଶର ଗବେଷଣା ଓ ବିକାଶ କ୍ଷେତ୍ରର ଏକ ଅଗ୍ରଣୀ ବିଜ୍ଞାନାଗାର ଯାହାକି ସିଏସଆଇଆର ଅଧୀନରେ କାର୍ଯ୍ୟ କରିଆସୁଛି ଏବଂ ଶିଳ୍ପସଂସ୍ଥାମାନଙ୍କର ପୋଷଣୀୟ ବିକାଶ ଦିଗରେ ସେମାନଙ୍କର ସକଳ ପ୍ରକାର ସମସ୍ୟାର ସମାଧାନ କରିଚାଲିଛି। ଡକ୍ଟର ଜିତେନ୍ଦ୍ର ସିଂହ କହିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସାମୁଦ୍ରିକ ବିଜ୍ଞାନ ଗବେଷଣା କ୍ଷେତ୍ରରେ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ରରେ ପରିଣତ ହୋଇଛଇ ଏବଂ ଏବେ ମହାସାଗର ଶଯ୍ୟାରୁ ସମ୍ପଦ ଅନୁସନ୍ଧାନ କାର୍ଯ୍ୟରେ ସକ୍ରିୟ ଭାବେ ନିୟୋଜିତ ରହିଛି ଯାହାକି ଦେଶର ଭବିଷ୍ୟତର ଶକ୍ତି ଏବଂ ଧାତବ ଚାହିଦାକୁ ପୂରଣ କରିପାରିବ। ସେ କହିଲେ ଯେ ମୋଦୀ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଗଭୀର ସମୁଦ୍ର ଅଭିଯାନ' ବିଭିନ୍ନ ପ୍ରକାର ନୂତନ ସମ୍ପଦରେ ଦେଶକୁ ସମୃଦ୍ଧ କରିବ ଏବଂ "ନୀଳ ଅର୍ଥନୀତି"କୁ ମଧ ସହାୟକ ହେବ। ଡକ୍ଟର ଜିତେନ୍ଦ୍ର ସିଂହ କହିଲେ ଯେ ଆଇଆଇଏମଟି ଏବଂ ଚେନ୍ନାଇର ଏନଆଇଓଟି (ଜାତୀୟ ସାମୁଦ୍ରିକ ପ୍ରଯୁକ୍ତି ପ୍ରତିଷ୍ଠାନ) ମଧ୍ୟରେ ନିବିଡ଼ ସମନ୍ୱୟ ଏବଂ ସହଯୋଗ ମାଧ୍ୟମରେ ଏବେ ବିଭିନ୍ନ ପ୍ରକାର ପଦକ୍ଷେପମାନ ଗ୍ରହଣ କରାଯାଉଛି ଯାହାକି ଭାରତର ନୀଳ ଅର୍ଥନୀତିକୁ ତ୍ୱରିତ ବିକଶିତ କରିବା ଏବଂ ସାମୁଦ୍ରିକ ସମ୍ପଦର ଉତ୍ତୋଳନ ଦିଗରେ ସହାୟକ ହୋଇପାରିବ। ସେ କହିଲେ ଯେ କେତେକ ସ୍ଥାନରେ ଗଭୀର ସମୁଦ୍ରରେ ଖଣିତ ସମ୍ପଦର ଅନୁସନ୍ଧାନ ଓ ଉତ୍ତୋଳନ ନିମନ୍ତେ ଉପଯୁକ୍ତ ପ୍ରଯୁକ୍ତିର ବିକାଶ ଏବଂ ଏହାର ସଫଳ ପ୍ରୟୋଗ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି ।ସେହିଭଳି ଗ୍ୟାସ ହାଇଡ୍ରେଟ୍ ସମ୍ପଦ ଉତ୍ତୋଳନ ପାଇଁ ମଧ ପ୍ରୟାସ ଜାରି ରହିଛି। ସ୍ମରଣଯୋଗ୍ୟ ଯେ ଚଳିତ ବର୍ଷ ଅକ୍ଟୋବର ମାସରେ ମନ୍ତ୍ରୀ ଡକ୍ଟର ସିଂହ ଭାରତର ପ୍ରଥମ ମାନମଯୁକ୍ତ ସମୁଦ୍ର ଅଭିଯାନ 'ସମୁଦ୍ରାୟନ'ର ଶୁଭାରମ୍ଭ ଚେନ୍ନାଇଠାରେ କରିଥିଲେ ଯାହାକି ଗଭୀର ସମୁଦ୍ର ତଳେ ପଲିମେଟାଲିକ୍ ମାଙ୍ଗାନିଜ୍ ନୋଡୁଲ, ଗ୍ୟାସ୍ ହାଇଡ୍ରେଟ୍, ହାଇଡ୍ରୋ- ଥର୍ମାଲ ସଲଫାଇଡ୍ ଏବଂ କୋବାଲ୍ଟ କ୍ରଷ୍ଟ ଭଳି ନିର୍ଜୀବ ସମ୍ପଦର ଅନୁସନ୍ଧାନ ପାଇଁ ଉଦ୍ଦିଷ୍ଟ। ଏହିସବୁ ସମ୍ପଦ ୧୦୦୦ରୁ ୫୫୦୦ ମିଟର ଗଭୀର ସମୁଦ୍ର ଶଯ୍ୟାରେ ଗଚ୍ଛିତ ରହିଛି। ଡକ୍ଟର ଜିତେନ୍ଦ୍ର ସିଂହ କହିଲେ ଯେ ଗତ ସାତବର୍ଷ ମଧ୍ୟରେ, ସିଏସଆଇଆର- ଆଇଏମଏମଟିର ଗବେଷଣା ଓ ବିକାଶ କାର୍ଯ୍ୟରେ ଭାରତୀୟ ଶିଳ୍ପସଂସ୍ଥାମାନେ କିଭଳି ବୈଶ୍ୱିକ ଚାଲେଞ୍ଜର ସମ୍ମୁଖୀନ ହୋଇପାରିବେ ସେଥି ନିମନ୍ତେ ସେମାନଙ୍କୁ ସଶକ୍ତ କରିବା ନିମନ୍ତେ ଅଧିକ ଗୁରୁତ୍ୱ ଆରୋପ କରାଯାଇଆସୁଛି । ସେମାନଙ୍କୁ ଅତ୍ୟାଧୁନିକ ତଥା ଜିରୋ ବର୍ଜ୍ୟଯୁକ୍ତ ପ୍ରଯୁକ୍ତି ସାଧନ ଓ ପରାମର୍ଶ ସେମା ଯୋଗାଇ ଦିଆଯାଉଛି ଯଦ୍ୱାରା ସେମାନେ ସରକାରୀ- ଘରୋଇ ସହଭାଗୀତା (ପିପିପି) ପଦକ୍ଷେପ ମାଧ୍ୟମରେ ପ୍ରାକୃତିକ ସମ୍ପଦର ବ୍ୟାବସାୟିକ ଉତ୍ତୋଳନ କରିବାକୁ ସକ୍ଷମ ହୋଇପାରିବେ। ସେ କହିଲେ ଯେ ଏଭଳି କାର୍ଯ୍ୟ ଏବଂ ପ୍ରଯୁକ୍ତିଗତ ପ୍ରୟାସ ଯାହାକି ସିଏସଆଇଆର- ଆଇଏମଏମଟି ଦ୍ୱାରା ଶିଳ୍ପସଂସ୍ଥାମାନଙ୍କୁ ଯୋଗାଇ ଦିଆଯାଉଛି ତାହା ଅନେକ ଧାତବ ପଦାର୍ଥ ଏବଂ ସେଥିରୁ ଆହରଣ କରାଯାଉଥିବା ମିଶ୍ରଧାତୁ ଆଧାରିତ ଶିଳ୍ପସଂସ୍ଥାମାନଙ୍କ ପାଇଁ ପ୍ରଥମ ପସନ୍ଦ ହୋଇଛି।




## ମହାବୀର ଫାଉଣ୍ଡେସନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ



ନୀଳଗିରି, ୦୫/୧୨ (ନି.ପ୍ର): ପ୍ରବଳ ବର୍ଷା ସ୍ୱତ୍ୟ ଆଜି ମହାବୀର ଫାଉଣ୍ଡେସନ ତରଫରୁ ପ୍ରତିଷ୍ଠାତା ମଣ୍ଟୁ ବାରିକଙ୍କ ନେତୃତ୍ୱରେ ନୀଳଗିରି ଏନଏସି ସ୍ଥିତ ୮ନଂ ୱାର୍ଡର ଗୋଡ଼ିଖାଣିଆ ରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି. ବାତ୍ୟା ଜୱାଦ ଯୋଗୁ ଦୁଇଦିନ ହେବ ପ୍ରବଳ ବର୍ଷା ପାଇଁ ଲୋକ ମାନଂକର ଜୀବନ ଜୀବିକା ବନ୍ଦ ହେଇଯାଇଛି। ଅସହାୟ ଲୋକଙ୍କ ମୁହଁରେ ଟୀକେ ହସ ଫୁଟେଇବା ପାଇଁ ମହାବୀର ଫାଉଣ୍ଡେସନ ର ନିସ୍ୱାର୍ଥପର ସେବା ଯୋଗେଇ ଆସିଛି। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଗଙ୍ଗାଧର ବାରିକ, ପ୍ରତିଷ୍ଠାତା ବିଦ୍ୟାଧର ବାରିକ, ସଭାପତି ବିଶ୍ୱସୁନ୍ଦର ବାରିକ, ସମ୍ପାଦକ ସରୋଜ କୁମାର ବାରିକ, ସୁଦର୍ଶନ ପାତ୍ର, ଶୁଭକାନ୍ତ ଘଡେଇ, ନାରାୟଣ ନାୟକ, ମାନସ କୁମାର ରାଉତ, ପ୍ରଦୀପ କୁମାର ମଲ୍ଲିକ, ସୁମନ୍ତ ମଲ୍ଲିକ, ବିଶ୍ୱଜିତ ମଲ୍ଲିକ, ପ୍ରମୋଜ୍ୟୋତି ବେହେରା, ରମେଶ ଚନ୍ଦ୍ର ଦାସ, ଶକ୍ତି ସୌରଭ ବାରିକ, ଜ୍ୟୋତିପ୍ରକାଶ ବାରିକ ସହଯୋଗ କରିଥିଲେ ।

## ଝାରସୁଗୁଡ଼ାରେ ପ୍ରତିଷ୍ଠା ହେବ ଇଏସଆଇସିର ଉପ ଆଂଚଳିକ କାର୍ଯ୍ୟାଳୟ

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ଝାରସୁଗୁଡ଼ା ଠାରେ ପ୍ରତିଷ୍ଠା ହେବ ଇଏସଆଇସିର ଉପ ଆଂଚଳିକ କାର୍ଯ୍ୟାଳୟ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠିର ଅନୁରୋଧ ରଖିଛନ୍ତି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଭୂପେନ୍ଦର ଯାଦବ। ଚିଠି ଲେଖିବାର ମାତ୍ର ୨ ମାସ ମଧ୍ୟରେ ତ୍ୱରିତ ପଦକ୍ଷେପ ନିଆଯାଇଛି। କେନ୍ଦ୍ର ଶ୍ରମ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ଇଏସଆଇସିର ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତିକୁ ଅନୁମୋଦନ ଦିଆଯାଇଛି । ସେହିଭଳି ଯାଜପୁର ଜିଲ୍ଲାର ଡୁବୁରୀରେ ୧୦୦ ଶଯ୍ୟା ବିଶିଷ୍ଟ ଇଏସଆଇ ଡାକ୍ତରଖାନା ମଧ୍ୟ ନିର୍ମାଣ କରାଯିବା ନେଇ ବିଭାଗୀୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ଗତ ସେପ୍ଟେମ୍ବର ୨୯ ତାରିଖରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କୁ ପତ୍ର ଲେଖି ଭୁବନେଶ୍ୱର ଇଏସଆଇସିର ଆଂଚଳିକ କାର୍ଯ୍ୟାଳୟ ଅଧୀନରେ ଝାରସୁଗୁଡ଼ା ଠାରେ ଇଆସଆଇସିର ଉପ ଆଂଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରିଥିଲେ । ଇଏସଆଇସିର ହିତାଧିକାରୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଥିଲେ କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପତ୍ରରେ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଥିବା ସମସ୍ୟାକୁ ଦର୍ଶାଇବା ସହ ଉଲ୍ଲେଖ କରିଥିଲେ ଯେ ଭୁବନେଶ୍ୱରରେ ଥିବା ଇଏସଆଇସିର ଆଂଚଳିକ କାର୍ଯ୍ୟାଳୟ ରାଜ୍ୟର ପୂର୍ବାଂଚଳରେ ଅବସ୍ଥାପିତ ଅଛି। ଏହି କାରଣରୁ ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା କର୍ମଚାରୀ ଏବଂ ହିତାଧିକାରୀଙ୍କୁ ଏହି କାର୍ଯ୍ୟାଳୟକୁ ଯିବା ପାଇଁ ଦୂରଦୂରାନ୍ତରରୁ ଯାତ୍ରା କରିବାକୁ ପଡୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ାରେ ଇଏସଆଇସିର ଉପ ଆଂଚଳିକ କାର୍ଯ୍ୟାଳୟ କରାଗଲେ ସ୍ଥାନୀୟ ଲୋକମାନେ ଉପକୃତ ହୋଇପାରିବେ। ଓଡ଼ିଶାରେ ଥିବା ୩୦ଟି ଜିଲ୍ଲା ମଧ୍ୟରୁ ଭୁବନେଶ୍ୱରରେ ଥିବା ଆଂଚଳିକ କାର୍ଯ୍ୟାଳୟ ୧୭ଟି ଜିଲ୍ଲା ନିକଟବର୍ତୀ ରହିଛି ଏବଂ ସହଜରେ ଲୋକ ଏଠାକୁ ଆସିପାରୁଛନ୍ତି । ଝାରସୁଗୁଡ଼ାରେ ପ୍ରସ୍ତାବିତ ଉପ ଆଂଚଳିକ କାର୍ଯ୍ୟାଳୟ କରାଗଲେ ୧୩ଟି ଜିଲ୍ଲା ମଧ୍ୟ ଏହାର ନିକଟବର୍ତୀ ହେବ।

## ଆନନ୍ଦମାର୍ଗ ବିଦ୍ୟାଳୟର ନବନିର୍ମିତ ଛାତ୍ରବାସ ଉଦ୍‌ଘାଟିତ




ବାଲେଶ୍ୱର,୦୫/୧୨ (ନି.ପ୍ର): ଭୁବନେଶ୍ୱରର ମାନ ଗୋବିନ୍ଦ ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସହାୟତାରେ ନିର୍ମିତ ଆକିନିଆଁ ଆନନ୍ଦମାର୍ଗ ସ୍କୁଲର ଶହେ ଜଣ କ୍ଷମତା ବିଶିଷ୍ଟ ଛାତ୍ରବାସ ରବିବାର ଉଦଘାଟିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜଳସେଚନ ବିଭାଗର ଚଣ୍ଡିଖୋଲ ଶାଖା ନିର୍ବାହୀ ଯନ୍ତ୍ରୀ ଇଂ ନବ କୁମାର ମହାଲିକ ସଭାପତିତ୍ୱ କରିଥିଲେ। ଆନନ୍ଦମାର୍ଗ ପ୍ରଚାରକ ସଙ୍ଘ କୋଲକାତା ଶାଖା ସାଧାରଣ ସମ୍ପାଦକ ଆଚାର୍ଯ୍ୟ ଭବେଶାନନ୍ଦ ଅବଧୂତ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ହଷ୍ଟେଲକୁ ଉଦଘାଟନ କରିଥିଲେ। ଶିକ୍ଷାଗ୍ରହଣ ପ୍ରତ୍ୟେକ ଶିଶୁଙ୍କ ପାଇଁ ଅଧିକାର ହୋଇଥିବା ବେଳେ ଏଥିରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି, ଏହି ଆଦର୍ଶ ନେଇ ମାନଗୋବିନ୍ଦ ମହାନ୍ତି ଚେରିଟେବୁଲ ଟ୍ରଷ୍ଟର ସହଯୋଗ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛି ବୋଲି ସେ କହିଥିଲେ। ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା, ସନ୍ତରାଗଡ଼ିଆ ବାବା ପଞ୍ଚୁଲିଙ୍ଗେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଆନନ୍ଦ ମାର୍ଗ ବାଲେଶ୍ୱର ଶାଖା ମହିଳା ବିଭାଗ ସମ୍ପାଦିକା ବ୍ରହ୍ମଚାରିଣୀ ସୁଚେତା ଆଚାର୍ଯ୍ୟା, ହିନ୍ଦୁସ୍ଥାନ ଆରୋନେଟିକ ଲିମିଟେଡ'ହାଲ'ର କୋଲକାତା ଶାଖାର ବରିଷ୍ଠ ଅଧିକାରୀ ଇଂ ଦୈତାରୀ ସେଠୀ, ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତ ପ୍ରମୁଖ ଏହି ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନଗୋବିନ୍ଦ ମହାନ୍ତି ଚେରିଟେବୁଲ ଟ୍ରଷ୍ଟର ମହାନତାକୁ ଭୂୟସୀ ପ୍ରଶଂସା କରିଥିଲେ। ସେହି ଟ୍ରଷ୍ଟର ଦାନ ଉଚିତ ଅନୁଷ୍ଠାନକୁ ପ୍ରଦାନ କରାଯାଇଥିବା ବେଳେ ଏହା ଦ୍ୱାରା ବହୁ ଗରିବ ପିଲା ଆଦର୍ଶ ଶିକ୍ଷା ପାଇପାରିବେ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଆନନ୍ଦମାର୍ଗ ଜିଲା ମୁଖ୍ୟ ତଥା ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସମାଜସେବୀ ଡ. ଭାସ୍କର ଚନ୍ଦ୍ର ଜେନା ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆନନ୍ଦମାର୍ଗ ଶିଶୁ ସଦନ ତତ୍ତ୍ୱାବଧାରିକା ହରିପ୍ରିୟା ଜେନା ଓ ଆନନ୍ଦମାର୍ଗ ଜିଲା ସମ୍ପାଦିକା ତରୁଲତା ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଦ୍ୟାଳୟର ଶିକ୍ଷାଦାନ ଧାରା ସମ୍ପର୍କରେ ସୂଚନା ଦେଇଥିଲେ।

## ମଥାନୀରେ ତାଲା ଭାଙ୍ଗି ଘର ଲୁଟ

ବସ୍ତା,୦୫/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ମଥାନୀ ଛକ ଅନତି ଦୁରରେ ଥିବା ରଣଜିତ ଧଳଙ୍କ ଘରେ ଶନିବାର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ଆସବାସ ପତ୍ର ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଶ୍ରୀ ଧଳ ପତ୍ନୀଙ୍କ ଦେହ ଅସୁସ୍ଥ ଥିବାରୁ ପରିବାର ସହ ଚିକିତ୍ସା ପାଇଁ କଟକ ଯାଇଥିଲେ । କଟକ ରୁ ଫେରି ସନ୍ଧ୍ୟାରେ ନିଜ ଶଶୁର ଘର ପାଇକସାହୀ କୁ ଯାଇଥିଲେ। ଘରେ କେହି ନଥିବା ର ସୁଯୋଗ ନେଇ ଘର ପଛପଟେ ଦେଇ କବାଟ ଭାଙ୍ଗି ଘରେ ଥିବା ସମସ୍ତ ସୁନା ଗହଣା ସହ ନଗଦ ୧୦ ହଜାର ଟଙ୍କା ସହ ଏକ ଏଲଇଡି ଟିଭି ଲୁଟି ନେଇଛନ୍ତି ଦୁର୍ବୃତ । ଏନେଇ ପରିବାର ପକ୍ଷରୁ ବସ୍ତା ଥାନା ରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ପାଇ ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

## ଭଦ୍ରକରେ ପହଞ୍ଚିଲା ଶିଶୁ ଅଧିକାର ଅଭିଯାନ ରଥ

ଭଦ୍ରକ, ୦୫/୧୨ (ନି.ପ୍ର): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପ୍ରତିଷ୍ଠା ଦିବସ ନଭେମ୍ବର ୧ ତାରିଖ ଠାରୁ ମାନବାଧିକାର ଦିବସ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିଥିବା ୪୦ ଦିନିଆ ଶିଶୁ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଆଧାରରେ ରାଜ୍ୟର ସମସ୍ତ ଜିଲ୍ଲା ପରିକ୍ରମା କରୁଥିବା ଶିଶୁ ଅଧିକାର ଅଭିଯାନ ରଥ ଆଜି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ଏହି ଉପଲକ୍ଷେ ସୁନ୍ଦର ରଙ୍ଗୋଲି, ଶିଶୁ ଅଧିକାର ସୁରକ୍ଷା ନେଇ ବିଭିନ୍ନ ପ୍ଲାକାର୍ଡ, ବ୍ୟାନର ଆଦି ପ୍ରଦର୍ଶନ କାର୍ଯ୍ୟକ୍ରମ ନେଇ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ସବଜୁ ପତାକା ହଲାଇ ଜିଲ୍ଲାରେ ଏହି ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର କର ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟକେତନ ସାହୁ ଶିଶୁ ଅଧିକାର ଓ ରଥ ପରିକ୍ରମାର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଭଦ୍ରକ ସି.ଡି.ପି.ଓ. ସୁନନ୍ଦା ଦାସ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୱାନ୍ ଷ୍ଟପ୍ ସେଣ୍ଟର, ଚାଇଲଡ ଲାଇନ୍‌ର କର୍ମକର୍ତ୍ତା ସହ ଶିଶୁ ସୁରକ୍ଷା ବିଭାଗର କର୍ମଚାରୀ, ସଚେତନତା ରଥ ସହ ଭୁବନେଶ୍ୱରରୁ ଆସିଥିବା କର୍ମକର୍ତ୍ତା ମଧ୍ୟ ଏଠାରେ ଉପସ୍ଥିତ ରହି ଆନୁଷଙ୍ଗିକ ସହଯୋଗ କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏହି ରଥ ଭଦ୍ରକ, ଧାମନଗର ଓ ଭଣ୍ଡାରିପୋଖରୀ ପରିକ୍ରମା କରି ଯାଜପୁର ଜିଲ୍ଲାକୁ ଗସ୍ତ କରିବ। ଏହି ଉପଲକ୍ଷେ ରଥ ପରିକ୍ରମା ପଥରେ ଭଦ୍ରକର ଲାଙ୍ଗୁଡ଼ି, ଧାମନଗରର ସରେଇ, ଚୂଡ଼ାକୁଟୀ ଏବଂ ହବିବ୍ ନଗର, ଭଣ୍ଡାରିପୋଖରୀର ଉତ୍ତରବାଡ଼ ଏବଂ ରଣଜିତ ଠାରେ ରଥକୁ ସ୍ୱାଗତ କରାଯିବା ସହ ସଚେତନତା ଉଦ୍ଦେଶ୍ୟରେ ସିମୀତ ସମୟର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶେଷକରି ବାଲ୍ୟବିବାହକୁ 'ନା' ଏବଂ ଶିଶୁ ଅଧିକାର, ବଞ୍ଚିବାର ଅଧିକାର, ସୁରକ୍ଷାର ଅଧିକାର, ବିକାଶର ଅଧିକାର, ଅଂଶଗ୍ରହଣର ଅଧିକାର ବିଷୟରେ ସଚେତନତାର ବାର୍ତ୍ତା ପ୍ରଚାର କରାଯାଇଥିଲା। ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟ, ଅଙ୍ଗନୱାଡ଼ି କର୍ମୀ, ଚାଇଲଡ ଲାଇନ୍ ସଦସ୍ୟ ଓ ଆଞ୍ଚଳିକ ବାସିନ୍ଦା ଓ ଶିଶୁ ଏହି ପଥପ୍ରାନ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ବାତ୍ୟାଜନିତ ବର୍ଷା ଯୋଗୁଁ ପ୍ରତିକୂଳ ପାଗ ସତ୍ତ୍ୱେ ଶ୍ରୀଯୁକ୍ତ ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ରାଜ୍ୟରେ ଏପର୍ଯ୍ୟନ୍ତ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ନିୟମିତ ଭାବେ ବାହାର ରାଷ୍ଟ୍ରରୁ ଆସୁଥିବା ଲୋକଙ୍କ ତର୍ଜମା କରାଯାଉଛି । କେତେ ଲୋକ ରାଜ୍ୟକୁ ଆସୁଛନ୍ତି, ସେନେଇ ଜିଲ୍ଲାମାନଙ୍କୁ ସୂଚନା ଦିଆଯାଇଛି । ସଂକ୍ରମିତଙ୍କୁ ଚିହ୍ନଟ କରି ସଂଗରୋଧରେ ରଖିବାକୁ ଜିଲ୍ଲାପାଳଙ୍କୁ କୁହାଯାଇଛି । କ୍ୱାରେଂଟାଇନ୍‌ରେ ୭ ଦିନ ରହିବା ପରେ ସେମାନଙ୍କର ଟେଷ୍ଟିଂ କରାଯିବ । ଯଦି ପଜିଟିଭ ବାହାରିଲେ, ଜିନୋମ ସିକ୍ୱେନ୍ସିଂ ମଧ୍ୟ କରାଯିବ । ଏହି ପ୍ରକ୍ରିୟା ରାଜ୍ୟରେ ଆରମ୍ଭ ହୋଇସାରିଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର । ଏପର୍ଯ୍ୟନ୍ତ ଆମ ରାଜ୍ୟରେ କୌଣସି ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ଯେହେତୁ ଅନ୍ୟ ରାଜ୍ୟରେ ଓମିକ୍ରନ ଥିବା ଜଣାପଡିଛି, ଆମକୁ ସତର୍କ ରହିବାକୁ ପଡ଼ିବ। ଯେଉଁମାନେ ଅନ୍ୟ ରାଷ୍ଟ୍ରରୁ ଆସୁଛନ୍ତି ଓ ଗାଁ ଗଣ୍ଡାରେ ପହଂଚିଛନ୍ତି । ସେଠାକାର ସ୍ଥାନୀୟ ଲୋକମାନେ ସେମାନଙ୍କ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନକୁ ଜଣାନ୍ତୁ । ସେମାନେ ଅତିକମରେ ୭ ଦିନ ସଂଗରୋଧ ଓ ଆଉ ୭ ଦିନ ନିଜସ୍ୱ ଅବଜରଭେସନରେ ରୁହନ୍ତୁ ।

## ତିନି ଦିନଆ ପୁରୀ ଗ୍ରସ୍ତରେ ରାଜ୍ୟପାଳ

ପୁରୀ,୦୫/୧୨ (ନି.ପ୍ର): ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ତିନିଦିନିଆ ପୁରୀ ଗ୍ରସ୍ତରେ ଆସି ସ୍ଥାନୀୟ ରାଜଭବନରେ ଅବସ୍ଥାନ କରୁଛନ୍ତି। ରାଜ୍ୟପାଳ ପୁରୀରେ ପହଞ୍ଚିବା ପରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛଦେଇ ସ୍ୱାଗତ ଜଣାଇଥିଲେ। ରାଜ୍ୟପାଳ ପ୍ରଫେସର ଲାଲ୍ ରାଜଭବନରେ ପହଞ୍ଚିବା ପରେ ବାତ୍ୟା ଜୱାଦର ସ୍ଥିତି ସମ୍ପର୍କରେ ବରିଷ୍ଠ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ରାଜ୍ୟପାଳ ରାଜଭବନରେ ପହଞ୍ଚିବା ପରେ ରେଡ଼କ୍ରସ,ସ୍କାଉଟ୍ ଓ ଗାଇଡ୍ ଏବଂ ସେଣ୍ଟଜନ୍ସ ଆମ୍ବୁଲାନ୍ସର ସ୍ୱେଚ୍ଛାସେବୀମାନେ ସାକ୍ଷାତ କରିଥିଲେ। ଏହି ଅବସରରେ ବିଭିନ୍ନ ବିପର୍ଯ୍ୟୟ ସମୟରେ ସ୍ୱେଚ୍ଛାସେବୀ ମାନଙ୍କ ସେବାମୂଳକ କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଆସନ୍ତାକାଲି ରାଜ୍ୟପାଳ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜିଉମାନଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୭ ତାରିଖରେ ରାଜ୍ୟପାଳ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି।

## ଶ୍ରୀ ଜଗନ୍ନାଥ ସେବା ସଂସ୍ଥା ତରଫରୁ ମାନସିକ ଭିନ୍ନକ୍ଷମଙ୍କୁ ସେବା ପ୍ରଦାନ

ବାରିପଦା, ୦୫/୧୨ (ନି.ପ୍ର): ବାରିପଦା ମୂର୍ଗାବାଡି ଗୋଲେଇ ପାଖ ଜଳସେଚନ ବିଭାଜନ ଅଫିସ ନିକଟରେ ଜଣେ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ବହୁ ଦିନ ହେବ ଅବହେଳିତ ଅବସ୍ଥାରେ ପଡିରହିଥିଲେ । ଏହି ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି ନା ପ୍ରଶାସନ ନା ଜନସଧାରଣ କାହାରି ନଜର ପଡୁ ନଥିଲା । ତେବେ ଆଜି ସକାଳୁ କିଛି ସ୍ଥାନିୟ ବାସିନ୍ଦାଙ୍କ ନିକଟରୁ ଖବରପାଇ ଶ୍ରୀ ଜଗନ୍ନାଥ ସେବା ସଂସ୍ଥା ତରଫରୁ ରାଜ୍ୟ ସଭାପତି ପରିତୋଷ ଦାଶ ଙ୍କ ନେତୃତ୍ୱରେ ସଂସ୍ଥାର ଅନେକ ସଦସ୍ୟ ଓ ସଦସ୍ୟା ଏବଂ କିଛି ସ୍ଥାନୀୟ ଅଧିବାସୀ ଏହି ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ତାଙ୍କର ଚୁଟି, ଦାଢି କାଟି ଦେହକୁ ପରିଷ୍କାର କରିବା ସହିତ ତାର ଆଶୁ ଚିକିତ୍ସା କରାଯାଇଥିଲା । ଓ ତାଙ୍କୁ ନୂତନ ବସ୍ତ୍ର ଓ କମ୍ବଳ ଆଦି ପ୍ରଦାନ କରାଯାଇଥିଲା । ଏହି ସେବା କାର୍ଯ୍ୟରେ ଶ୍ରୀ ଜଗନ୍ନାଥ ସେବା ସଂସ୍ଥା ର ରାଜ୍ୟ ସଭାପତି ପରିତୋଷ ଦାଶ, ମୁଖପାତ୍ର ବାପୁ ପାତ୍ର, ନଗର ସଭାପତି ଲିଙ୍ଗରାଜ ମହାନ୍ତି, ସଦସ୍ୟ ସନୁ ଏବଂ କିଛି ସ୍ଥାନିୟ ଅଧିବାସୀ ଉପସ୍ଥିତ ଥିଲେ ।



## ଦିବ୍ୟାଙ୍ଗ ମାନଙ୍କ ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ବାରିପଦା, ୦୫/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଦିବ୍ୟାଙ୍ଗ ମାନେ ଏବେବି ଅବହେଳିତ ହୋଇ ରହିଛନ୍ତି । ସରକାର ଦିବ୍ୟାଙ୍ଗ ମାନଙ୍କ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ସେମାନଙ୍କ ଉନ୍ନତି ନିମନ୍ତେ କାଯ୍ୟ କରିବା ନିମନ୍ତେ ଆବଶ୍ୟକ ସଂଖ୍ୟକ ବ୍ଲକ ସ୍ତରୀୟ କର୍ମଚାରୀ ନାହାଁନ୍ତି । ଏବେବି ଜିଲ୍ଲାରେ ବହୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପଦ ଖାଲି ପଡିଛି । ଏଣୁ ସ୍ୱେଚ୍ଛାସେବୀ ସଙ୍ଗଠନ ଜାଗ ମୟୂରଭଞ୍ଜ ଜାଗ ତରଫରୁ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ଅବସରରେ ବିଭିନ୍ନ ଦାବୀ ନେଇ ଏକ ଦାବୀପତ୍ର ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରା ଯାଇଛି । ଦାବି ଗୁଡିକ ମଧ୍ୟରେ ଦିବ୍ୟାଙ୍ଗ ଭତା ୩୦୦୦ ପଯ୍ୟନ୍ତ ବୃଦ୍ଧି କରାଯିବା, ଖାଲିଥିବା ବ୍ଲକ ଗୁଡିକରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପଦ ତୁରନ୍ତ ପୂରଣ କରାଯିବା, ଜିଲ୍ଲାରେ ଥିବା ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଉନ୍ନତି ଓ ଦିବ୍ୟାଙ୍ଗ ଚିହ୍ନଟ ନିମନ୍ତେ ଆବଶ୍ୟକ ଡ଼ାକ୍ତରୀ ଉପକରଣ ଯୋଗେଇଦେବା, ଦିବ୍ୟାଙ୍ଗ ସାଟିଫିକେଟ ମିଳିବାର ମାସକ ଭିତରେ ଦିବ୍ୟାଙ୍ଗ ଭତା ପ୍ରଦାନ କରାଯିବା, ଦିବ୍ୟାଙ୍ଗ ମାନଙ୍କୁ ଯୋଗ୍ୟତା ଭିତିରେ ନିଯୁକ୍ତି ପ୍ରଦାନ କରାଯିବା, ଜିଲ୍ଲାରେ ଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର କରିବା ସହିତ ଦିବ୍ୟାଙ୍ଗ ମାନଙ୍କ ବସିବା ଓ ପାନୀୟଜଳ ବ୍ୟବସ୍ଥା କରାଯିବା, ଦିବ୍ୟାଙ୍ଗ ମାନଙ୍କ ବିବାହ ପ୍ରତ୍ସାହନ ରାଶି ୨୫୦୦୦୦ ରୁ ୪୦୦୦୦୦ କୁ ବୃଦ୍ଧି କରାଯିବା, ଦିବ୍ୟାଙ୍ଗ ମାନଙ୍କୁ ବାଣିଶ୍ରୀ ଭତା ପ୍ରଦାନ କରାଯିବା ଆଦି ଦାବୀ କରାଯାଇଛି । ଏହି ଦାବୀପତ୍ର ପ୍ରଦାନ ବେଳେ, ଦିବ୍ୟାଙ୍ଗ ମହାସଙ୍ଘର ସଭାପତି ତଥା ଜାଗ ମୟୂରଭଞ୍ଜ ଜାଗର ଅଧକ୍ଷ ଅରୁଣ କୁମାର ବେହେରାଙ୍କ ସହିତ ସୋନାଲି ପ୍ରିୟଦର୍ଶନୀ, ତପସ୍ୱୀନି ରଣା, ମମତାଜ ପର୍ବୀନ, ରିତାଞ୍ଜଳି ବେହେରା, ଉପସ୍ଥିତ ଥିଲେ ।

## ମହାବିର ଫାଉଣ୍ଡେସନ ପକ୍ଷରୁ ରନ୍ଧା ଖାଦ୍ୟ ବଂଟନ

ନୀଳଗିରି, ୦୫/୧୨ (ନି.ପ୍ର): ପ୍ରବଳ ବର୍ଷା ସତ୍ୱେ ଆଜି ମହାବୀର ଫାଉଣ୍ଡେସନ ତରଫଣୁ ପ୍ରତିଷ୍ଠାତା ମଂଟୁ ବାରିକଙ୍କ ନେତୃତ୍ୱରେ ନୀଳଗିରି ଏନ.ଏସି. ୮ନଂ. ୱାର୍ଡର ଗୋଡ଼ିଖାଣିଆ ରେ ରନ୍ଧା ଖାଦ୍ୟ ବଂଟନ କରାଯାଇଛି । ବାତ୍ୟା ଜୱାଦ ଯୋଗୁ ଦୁଇଦିନ ହେବ ପ୍ରବଳ ବର୍ଷା ପାଇଁ ଲୋକ ମାନଂକର ଜୀବନ ଜୀବିକା ବନ୍ଦ ହୋଇଯାଇଛି। ଅସହାୟ ଲୋକଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ମହାବୀର ଫାଉଣ୍ଡେସନର ନିସ୍ୱାର୍ଥପର ସେବା ଯୋଗେଇ ଆସିଛି । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଗଙ୍ଗାଧର ବାରିକ, ପ୍ରତିଷ୍ଠାତା ବିଦ୍ୟାଧର ବାରିକ, ସଭାପତି ବିଶ୍ୱସୁନ୍ଦର ବାରିକ, ସଂପାଦକ ସରୋଜ କୁମାର ବାରିକ, ସୁଦର୍ଶନ ପାତ୍ର, ଶୁଭକାନ୍ତ ଘଡ଼େଇ, ନାରାୟଣ ନାୟକ, ମାନସ କୁମାର ରାଉତ, ପ୍ରଦୀପ କୁମାର ମଲିକ, ସୁମନ୍ତ ମଲିକ, ବିଶ୍ୱଜିତ ମଲିକ, ପ୍ରେମଜ୍ୟୋତି ବେହେରା, ରମେଶ ଚନ୍ଦ୍ର ଦାସ, ଶକ୍ତି ସୌରଭ ବାରିକ, ଜ୍ୟୋତି ପ୍ରକାଶ ବାରିକ ସହଯୋଗ କରିଥିଲେ ।

## ଖୁବଶୀଘ୍ର ସିଦ୍ଧମହାବୀର ରେଲୱେ ଓଭରବ୍ରିଜ୍ ନିର୍ମାଣ

ପୁରୀ, ୦୫/୧୨ (ନି.ପ୍ର): ପୁରୀ ବହୁ ପ୍ରତିକ୍ଷିତ ମାଟିଆପଡ଼ା ସିଦ୍ଧମହାବୀର ରେଲୱେ ଓଭରବ୍ରିଜ୍ ନିର୍ମାଣ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଜମି ମାଲିକ ମାନଙ୍କୁ ନୋଟିସ୍ ଜାରି କାରାଯାଇଛି। କେନ୍ଦ୍ର ରାଜପଥ ଓ ପରିବହନ ମନ୍ତ୍ରୀ ନିତିନ୍ ଗଡ଼କରି ଏହି ରେଳ ଓଭର ବ୍ରିଜ୍ (ଆରଓବି) ନିମନ୍ତେ ୧୩୭.୬୧ କୋଟି ଟଙ୍କା ମଞ୍ଜୁର କରିଥିବା ଏପ୍ରିଲ ମାସରେ ଟୁଇଟ୍ କରିଥିଲେ । ଏଥିପାଇଁ ୨,୬୦୯ ଏକର ଜମି ଅଧିଗ୍ରହଣ କରାଯିବ । ୬୦ ଦିନ ମଧ୍ୟରେ ଜମି ମାଲିକଙ୍କୁ କ୍ଷତି ପୂରଣ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ହରାଉଥିବା ହିତାଧିକାରୀ ବ୍ୟାଙ୍କ ଖାତା, ପଟ୍ଟା ପାଉତି ଭୂଅର୍ଜନ ଅଧିକାରୀଙ୍କ ପାଖରେ ଦାଖଲ କରିବା ପାଇଁ କୁହାଯାଇଛି । କ୍ଷତିଗ୍ରସ୍ତ ଦୋକାନି ଓ ଜମି ମାଲିକଙ୍କ ବ୍ୟାଙ୍କ ଖାତାକୁ ଏହି କ୍ଷତିପୂରଣ ବାବଦ ଅର୍ଥ ପଠାଯିବ । ଏଥିପାଇଁ ଜାତୀୟ ରାଜପଥ ୧୧୦ କୋଟି ଟଙ୍କା ମଞ୍ଜୁର କରିଛି । ନୂଆ ଜମି ଗ୍ରହଣ ଆଇନ ଅନୁସାରେ କ୍ଷତି ପୂରଣ ଦିଆଯିବ ବୋଲି ଜିଲ୍ଲା ଭୂଅର୍ଜନ ଅଧିକାରୀ ପି.କେ. ଜେନା କହିଛନ୍ତି । ଏହି କ୍ଷତି ପୂରଣ ବାଲୁଖଣ୍ଡ ୧୦୯ ମୌଜାର ୧୨ଟି ପ୍ଲଟରେ ୩୬୩ ଡ଼ିସିମିଲି ଜମି, କୁମଟିପାଟଣା ମୌଜାର ୪୮ଟି ପ୍ଲଟର ୬୯୯ ଡ଼ିସିମିଲି, ମାଟିଆପଡ଼ା ମୌଜାର ୩୦ଟି ପ୍ଲଟର ୬୫୪ ଡ଼ିସିମିଲି, ସିଦ୍ଧମହାବୀର ମୌଜାର ୩୯ଟି ପ୍ଲଟର ୭୫୬ ଡ଼ିସିମିଲି ଏହିପରି ମୋଟ୍ ୨ଏକର ୪୭୮ ଡ଼ିସିମିଲି ଜମି ଅଧିଗ୍ରହଣ କରାଯିବ । ଏହାଦ୍ୱାରା ୪ଟି ମୌଜାର ୭୦୩ ଲୋକ କ୍ଷତିଗ୍ରସ୍ତ ହେବେ । ଏହି ଆରଓବିର ଲମ୍ବ ୮୯୫ ମିଟର ଓ ୨୪ ଫୁଟର ଚଉଡ଼ା ହେବ । ଏହି କାମ କରିବା ପାଇଁ ଏଆରଏସ୍‌ଏସ୍ କମ୍ପାନୀ ଟେଣ୍ଡର ପାଇଛି । ସେ ୪୫ କୋଟି ଟଙ୍କାର କାମ କରିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ୯୦ ପ୍ରତିଶତ ଜମି ଅଧିଗ୍ରହଣ ହେବା ପରେ ଏହି କମ୍ପାନୀ କାମ ଆରମ୍ଭ କରିବ । ପ୍ରାଥମିକ ପର୍ଯ୍ୟାୟରେ ବିଦ୍ୟୁତ୍, ସ୍ୱରେଜ,ଡ୍ରେନଜ ଓ ଆପ୍ରୋଚ ରୋଡ଼ ପରେ ବ୍ରିଜ୍ କାମ ଆରମ୍ଭ ହେବ । ଜମି ଅଧିଗ୍ରହଣ ପରେ ପୌରନିର୍ବାଚନ ପୂର୍ବରୁ ଏହି କାର୍ଯ୍ୟ ଆରମ୍ଭର ଭିତିପ୍ରସ୍ତର ଓ ଭୂମିପୂଜା କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଅନ୍ତମହାବିଦ୍ୟାଳୟ ସ୍ତରୀୟ ମହିଳା ଓ ପୁରୁଷ ବିଭାଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବାରିପଦା, ୦୫/୧୨ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧିନରେ ଅନ୍ତ ମହାବିଦ୍ୟାଳୟସ୍ତରୀୟ ମହିଳା ଓ ପୁରୁଷ ବିଭାଗର କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର କୁମାର ବସାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟକୁ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ବିଶ୍ୱବିଦ୍ୟାଳୟ ତରଫରୁ ଆୟୋଜନ କରୁଅଛି ଏବଂ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ଖେଳ ପଡିଆରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି । ଉଦ୍‌ଘାଟନି ଉତ୍ସବରେ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ସୁକାନ୍ତ କୁମାର ଦ୍ୱିବେଦୀ, ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକ, ବିଶ୍ୱବିଦ୍ୟାଳୟ ଖେଳ ଶିକ୍ଷକ ପ୍ରଦୀପ୍ତ ରଂଜନ ଦାସ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ପ୍ରଥମ ଥର ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ମହାବିଦ୍ୟାଳୟ ମାନଙ୍କ ମଧ୍ୟରେ ଆୟୋଜନ କରାଯାଉଅଛି । ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ମହିଳା କ୍ରିକେଟ ଟିମ ଫାଇନାଲକୁ ଉନ୍ନିତ କରିଥିବା ବେଳେ ବାରିପଦା ମହାବିଦ୍ୟାଳୟ, ଖୁଣ୍ଟା ମହାବିଦ୍ୟାଳୟକୁ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଛି । ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧ୍ୟାପକ ମଦନ ମୋହନ ସାହୁ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଥିବା ବେଳେ ବିଶିଷ୍ଟ କ୍ରିକେଟ ଖେଳାଳି ଅମିତାଭ ଦାସ, ସ୍ୱେଚ୍ଛାସେବୀ ଚନ୍ଦନ ସେଜପଡା, ଲୋକେଶ ମହାକୁଡ, କିର୍ତ୍ତିକୌଶିକ ନାୟକ, ବିରୁ ଟୁଡୁ, ବିବେକାନନ୍ଦ ବେହେରା ଓ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀମାନେ ସହଯୋଗ କରୁଛନ୍ତି । ବିଶ୍ୱବିଦ୍ୟାଳୟ କୁଳସଚିବ ସହଦେବ ସମାଧିଆ ଓ ବିତ୍ତନିୟନ୍ତ୍ରକ ସୁକୁଦେବ ତରାଇ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ଖଲ୍ଲିକୋଟରେ ସର୍ବାଧିକ ୧୫୮ ମିମି ବର୍ଷା ରେକର୍ଡ

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ଜୱାଦ ପ୍ରଭାବରେ ଉପକୂଳ ଓଡ଼ିଶାରେ ବର୍ଷା ଲାଗି ରହିଥିବା ବେଳେ ରାଜ୍ୟର ଖଲ୍ଲିକୋଟରେ ସର୍ବାଧିକ ୧୫୮ ମିମି ବର୍ଷା ରେକର୍ଡ କରାଯାଇଛି। ଏନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ନୟାଗଡ଼ରେ ୧୦୭.୫, ଛତ୍ରପୁରରେ ୮୬.୬ ଓ ଭୁବନେଶ୍ୱରରେ ୪୨.୩ ମିମି, ଖୋର୍ଦ୍ଧାର ବାଣପୁରରେ ୮୧, ଗଞ୍ଜାମର ପୋଲସରାରେ ୭୧.୮, ଜଗତସିଂହପୁରରେ ୬୮ ଓ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗରରେ ୬୫ ମିମି ବର୍ଷା ହୋଇଥିବା ଜଣାଯାଇଛି।

## ତାରିଣୀ ଯୁଥ କ୍ଲବ ପକ୍ଷରୁ ରକ୍ତ ଦାନ ଶିବିର ଅନୁଷ୍ଠିତ



ନୀଳଗିରି, ୦୫/୧୨ (ନି.ପ୍ର): ନୀଳଗିରିର ଅଲସୁଆ ଠାରେ ଥିବା ମା ତାରିଣୀ ଯୁଥ କ୍ଲବ ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସବ୍ୟସାଚୀ ମହାପାତ୍ର ଓରଫ ଟୁବୁ ଯୋଗଦେଇ ଆନୁଷ୍ଠାନିକ ଭାବେ ରକ୍ତଦାନ ଶିବିର କୁ ଉଦ୍ଘାଟନ କରିଥିଲେ । କ୍ଲବ ଏତାଦୃଶ କାଯ୍ୟ କୁ ମୁଖ୍ୟ ଅତିଥି ଭୂୟସୀ ପ୍ରଶଂସା କରିଥିଲେ । ବର୍ଷା ସତ୍ତେ ରକ୍ତ ଦାତା ମାନେ ଶିବିର ରେ ପହଂଚି ରକ୍ତ ଦାନ କରିଥିଲେ । ସମସ୍ତ ସଦସ୍ୟଙ୍କ ସହଯୋଗ ରେ ୬୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କ୍ଲବ ର ସଭାପତି, ସମ୍ପାଦକ ସମେତ ସଦସ୍ୟ ଦେବାଶିଷ ନାୟକ, କୃପାକର ସ, ଲକ୍ଷ୍ମୀପ୍ରିୟା ନାୟକ, ଆକାଶ ସ, ଜୀବନ ମହାନ୍ତି, ଲକ୍ଷ୍ମୀଧର ସ ପ୍ରଭୃତି ବହୁ ସଦସ୍ୟ ଉପସ୍ଥିତ ରହି ଏହି ରକ୍ତ ଦାନ ଶିବିର କୁ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo